ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK

ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.144 Bhubaneswar Thursday, July 22, 2021 | ୨୪ତମ ବର୍ଷ ସଂଖ୍ୟା-୧୪୪ ଭୁବନେଶ୍ୱର ଗୁରୁବାର, ଜୁଲାଇ ୨୨, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS



ନୂଆଦିଲ୍ଲୀରେ ଝାଡଖଣ୍ଡର ରାଜ୍ୟପାଳ ରମେଶ ବୈଶ୍ୟ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ସାକ୍ଷାତ ଆଲୋଚନା

## ଶ୍ରୀଜୀଉଙ୍କ ରାଜାଧିରାଜ ବେଶ : ମହଣ ମହଣ ସୁନାରେ ଝଲସିଲେ ମହାବାହୁ

ପୁରୀ, ୨୧।୭(ପି.ଏନ): ରଥଯାତ୍ରାର ଅନ୍ତିମ ପର୍ଯ୍ୟାୟରେ ସିଂହଦ୍ୱାର ଠାରେ ତିନି ରଥ ଉପରେ ଆଜି ଶ୍ରୀଜୀଉ ମାନଙ୍କ ରାଜାଧିରାଜ, ବଡତଢଉ ଓ ସୁନାବେଶ ଅନୁଷ୍ଠିତ ହୋଇଛି। ମହଣ ମହଣ ସୁନାରେ ଦାରୁବ୍ରହ୍ମ ସଜ୍ଜିତ ହେଲା ପରେ ଦୂରଦର୍ଶନ ଜରିଆରେ ଶ୍ରୀଜୀଉମାନଙ୍କ ଐଶ୍ୱର୍ଯ୍ୟ ଓ ଦିବ୍ୟ ବେଶ ଦେଖି ଭକ୍ତ ବିଭୋର ହୋଇଛନ୍ତି। ଶ୍ରୀମନ୍ଦିର ଭିତରେ ଶ୍ରୀଜିଉ ମାନେ ଚାରିଥର ସୁନାବେଶ ହେଉଥିବା ବେଳେ ରଥ ଉପରେ ଆଷାଢ ଶୁକ୍ଳ ଏକାଦଶୀ ରେ ସୁନାବେଶ ଅନୁଷ୍ଠିତ ହେଉଛି। ରତ୍ନସିଂହାସନରେ ଦଶହରା, କାର୍ତ୍ତିକ ପୂର୍ଣ୍ଣମୀ, ପୌଷ ପୂର୍ଣ୍ଣମୀ ଓ ଦୋଳ ପୂର୍ଣ୍ଣମୀରେ ସୁନାବେଶ ହୋଇଥାଏ। ରହସ୍ୟମୟ ଠାକୁରଙ୍କ ରହାସ୍ୟମୟ ଲୀଳା ଭକ୍ତମାନଙ୍କୁ ଆଶ୍ଚର୍ଯ୍ୟ କରିଥାଏ। ରଥଉପରେ ସମସ୍ତ ଅଳଙ୍କାର ସୁବର୍ଣ୍ଣ ହୋଇଥିବା ବେଳେ କେବଳ ଆୟୁଧ ଶଙ୍ଖ ରୂପା ରେ ନିର୍ମିତ। ଏହାସହ ଫୁଲରେ ନିର୍ମିତ ହୋଇଥାଏ ଅଧରମାଳ ମାକୁଆସି ଓ ଝୁମ୍ପା।

ରଥ ଉପରେ ଆଜି ବିଭିନ୍ନ ନୀତି ଅନୁଷ୍ଠିତ ହୋଇଛି। ସକାଳ ୭ଟା୧୦ ରେ ମଙ୍ଗଳଆଳତୀ, ମଇଲମ, ତଡପଲାଗି, ଅବକାଶ ପୁଜା ଓ ବେଶ ସକାଳ ୯ଟା୩୦ ରେ ଶେଷ ହୋଇଥିଲା । ୯ଟା୫୫ ରେ ଗୋପାଳ ଭୋଗ ନୀତି ଆରମ୍ଭ ହୋଇ ୧୦ଟା୨୦ ମିନିଟରେ ସରିଥିଲା। ୧୦ଟା ୪୦ ରେ ସକାଳଧୂପ ଛେକ ଉଠିଥିଲା। ମଧ୍ୟାହ୍ନ ୧୨ଟାରେ ମଇଲମ, ୧୨ଟା୨୫ ରେ ମହାସ୍ନାନ, ୧୨ଟା୩୫ ରେ ସର୍ବାଙ୍ଗ ଓ ୧ଟା୧୦ ରେ ବେଶ ଶେଷ ହୋଇଥିଲା। ଅପରାହ୍ନ ୨ଟା୩୦ ରେ ମଧ୍ୟାହ୍ନ ଧୂପ ହୋଇଥିଲା। ମଧ୍ୟାହ୍ନଧୂପ ପରେ ରଥ ଉପରେ ସୁନାବେଶ ଆରମ୍ଭ ହୋଇଥିଲା। ସୁନାବେଶର ସମସ୍ତ ସାମଗ୍ରୀ ଶ୍ରୀମନ୍ଦିର ଭଣ୍ଡାର ଘରୁ ପାଳିଆ ମେକାପ, ଖୁଂଟିଆ ସେବକ, ମାର୍କିଣ୍ଡ ଟ, ଶ୍ରୀମନ୍ଦିର ଅଧିକାରୀ,ଗାରଦ କର୍ମଚାରୀ ଓ ପୁଲିସ ଫୋର୍ସ ସହ ରଥ ଉପରକୁ ଅଣାଯାଇଥିଲା। ରଥ ଉପରେ ପାଳିଆ ପୁଷ୍ପାଳକ, ଦଇତାପତି, ଖୁଂଟିଆ ମେକାପ, ତଲୁଛ, ଭିତରଛ ସେବକମାନେ ଶାଢୀ ଲାଗି ପରେ ଶ୍ରୀଜୀଉମାନଙ୍କୁ ସୁନାବେଶ କରିଥିଲେ।

ଶ୍ରୀବଳଭଦ୍ରଙ୍କ ସ୍ୱର୍ଣ୍ଣ ଅଳଙ୍କାର- ଶ୍ରୀବଳଭଦ୍ର ଠାକୁରଙ୍କୁ ସ୍ୱର୍ଣ୍ଣର ଶ୍ରୀପୟର, ଶ୍ରୀଭୂଜ, କିରୀଟ, ଓଡିଆଣୀ, କୁଣ୍ଡଳ, ଚନ୍ଦ୍ରସୂର୍ଯ୍ୟ, ଆଡକାନି, ଘାଗଡାମାଳି, କଦମ୍ବ ମାଳି, ତିଳକ, ଚନ୍ଦ୍ରିକା, ଅଳକା, ଝୋବାକଣ୍ଠି, ହଳ ଓ ମୂଷଳ, ବାହାଡା ମାଳି, ବାଘନଖ ମାଳି, ସେବତୀମାଳି ଓ ତ୍ରିଖଣ୍ଡିକା କମରପଟି ଲାଗି ହୋଇଥିଲା। ମହାପ୍ରଭୁ ସୁବର୍ଣ୍ଣ ବେଶ ହେବାପରେ ଝଲସୁ ଥିଲେ।

ମା ସୁଭଦ୍ରାଙ୍କ ସ୍ୱର୍ଣ୍ଣ ଅଳଙ୍କାର- ମା ସୁଭଦ୍ରାଙ୍କୁ ଲାଗି ହୋଇଥିବା ସ୍ୱର୍ଣ୍ଣ ଅଳଙ୍କାର ମଧ୍ୟରେ କିରିଟ, ଓଡିଆଣି, କାନ, ଚନ୍ଦ୍ରସୂର୍ଯ୍ୟ, ଘାଗଡାମାଳି, କଦମ୍ବ ମାଳି, ତଗଡୀ ଓ ସେବତୀ ମାଳି ଲାଗି ହୋଇଥିଲା।

ଶ୍ରୀଜଗନ୍ନାଥଙ୍କ ସ୍ୱର୍ଣ୍ଣ ଅଳଙ୍କାର- ଶ୍ରୀଭୂଜ, ଶ୍ରୀପୟର, କିରିଟ, ଓଡିଆଣି, ଚନ୍ଦ୍ରସୂର୍ଯ୍ୟ, ଆଡକାନି, ଘାଗଡାମାଳି, କଦମ୍ବମାଳି, ତିଳକ, ଚନ୍ଦ୍ରିକା, ଅଳକା, ଝୋବାକଣ୍ଠି, ସ୍ୱର୍ଣ୍ଣଚକ୍ର, ରୌପ୍ୟଶଙ୍ଖ, ହରିଡାମାଳି, କଦମ୍ବମାଳି, ବାହାଡା ମାଳି, ତାବିଜ ମାଳି, ସେବତୀ ମାଳି ଓ ତ୍ରିଖଣ୍ଡିକା କମରପଟି ସ୍ୱର୍ଣ୍ଣଅଳଙ୍କାର ଲାଗି ହୋଇଥିଲା।

ରଥଉପରେ ତିନିଠାକୁର ସୁବର୍ଣ୍ଣବେଶ ହେବା ପରେ ଅତି ଚମତ୍କାର ଦିଶୁଥିଲେ। ଚାରିପଟୁ ହାଲୋଜିନ ଲାଇଟ ସ୍ୱର୍ଣ୍ଣଅଳଙ୍କାର ଉପରେ ପଡି ଝଟକୁଥିଲା। ସୁବର୍ଣ୍ଣ ବେଶକୁ ସେବାୟତ, ଶ୍ରୀମନ୍ଦିର କର୍ମଚାରୀ,ସରକାରୀ ଅଧିକାରୀ,ପୁଲିସ କର୍ମଚାରୀ ସିଧାସଳଖ ଦର୍ଶନ କରିଥିଲେ। ଲକ୍ଷଲକ୍ଷ ଭକ୍ତ ଦୂରଦର୍ଶନ ଜରିଆରେ ଘରେ ବସି ଏହି ଦୁର୍ଲଭ ବେଶକୁ ଦର୍ଶନ କରିଥିଲେ। ଏହି ସୁନାବେଶ ରାତି ୧୨ଟା ପର୍ଯ୍ୟନ୍ତ ରହିବ। ରାତି ୧୨ଟା ପରେ ସୁନାବେଶ ମଇଲମ ହେବ। ସୁବର୍ଣ୍ଣ ବେଶରେ ଥାଇ ଶ୍ରୀଜୀଉଙ୍କ ସନ୍ଧ୍ୟା ଅଳତୀ, ସନ୍ଧ୍ୟାଧୂପ ନୀତି ହୋଇଥିଲା।

## ମେଡିକାଲରେ ଖତ ଖାଉଛି ମହାପ୍ରୟାଣ ; ଶବ ନେବାରେ ଗରିବ ଶୋଷଣର ଶୀକାର

ଭଦ୍ରକ, ୨୧।୭(ପି.ଏନ): ଦରିଦ୍ର ସୀମାରେଖା ତଳେ ଥିବା ଗରିବ ଲୋକଙ୍କ ସମେତ ତଫସିଲଭୁକ୍ତ ଜାତି ଓ ଜନଜାତି ପାଇଁ ରାଜ୍ୟ ସରକାର 'ମହାପ୍ରୟାଣ' ଯୋଜନା ପ୍ରଣୟନ କରିଥିବାବେଳେ ଭଦ୍ରକ ଜିଲା ସଦର ମହକୁମାର ମୁଖ୍ୟ ଚିକିତ୍ସାଳୟରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଦୀର୍ଘ ୩/୪ ମାସ ହେବ ଏହି ମହାପ୍ରୟାଣ ଗାଡିଟି ମେଡିକାଲରେ ଖତ ଖାଉଛି। ଏଠାରେ ସୂଚନାଯୋଗ୍ୟ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରୁଥିବା ଉପରୋକ୍ତ ଲୋକଙ୍କ ସଂପର୍କୀୟଙ୍କ ଶବକୁ ନିଜ ଘରକୁ ନେବାପାଇଁ ରାଜ୍ୟ ସରକାର ମହାପ୍ରୟାଣ ନାମକ ଏହି ଗାଡିର ସୁବନ୍ଦୋବସ୍ତ କରିଥିଲେ। ପୂର୍ବରୁ ଗରିବ ଲୋକଟିଏର କୌଣସି ସଂପର୍କୀୟ ମୃତ୍ୟୁବରଣ କଲେ ଅର୍ଥାଭାବାରୁ ତାର ଶବକୁ ଏହି ସହରର ଛପୁଲିଆ ନିକଟ ପୋଲ ତଳେ ଫିଙ୍ଗି ଦିଆଯାଉଥିଲା। ମାତ୍ର ସରକାରଙ୍କ ମହାପ୍ରୟାଣ ଯୋଜନା ମୂଳେ ଜିଲା ରେଡକ୍ରସ୍ ଅଧୀନରେ ଏହି ଗାଡିଟିକୁ ଅନ୍ୟମାନଙ୍କ ପାଇଁ କିଲୋମିଟର ପିଛା ୬ ଟଙ୍କା ସହ ୩ ଶହ ଟଙ୍କା ଜମା ଦେବାକୁ ପଡିଥାଏ। କିନ୍ତୁ ଏସ୍‌ସି/ଏସ୍‌ଟି କ୍ଷେତ୍ରରେ ସଂପୂର୍ଣ୍ଣ ମାଗଣା। ମାତ୍ର ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏହି ଗାଡିଟର ଦୂରାବସ୍ଥା ପ୍ରତି କେହି ଦୃଷ୍ଟି ନଦେବା ଫଳରେ ଏଠାରେ ମୃତ୍ୟୁବରଣ କରୁଥିବା ଗରିବ ଲୋକମାନଙ୍କ ସଂପର୍କୀୟମାନେ ନାହିଁନଥିବା ଶୋଷଣର ସମ୍ମୁଖୀନ ହେଉଛନ୍ତି। ଏବେ ଦୀର୍ଘଦିନ ହେବ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିବା ଚାନ୍ଦବାଲି ଅଂଚଳର ଜଣେ ଆଦିବାସୀ ଟୁଡୁ ମୁଣ୍ଡାର ପତ୍ନୀର ଶବକୁ ନିଜ ଗାଁକୁ ନେବାରେ ସେ ମୃତ ପତ୍ନୀର ପିନ୍ଧିଥିବା ରୂପାବଳାକୁ ବିକ୍ରି କରିବାକୁ ବାଧ ହୋଇଥିଲା ବୋଲି ଗଣମାଧ୍ୟମରେ କହିଛି। ଏଣୁ ସରକାର ଓ ଜିଲା ପ୍ରଶାସନ ଏହି ଯୋଜନାର ସଫଳ ରୂପାୟନ ଦିଗରେ ଉଚିତ୍ ଦୃଷ୍ଟି ଦେଇ ପରିତ୍ୟକ୍ତ ଅବସ୍ଥାରେ ପଡିରହିଥିବା ମହାପ୍ରୟାଣ ଗାଡିଟିକୁ ଚଳନକ୍ଷମ କରିବାକୁ ବିଶିଷ୍ଟ ଆଇନ୍‌ଜୀବୀ ତଥା ଶ୍ରମିକ ନେତା ଦିବ୍ୟସିଂହ ନାୟକ ଦାବି କରିଛନ୍ତି।

## ଗୋଟିଏ ଦିନରେ ୧୯୨୭ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୧।୭(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୯୨୭ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୫୯୯୮୬ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୯୩୫୦୦୭ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୧୯୬୮୫ ରହିଛି । ଆଜି ଚିହ୍ନଟ ହୋଇଥିବା ୧୯୨୭ ଜଣଙ୍କ ମଧ୍ୟରୁ ୧୧୧୫ ଜଣ ସଂଗରୋଧରୁ ହୋଇଥିବା ବେଳେ ୮୧୨ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୪୯୮ ଜଣ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୫୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୧୧୧ ଜଣ, ବରଗଡ଼ରୁ ୨୭ ଜଣ, ଭଦ୍ରକରୁ ୧୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୧୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୦୭, କଟକରୁ ୨୪୮, ଦେବଗଡ ଜିଲ୍ଲାରୁ ୬ ଜଣ, ଢେଙ୍କାନାଳ ଜିଲ୍ଲାରୁ ୭୫ ଜଣ, ଗଜପତି ଜିଲ୍ଲାରୁ ୪ , ଗଞ୍ଜାମରୁ ୧୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୯୧ ଜଣ, ଯାଜପୁରରୁ ୧୨୩ ଜଣ, ଝାରସୁଗୁଡ଼ାରୁ ୦୮ ଜଣ, କଳାହାଣ୍ଡିରୁ ୭ ଜଣ, କନ୍ଧମାଳ ଜିଲ୍ଲାରୁ ୧୮ ଜଣ. କେନ୍ଦ୍ରାପଡ଼ାରୁ ୭୩ ଜଣ, କେନ୍ଦୁଝରରୁ ୩୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୪୯୮ ଜଣ, କୋରାପୁଟରୁ ୮ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୧୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୯୦ ଜଣ, ନବରଙ୍ଗପୁରରୁ ୧୫ ଜଣ, ନୟାଗଡ଼ରୁ ୬୪ଜଣ, ନୂଆପଡ଼ାରୁ ୦୫ ଜଣ, ପୁରୀରୁ ୧୦୩ ଜଣ, ରାୟଗଡ଼ାରୁ ୨୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୩୩ ଜଣ, ସୋନପୁରରୁ ୮ ଜଣ, ସୁନ୍ଦରଗଡ଼ରୁ ୩୮ ଜଣ ଓ ଷ୍ଟେଟ୍ ପୁଲରୁ ୧୦୦ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ୨୪ ଘଂଟାରେ ୧୯୪୩ ଆକ୍ରାନ୍ତ ସୁସ୍ଥ

ଭୁବନେଶ୍ୱର, ୨୧।୭(ପି.ଏନ): ରାଜ୍ୟରେ ଆଜି କରୋନା ଭାଇରସ ସଂକ୍ରମଣରୁ ୧୯୪୩ ଜଣ ଲୋକ ସୁସ୍ଥ ହୋଇଛନ୍ତି। ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୯ ଲକ୍ଷ ୩୬ ହଜାର ୯୫୦ରେ ପହଂଚିଛି ।ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି ।ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୩୫୬ ଜଣ ଓ କଟକ ଜିଲ୍ଲାରୁ ୨୬୩ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଯାଜପୁର ଜିଲ୍ଲାରୁ ୨୪୨, ବାଲେଶ୍ୱରରୁ ୧୪୩, ମୟୂରଭଂଜରୁ ୧୦୩, ଭଦ୍ରକରୁ ୯୪, ଜଗତସିଂହପୁରରୁ ୯୧, ସୁନ୍ଦରଗଡ଼ରୁ ୭୩, ନୟାଗଡରୁ ୭୦, ଅନୁଗୁଳରୁ ୬୫ ଓ ଢେଙ୍କାନାଳରୁ ୬୪ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।କେନ୍ଦ୍ରାପଡ଼ାରୁ ୫୪, କେନ୍ଦୁଝରରୁ ୩୫, କୋରାପୁଟ ଓ ରାୟଗଡ଼ାରୁ ୨୧ ଜଣ ଲେଖାଏଁ, ନବରଂଗପୁରରୁ ୧୪, ବଲାଙ୍ଗୀରରୁ ଜଣେ ଏବଂ ରାଜ୍ୟପୁଲରୁ ୫୯ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।

## ୨୩ ଜିଲ୍ଲାକୁ ୟେଲୋ ୱ୍ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର, ୨୧।୭(ପି.ଏନ): ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ଅନେକ ଜିଲ୍ଲାରେ ପ୍ରବଳ ବର୍ଷା ସହ ବଜ୍ରପାତ ସମ୍ଭାବନା ରହିଛି। ଏଥିପାଇଁ ୨୩ ଟି ଜିଲ୍ଲାକୁ ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୟେଲୋ ୱ୍ୱାର୍ଣ୍ଣି ଜାରି କରାଯାଇଛି। ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ କଟକ, ଭଦ୍ରକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଖୋର୍ଦ୍ଧା, ପୁରୀ, କୋରାପୁଟ, ମାଲକାନଗିରି, ବାଲେଶ୍ୱର, କନ୍ଧମାଳ, ଯାଜପୁର, ମୟୁରଭଞ୍ଜ ଓ ସୁନ୍ଦରଗଡ଼ ଆଦି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର, ମୟୁରଭଞ୍ଜ, ସୁନ୍ଦରଗଡ଼, ଢେଙ୍କାନାଳ, ରାୟଗଡ଼ା, କନ୍ଧମାଳ, ବୌଦ୍ଧ ଓ ଅନୁଗୁଳ ଜିଲ୍ଲାରେ ବଜ୍ରପାତ ସମ୍ଭାବନା ଥିବାରୁ ୟେଲୋ ୱ୍ୱାର୍ଣ୍ଣିଂ ଜାରି କରାଯାଇଛି।

## କ୍ଷେପଣାସ୍ତ୍ର ଆକାଶର ପରୀକ୍ଷଣ

ବାଲେଶ୍ୱର, ୨୧।୭(ପି.ଏନ): ବାଲେଶ୍ୱର ଚାନ୍ଦିପୁର ସ୍ଥିତ ୩ ନଂ ଲଂଚପ୍ୟାଡରୁ ଆକାଶ କ୍ଷେପଣାସ୍ତ୍ରର ପରୀକ୍ଷଣ କରାଯାଇଛି । ଅପରାହ୍ନ ସାଢ଼େ ୧୨ଟାରୁ ଗୋଟାଏ ମଧ୍ୟରେ ଏହାର ପରୀକ୍ଷଣ କରାଯାଇଛି । ଭୂପୃଷ୍ଠରୁ ଆକାଶ ମାର୍ଗକୁ ଟାର୍ଗେଟ୍ କରୁଥିବା ଆକାଶର ଲକ୍ଷ୍ୟଭେଦୀ କ୍ଷମତା ୪୦ କିମି । ଏଥି ସହିତ ୬୦ କେଜି ଯୁଦ୍ଧାସ୍ତ୍ର ବହନର କ୍ଷମତା ରଖିଛି କ୍ଷେପଣାସ୍ତ୍ର ଆକାଶ ।



## ୨୬ରୁ ଖୋଲିବ ହଷ୍ଟେଲ୍



ଭୁବନେଶ୍ୱର, ୨୧।୭(ପି.ଏନ): ଆସନ୍ତା ୨୬ ତାରିଖ ଠାରୁ ଉଭୟ ଦଶମ ଓ ଦ୍ୱାଦଶ ଶ୍ରେଣୀର ପିଲାଙ୍କ ପାଇଁ ହଷ୍ଟେଲ ଗୁଡ଼ିକ ଖୋଲିବ। ଏନେଇ ରାଜ୍ୟ ସରକାରଙ୍କ ଅତିରିକ୍ତ ସଚିବ ଡା. ପ୍ରତାପ କୁମାର ମିଶ୍ର ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା ପରିଷଦର ଅଧ୍ୟକ୍ଷ ଏବଂ ମାଧ୍ୟମିକ ଶିକ୍ଷା ବୋର୍ଡର ସଭାପତିଙ୍କୁ ଚିଠି ଲେଖିଛନ୍ତି । ରାଜ୍ୟ ସରକାରଙ୍କ ଘୋଷଣା ଅନୁସାରେ ଘରୋଇ ସଂସ୍ଥା ପରିଚାଳିତ ଇଂଲିଶ ମିଡିୟମ ସ୍କୁଲ, ଗଣଶିକ୍ଷା, ଏସ୍/ଏସ୍‌ଟି ଓ ପଛୁଆ ବର୍ଗ ପରିଚାଳିତ ହଷ୍ଟେଲ ଖୋଲିବ। ହଷ୍ଟେଲ ଖୋଲିବା ନେଇ ଗଣଶିକ୍ଷା ବିଭାଗ ପକ୍ଷରୁ ଏସ୍‌ଓପି ଜାରି ହୋଇଛି । ନିର୍ଦ୍ଦିଷ୍ଟ ବ୍ୟବଧାନରେ ମେସ୍ ଓ ଶୌଚାଳୟ ବିଶୋଧନ ହେବ। ହଷ୍ଟେଲ୍ ରେ ଆଇସୋଲେସନ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମାର୍ଗଦର୍ଶିକା ମାନିବାକୁ ଏସ୍‌ଓପିରେ ନିର୍ଦ୍ଦେଶ ଦିଆଯାଇଛି ।ସେହିପରି ସଂସ୍ଥା ଛାତ୍ରଙ୍କ ସ୍ୱାସ୍ଥ୍ୟ ପ୍ରତି ସତର୍କ ରହିବାକୁ ପଡ଼ିବ। ହଷ୍ଟେଲରେ ଯୋଗଦେବା ପୂର୍ବରୁ ଛାତ୍ରଛାତ୍ରୀ ଅଭିଭାବକଙ୍କର ଅନୁମତି ନେବେ । ସ୍ଥାନୀୟ ସ୍ୱାସ୍ଥ୍ୟ ସଂସ୍ଥା ସହିତ ଶିକ୍ଷାପ୍ରତିଷ୍ଠାନର ମୁଖ୍ୟ ସଂପର୍କରେ ରହିବେ । ହଷ୍ଟେଲ ପରିସରରେ ଗହଳିକୁ ବାରଣ କରାଯାଇଛି । ଏଥି ପାଇଁ ହଷ୍ଟେଲ କର୍ତ୍ତୃପକ୍ଷଙ୍କୁ ନଜର ରଖିବାକୁ ପରାମର୍ଶ ଦିଆଯାଇଛି ।

## ଅନୁପ ଶତପଥୀ ନାଗପୁର ଓଡ଼ିଆ ସମାଜ ଅଧ୍ୟକ୍ଷ ଭାବେ ପୁନଃ ନିର୍ବାଚିତ





ଭୁବନେଶ୍ୱର,ବ୍ୟୁରୋ: ନାଗପୁର ଓଡ଼ିଆ ସମାଜ ଦ୍ୱାରା ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ ସର୍ବଭାରତୀୟ ରେଳସେବା ଅଧିକାରୀ ଶ୍ରୀ ଅନୁପ ଶତପଥୀ ପୁନର୍ବାର ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଅନ୍ୟ ନିର୍ବାଚିତ ପ୍ରତିନିଧି ହେଲେ- ଗଣେଶ ଚନ୍ଦ୍ର ଦାସ, ସାଧାରଣ ସମ୍ପାଦକ, ଭବାନୀ ମିଶ୍ର, ବି.କେ. ଷଡ଼ଙ୍ଗୀ, ପ୍ରଶାନ୍ତ ମିଶ୍ର, ସତ୍ୟବ୍ରତ ମିଶ୍ର ଉପଭାପତି, ସହ-ସମ୍ପାଦକ ଓ କୋଷାଧ୍ୟକ୍ଷ। ହରିହର ନନ୍ଦ, ମୀନକେତନ ମହାନ୍ତି, ଦେବାଶିଷ ମହାନ୍ତି, ତାରାପ୍ରସାଦ ଆଚାର୍ଯ୍ୟ, ଭୀମସେନ ନାୟକ, ମହେଶ ନନ୍ଦ, ପ୍ରଶାନ୍ତ ମହାନ୍ତି, ଆର୍ତ୍ତବନ୍ଧୁ ବେହେରା, ବି.ବି. ପଣ୍ଡାଙ୍କୁ ମିଶାଇ ୯ ଜଣ ସାଧାରଣ କାର୍ଯ୍ୟକାରୀ ପରିଷଦକୁ ନିର୍ବାଚିତ ହୋଇଛନ୍ତି। ସଭା ପ୍ରାରମ୍ଭ ଶ୍ରୀଜଗନ୍ନାଥ ସ୍ତୋତ୍ର ପାଠ ଦୀପ ପ୍ରଜ୍ୱଳ ସହ କରୋନା ମହାମାରୀରେ ମୃତ୍ୟୁବରଣ କରିଥିବା ୨୩ ସଭ୍ୟଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ମହିଳା ବିଭାଗ ସାଂସ୍କୃତିକ ସମ୍ପାଦିକା ପଦ୍ମଜା ସିହ୍ନା ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ଶ୍ରୀ ପ୍ରମୋଦ ମିଶ୍ର, ପ୍ରଭାତ ବାରିକ, ଚିତ୍ତରଞ୍ଜନ ଭୂଇଁଆ, ବନମାଳୀ ସାମଲ, ରୁଦ୍ରମୋହନ ଦାସ, ମହିଳା ବିଭାଗ ସଭାପତି ସବିତା ନନ୍ଦ, ସମ୍ପାଦିକା ରୁବି ଦାସ, ଉପସଭାନେତ୍ରୀ ଜୟନ୍ତୀ ଦାସ, ସଭ୍ୟା ପୂଜା ସାମଲ, ଲିସା ମିଶ୍ର, ଉଷା ମିଶ୍ର, ଲିନା ଦାସ ଏବଂ ମୀନତି ଷଡ଼ଙ୍ଗୀଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା। ସଭା ଶେଷରେ ବିଜୟ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଜମି ଫାଟି ଆଁ କଲାଣି, ଚିନ୍ତାରେ ଚାଷିକୂଳ

ନୂଆପଡା,୨୧।୭(ପି.ଏନ): ନୂଆପଡା ଜିଲ୍ଲାର ଚାଷୀଙ୍କ ଚାଷଜମିରେ ଜଳସେଚନ ବ୍ୟବସ୍ଥା ନଥିବାରୁ ବିଶେଷ କରି ଜିଲ୍ଲାର ଚାଷୀକୂଳ ବର୍ଷା ଜଳ ଉପରେ ନିର୍ଭର କରି ଚାଷବାସ କରିଥାନ୍ତି ।ହେଲେ ବର୍ଷାର ଦେଖାନଥିବାରୁ ଚାଷୀକୂଳ ମଧ୍ୟରେ ଭାଲେଣି ଦେଖାଦେଲାଣି । ନୂଆପଡା ଜିଲ୍ଲାର ୮୦ ପ୍ରତିଶତରୁ ଅଧିକ ଜମିରେ ଜଳସେଚନର ବ୍ୟବସ୍ଥା ନଥିବା ବେଳେ ଏଠାକାର ଚାଷୀକୂଳ ବର୍ଷା ଜଳ ଭରଷାରେ ନିଜ ଚାଷବାସ କରିଥାନ୍ତି । ହେଲେ ଚଳିତ ବର୍ଷ ଜୁଲାଇ ମାସ ଶେଷ ହେବାକୁ ବସିଥିବା ବେଳେ ବର୍ଷାର ଦେଖା ନାହିଁ ।ଗତ ୨୦ ଦିନ ପୂର୍ବେ ମୌସୁମୀ ବାୟୁ ଯୋଗୁଁ ଜିଲାର ଅନେକ ସ୍ଥାନରେ ବର୍ଷା ହୋଇ ବର୍ଷା ପାଣି ଜମି ରହିଥିଲା । ହେଲେ ବର୍ତ୍ତମାନ ତାହା ସୁଖି ଯାଇଥିବା ଦେଖିବାକୁ ମିଳିଛି ।ଏହି ବର୍ଷା ପର୍ଯ୍ୟାପ୍ତ ନଥିଲେ ମଧ୍ୟ କିଛି ମାତ୍ରାରେ ଚାଷୀଙ୍କୁ ଚଷିବା ସହ ଧାନ ବୁଣାରେ ସହାୟକ ହୋଇଥିଲା ।

## ସ୍କୁଲ ଖୋଲିବ ! ଶିକ୍ଷାଦାନ ପାଇଁ ଶିକ୍ଷକ ନାହାଁନ୍ତି

ଭଦ୍ରକ, ୨୧।୭(ପି.ଏନ): ଆସନ୍ତା ୨୬ ତାରିଖରୁ ପର୍ଯ୍ୟାୟକ୍ରମେ ସରକାରଙ୍କ ବିଦ୍ୟାଳୟ ଖୋଲିବା ନିଷ୍ପତି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଛି। ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏହାକୁ ଶିକ୍ଷକ ଅଭିଭାବକ ମହଲରେ ସ୍ୱାଗତ କରାଯାଇଛି। ବିଦ୍ୟାଳୟ ଗୁଡିକର ଭିତିଭୂମି ଅଭାବ ସାଙ୍ଗକୁ ଶିକ୍ଷକ କର୍ମଚାରୀମାନଙ୍କ ପଦବୀ ଶୂନ୍ୟକୁ ନେଇ ଶିକ୍ଷାଦାନ ବ୍ୟବସ୍ଥା କିପରି ଚାଲିବ ଏନେଇ ଅଭିଭାବକ ଛାତ୍ରଛାତ୍ରୀମାନଙ୍କୁ ଉଜ୍ଜ୍ୱଳ ଭବିଷ୍ୟତର ଚିନ୍ତା ଘାରିଛି। ପିଲାଙ୍କ ଶିକ୍ଷାଦାନ ବ୍ୟବସ୍ଥାକୁ ନସଜାଡି ସ୍କୁଲ ଖୋଲିବା ନିଷ୍ପତି ପିଲାମାନଙ୍କ ଭବିଷ୍ୟତକୁ ଅନ୍ଧାର ମଧ୍ୟକୁ ଠେଲି ଦେଇଛି ବୋଲି ଶିକ୍ଷାବିତ୍ ବିଶେଷକରି ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡିକରେ ବିଷୟ ଭିତିକ ବହୁ ଶିକ୍ଷକ ପଦବୀ ଦୀର୍ଘବର୍ଷ ଧରି ଫାଙ୍କା ପଡିରହିଛି। ଏହି ସବୁ ବିଦ୍ୟାଳୟ ଗୁଡିକର ଶିକ୍ଷକମାନେ ଅବସର ନେବା ପରେ କୌଣସି ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇନାହିଁ। ଭଦ୍ରକ ଜିଲାରେ ୨୦୨୦ ରେ ୪୯ ଓ ୨୦୨୧ ରେ ୪୦ ଜଣ ଶିକ୍ଷକ ଅବସର ନେବା ପରେ ଏମାନଙ୍କ ସ୍ଥାନରେ ଶିକ୍ଷକ ନିଯୁକ୍ତି ଦିଆଯାଇନାହିଁ। ପୂର୍ବ ବର୍ଷ ମାନଙ୍କରେ ମଧ୍ୟ ଅବସର ନେଇଥିବା ଶିକ୍ଷକଙ୍କ ସ୍ଥାନ ଆଜିଯାଏ ପୂରଣ ହୋଇପାରୁନାହିଁ। ଏବେ ଜିଲାରେ ଏହିସବୁ ବିଦ୍ୟାଳୟ ଗୁଡିକରେ ୨/୩ ଜଣ ଶିକ୍ଷକଙ୍କୁ ନେଇ ଶିକ୍ଷାଦାନ ବ୍ୟବସ୍ଥା ଚାଲିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ବିଷୟଭିତିକ ଶିକ୍ଷକ ଅଭାବରୁ ପିଲାମାନଙ୍କ ପାଠପଢା କ୍ଷତିଗ୍ରସ୍ତ ଘଟୁଛି। ଅନୁସନ୍ଧାନରୁ ଜଣାଯାଇଛି କେତେକ ସ୍କୁଲରେ କ୍ରୀଡା ଓ ହିନ୍ଦୀ ଶିକ୍ଷକ ଏପରିକି କିରାରୀ ଇଂରାଜୀ ଓ ବିଜ୍ଞାନ ବିଷୟରେ ପାଠ ପଢାଉଥିବା ଜଣାଯାଇଛି। ବନ୍ତ ବ୍ଲକ୍ ଅଣ୍ଡିଆ ହାଇସ୍କୁଲର ଜଣେ ପ୍ରଧାନ ଶିକ୍ଷକଙ୍କ ସହ ହୀନ୍ଦି ଶିକ୍ଷକ କିରାରୀ ଓ ପିଅନକୁ ନେଇ ପାଠପଢା ଚାଲିଛି। ଧାମନଗର ବ୍ଲକ୍ ସାହୁସାହି ଶ୍ରୀ ଜଗନ୍ନାଥ ହାଇସ୍କୁଲ ଓ ଖଡି ମହାରାଜ ଲକ୍ଷ୍ମୀନାରାୟଣ ହାଇସ୍କୁଲରେ କ୍ରୀଡା ଶିକ୍ଷକ ପ୍ରଧାନ ଶିକ୍ଷକ ଦାୟିତ୍ୱ ତୁଲାଉଥିବା ଜଣାଯାଇଛି। ଭଣ୍ଡାରିପୋଖରୀ ବ୍ଲକ୍ ମାଳଦା ହାଇସ୍କୁଲ ଜଣେ ଶିକ୍ଷକ ଓ ଜଣେ କ୍ରୀଡା ଶିକ୍ଷକ ପ୍ରଧାନ ଶିକ୍ଷକ ଦାୟିତ୍ୱ ତୁଲାଉଛନ୍ତି। କଳା, ବିଜ୍ଞାନ, ସଂସ୍କୃତ, ହିନ୍ଦୀରେ କୌଣସି ଶିକ୍ଷକ ନାହାଁନ୍ତି। ଏହିଭଳି ବହୁ ବିଦ୍ୟାଳୟରେ ଶିକ୍ଷାଦାନ ବ୍ୟବସ୍ଥା ଜିଲାରେ ଚାଲିଛି। ପ୍ରକାଶଯୋଗ୍ୟ, ରାଜ୍ୟ ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟଗୁଡିକ ୧୯୯୪ ଜୁନ୍ ୧ ତାରିଖ ଠାରୁ ସରକାର ହାତକୁ ନେଇଥିଲେ। ସେହି ସମୟରେ ୬୧୦ ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଆଜିଯାଏ ସରକାରୀ କରଣରୁ ବାଦ୍ ପଡିଛି। ଏହାବ୍ୟତୀତ ୩ ହଜାରରୁ ଉର୍ଦ୍ଧ୍ୱ ବେସରକାରୀ ବିଦ୍ୟାଳୟ ପ୍ରଥମ ପର୍ଯ୍ୟାୟରେ ବ୍ଲକ୍ ଗ୍ରାଂଟ ଓ ପରେ ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ଭାବେ ସରକାର ସ୍ୱୀକୃତ ପ୍ରଦାନ କରିଥିଲେ ମଧ୍ୟ ଆଜିଯାଏ ଏହିସବୁ ବିଦ୍ୟାଳୟ ଗୁଡିକର ଭିତିଭୂମିର ବିକାଶ ଓ ଶିକ୍ଷକ କର୍ମଚାରୀ ନିଯୁକ୍ତି ପ୍ରତି ସରକାର ଗୁରୁତ୍ୱ ଦେଇନାହାଁନ୍ତି। ଛାତ୍ରଛାତ୍ରୀମାନଙ୍କ ପାଠପଢାରେ ଘୋର ସମସ୍ୟା ସୃଷ୍ଟି ହୋଇଛି। ଜିଲାରେ ୧୫୬୦ ମଂଜୁରୀ ପ୍ରାପ୍ତ ଶିକ୍ଷକ ପଦବୀ ଆବଶ୍ୟକ ଥିବାବେଳେ ଏବେ ୯୮୧ ଜଣ ଶିକ୍ଷକ ଅଛନ୍ତି, ୫୭୯ ପଦବୀ ଫାଙ୍କା ପଡିଛି। ଜିଲାରେ ସରକାରୀ ସ୍କୁଲ ୧୬୮ ସରକାରୀ ସ୍କୁଲ ଥିବାବେଳେ ୩୪ ଏଡେଡ୍ ସ୍କୁଲ ୯୨ ବ୍ଲକ୍ ଗ୍ରା ଓ ୭ଟି ଅପଗ୍ରେଡ୍ ହାଇସ୍କୁଲ ମୋଟ ୩୦୨ ଉଚ୍ଚ ବିଦ୍ୟାଳୟ ଜିଲାରେ ଅଛି। ଏହିସବୁ ବିଦ୍ୟାଳୟ ଗୁଡିକର ଉପସ୍ଥାନ ସଂଖ୍ୟା ୭୫ ହଜାର ୫୭୪ ରହିଛି।

## ନାଭି ମୁମ୍ବାଇରେ ଶ୍ରୀଜିଉଙ୍କ ସୁନାବେଶ

ଭୁବନେଶ୍ୱର,ମୁମ୍ବାଇ,୨୧।୭(ପି.ଏନ): ନାଭି ମୁମ୍ବାଇର ଖରଘର ସେକ୍ଟର ୩, ବାଲାଜି ଆଙ୍ଗନସ୍ଥିତ ମନ୍ଦିରରେ ଶ୍ରୀ ଜଗନ୍ନାଥଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ଜୟ ଜଗନ୍ନାଥ ଲୋକ ତରଣ ଟ୍ରଷ୍ଟ ପକ୍ଷରୁ କୋଭିଡ୍ କଟକଣାରେ ମନ୍ଦିର ବେଢ଼ାରେ ରଥରେ ପୂଜା କରାଯିବା ସହ ସୁନାବେଶ ଓ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୂତି ସମାପନ କରାଯାଇଥିଲା। ଏଥିରେ ରାମ ପ୍ରସାଦ ମୁଦୁଲି, ସତ୍ୟବ୍ରତ ପଟ୍ଟନାୟକ, ରତନ ପଟ୍ଟନାୟକ, ବିଭୂତି ରଥ, ଧର୍ମାନନ୍ଦ ପଢ଼ିହାରୀ, ରନ ରାୟ, ଜଗଦିଶ ନାୟକ, ମୁଖ୍ୟ ପୂଜକ ରନ ଶତପଥି, ବସନ୍ତ କୁମାର ପଣ୍ଡା, ପ୍ରମୋଦ ପଣ୍ଡା, ଦିବାକର ପଣ୍ଡା ଆଦି ପରିଚାଳଣା କରିଥିଲେ।










# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ'ଣକ'ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

❖ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ (୧୮୩୫-୧୯୦୪)

❖ ନାସା ପ୍ରଥମ ସକ୍ରିୟ ସାଟେଲାଇଟ୍ ରିଲେ-୧କୁ ମହାଆକଶକୁ ପଠାଇଥିଲା (୧୯୬୨)

❖ ଭାରତୀୟ ସଂସଦ ଭବନରେ ଆତଙ୍କବାଦୀଙ୍କ ଆକ୍ରମଣ, ଆତଙ୍କବାଦୀ ସମେତ ୧୨ ମୃତ (୨୦୦୧)

❖ ଭାରତୀୟ ଅର୍ଥଶାସ୍ତ୍ର ବିଶାରଦ ସଂଜୟ ଲାଲଙ୍କ ଜନ୍ମ (୧୯୪୦-୨୦୦୫)

❖ ଭାରତୀୟ ଅଭିନେତ୍ରୀ ତଥା ଗୀତିକାର ସ୍ୱସ୍ତିକା ମୁଖାର୍ଜୀଙ୍କ ଜନ୍ମ (୧୯୮୦)

❖ ଭାରତୀୟ ବିଜ୍ଞାନ ଓ ପ୍ରଦ୍ୟୋଗିକ ମନ୍ତ୍ରୀ ହର୍ଷ ବର୍ଦ୍ଧନଙ୍କ ଜନ୍ମ (୧୯୫୪)

## ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ । ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶେଷ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

## ସାନିଟେସନ୍ ଚାମ୍ପିଆନ୍ ମୌଦ୍ରିତା

ଜାମସେଦପୁର ଯେଉଁ ବୟସରେ ଶିଶୁମାନେ ନିଜ ପକେଟ ମନିକୁ ଆଇସ୍‌କ୍ରିମ୍, ଭଲ ପୋଷାକ, ମନ ପସନ୍ଦର ଖେଳଣା କିଣିବାରେ ଖର୍ଚ୍ଚ କରନ୍ତି ସେହି ବୟସରେ ଯଦି ଜଣେ ଶିଶୁ ନିଜ ସଞ୍ଚିତ ଅର୍ଥକୁ ଶୌଚାଳୟ ତିଆରି ବାବଦରେ ଖର୍ଚ୍ଚ କରେ ତେବେ ନିଶ୍ଚିତ ଏହି ପଦକ୍ଷେପକୁ ପ୍ରଶଂସା କରିବେ । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଜାମସେଦପୁରରେ । ହିଲ୍‌ଟପ୍ ସ୍କୁଲରେ ୬ଷ୍ଠ ଶ୍ରେଣୀରେ ପଢୁଥିବା ମୌଦ୍ରିତା ଚାଟାର୍ଜୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱଚ୍ଛତା ଅଭିଯାନରେ ପ୍ରେରିତ ହୋଇ ଶୌଚାଳୟ ନିର୍ମାଣ ପାଇଁ ନିଜ ସଂଚିତ ଅର୍ଥ ପ୍ରଦାନ କରିଛନ୍ତି । ବର୍ତ୍ତମାନ ସୁଦ୍ଧା ସେ ନିଜ ଅର୍ଥରେ ଦୁଇଟି ଶୌଚାଳୟ ନିର୍ମାଣ କରିସାରିଲେଣି । ମୌଦ୍ରିତାଙ୍କ ଏହି ଉଦ୍ୟମକୁ ସମସ୍ତେ ପ୍ରଶଂସା କରିବା ସହ ଝାଡଖଣ୍ଡର ମୁଖ୍ୟମନ୍ତ୍ରୀ ରଘୁବର ଦାସ ମଧ ମୌଦ୍ରିତାଙ୍କୁ ସମ୍ମାନୀତ କରିଛନ୍ତି । ତାଙ୍କୁ ସାନିଟେସନ୍ ଚମ୍ପିଆନ୍ ଆଖ୍ୟା ପ୍ରଦାନ କରାଯାଇଛି । ମୌଦ୍ରିତା କହିଛନ୍ତି ଯେ ଆଗାମୀ ଦିନରେ ମଧ ମୁଁ ମୋର ସଂଚିତ ଅର୍ଥକୁ ସ୍ୱଚ୍ଛତା ଅଭିଯାନ ବାବଦରେ ଖର୍ଚ୍ଚ କରିବି ।

## ପୁରାଣ କାହାଣୀ

# ପଣ୍ଡୁ ଓଷା



ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ଏହି ଓଷା ପାଳନ କରାଯାଏ । ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁ ପୂର୍ଣ୍ଣିମା ମଧ କୁହାଯାଏ । ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ । ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ । ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ । ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ । ନାରୀମାନେ ଏହି ବ୍ରତ ମାଧମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି । ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା । ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି । ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ । ଚିତା ଓ ମୁରୁଜ ତା' ଉପରେ ପକାଯାଏ । ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ । ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା । ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ । ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ । ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ ବଢ଼ାଯାଏ । ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ । ନାରୀଜାତି ବିଶେଷ କରି ମା'ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ ।

# ପଠାଣି ସାମନ୍ତ



ଆଜିର ଦିନରେ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି । ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ । ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ । ପରେ ଖଣ୍ଡପଡା ନିକଟସ୍ଥ ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ । ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର । ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ । ବିଚିତ୍ରବର୍ଣ୍ଣା ବ୍ରହ୍ମଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ । ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ । ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ । ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧମରେ ଶିକ୍ଷା ଲାଭ କରିଥିଲେ । ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ । ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ । ପଠାଣୀ ସାମାନ୍ତ ୧୮୬୯ ରେ 'ସିଦ୍ଧାନ୍ତ ଦର୍ପଣ' ଲେଖିବା ଆରମ୍ଭ କରିଥିଲେ । ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା । ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଳୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ) । ଏହି ଗ୍ରନ୍ଥର ମୋଔଟ ଶ୍ଳୋକ ସଂଖ୍ୟା ୨୫୦୦ । ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି । ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ ।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି । କାଗଜରେ ନିର୍ଦ୍ଦେଶ ବି ଆସୁଛି । ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ । ତା'ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି । ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା । କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା । ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା । ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା । ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ । ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ 'ଏନଭିଗ୍ରୀନ' ନାମରେ ଏକ କମ୍ପାନୀ । ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ । ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ । ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ । ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ । ଏହି ବ୍ୟାଗ ଗୁଡ଼ିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ । ବ୍ୟବହାର ଅନୁପଯୋଗୀ ହେବା ପରେ ଏହାକୁ ଫୋପାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ । ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ



ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ । କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି । ଏହି ବ୍ୟାଗ ଗୁଡିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛି । ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇଞ୍ଜିନିୟରିଂ ଏବଂ ଶ୍ରୀରାମ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରୀଆଲ୍ ରିସର୍ଚ୍ଚ ପକ୍ଷରୁ ମଧ୍ୟ ଏହାର ପରୀକ୍ଷଣ କରାଯାଇ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି । ସମସ୍ତ କ୍ଷେତ୍ରରୁ ଅନୁମତି ପାଇବା ପରେ ଅଶ୍ୱଥ ନିଜ ଟିମ୍ ର ୬୦ଜଣ ସଦସ୍ୟଙ୍କ ସହ ମିଶି ବାଙ୍ଗାଲୋରଠାରେ ଏକ କାରଖାନା ପ୍ରତିଷ୍ଠା କରିଛନ୍ତି । ଏହି କାରଖାନାରୁ ପ୍ରତି ମାସରେ ପ୍ରାୟ ୧ହଜାର ମେଟ୍ରିକ ଟନ୍ ବ୍ୟାଗ୍ ପ୍ରସ୍ତୁତ କରାଯାଉଛି । ତାଙ୍କର ଏହି ପ୍ରୟାସ ଦ୍ୱାରା କର୍ଣ୍ଣାଟକ ଗ୍ରାମାଞ୍ଚଳର କୃଷକ ମାନେ ମଧ୍ୟ ଲାଭବାନ ହୋଇପାରୁଛନ୍ତି । କମ୍ପାନୀ ସେମାନଙ୍କ ଠାରୁ କଞ୍ଚାମାଲ କିଣିବା ସହ ସେମାନଙ୍କୁ କଞ୍ଚାମାଲ ଉତ୍ପାଦନ ପାଇଁ ବିହନ ଯୋଗାଇ ଦେଉଛି । ଭାରତର ସବୁ ସ୍ଥାନରେ ଏହି ବ୍ୟାଗ ଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ କିନ୍ତୁ ଅଶ୍ୱଥଙ୍କ କାର୍ଯ୍ୟସ୍ଥଳ କତରରେ ଏହା ଉପଲବ୍ଧ ହୋଇପାରୁଛି । ଅଶ୍ୱଥଙ୍କ କହିବାନୁଯାୟୀ, କେବଳ ବାଙ୍ଗାଲୋର ପରି ସହରରେ ପ୍ରତି ମାସରେ ପ୍ରାୟ ୩୦ହଜାର ମେଟ୍ରିକ ଟନ୍ ବ୍ୟାଗର ଆବଶ୍ୟକ ହୋଇଥାଏ । ତେଣୁ ସମସ୍ତ ସହରରେ ଏହାର ବ୍ୟବହାର ପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛୁ । ବର୍ତ୍ତମାନ ପର୍ଯ୍ୟନ୍ତ ରିଲାଏନ୍ସ ପରି କମ୍ପାନୀ ମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଛି । ଚଳିତ ଡିସେମ୍ବରଠାରୁ ସେମାନେ ଏହାର ବ୍ୟବହାର ଆରମ୍ଭ କରିଦେଇଛନ୍ତି । ପରିବେଶ ସୁରକ୍ଷା ଦିଗରେ ଅଶ୍ୱଥଙ୍କ ଏହି ପ୍ରୟାସକୁ ଅନେକ ପରିବେଶବିତ୍ ପ୍ରଶଂସା କରିଛନ୍ତି ।




# ପବିତ୍ର କେଦାର ଗୌରୀ କୁଣ୍ଡର ଜଳ ବିଭିନ୍ନ ବର୍ଜ୍ୟବସ୍ତୁ ଦ୍ୱାରା ଦୂଷିତ



ଭୁବନେଶ୍ୱର (ପିଏନ୍)- ଭୁବନେଶ୍ୱରସ୍ଥ ପବିତ୍ର କେଦାରଗୌରୀ କୁଣ୍ଡର ଜଳ ବିଭିନ୍ନ ବର୍ଜ୍ୟବସ୍ତୁ ଦ୍ୱାରା ଦିନକୁ ଦିନ ଅପରିଷ୍କାର ଓ ଦୂଷିତ ହେବାରେ ଲାଗିଛି । ଏହି ପବିତ୍ର କୁଣ୍ଡରେ କୁଢ କୁଢ ପିଇବାପାଣିର ପ୍ଲାଷ୍ଟିକ ବୋତଲ, ଥଣ୍ଡା ପାନୀୟ ଫ୍ରୁଟିର କାଗଜ ଖୋଳ ଓ ଅନ୍ୟାନ୍ୟ କାଗଜ ପତ୍ର ପଡି ଏହାର ପବିତ୍ର ପାଣି ଦୂଷିତ ହୋଇଯାଇଛି । ଏହାଛଡା ରକ୍ଷଣାବେକ୍ଷଣ ଅଭାବରୁ ଏହାର ପବିତ୍ର ଜଳରେ ନୀଳ ଶିଉଳୀର ଆସ୍ତରଣ ପଡିଯାଇ ଅପରିଷ୍କାର ହୋଇଯାଇଛି । ଏଠାରେ ପ୍ରକାଶ ଯୋଗ୍ୟ ଯେ, ଏହି ପବିତ୍ର କୁଣ୍ଡର ଚାରିପାଖରେ ଅନନ୍ତ ବାସୁଦେବ ମନ୍ଦିର, ଗୁଆଝର ପୁଷ୍କରିଣୀ ଓ ପ୍ରଭୁ ଲିଙ୍ଗରାଜଙ୍କ ମନ୍ଦିର ଅବସ୍ଥିତ । ଏତଦ୍ ବ୍ୟତୀତ ରାତିରେ ଏହି ସ୍ଥାନ ପୁଅ ଓ ଝିଅମାନଙ୍କର ଆଡ୍ଡାସ୍ଥଳୀ ପାଲଟି ଥିଲେ ମଧ ଏଥିପ୍ରତି କାହାର ଦୃଷ୍ଟି ପଡୁନି । ମନ୍ଦିର ପ୍ରଶାସନ କି ଜନସାଧାରଣ କେହି ଏହି ପବିତ୍ର କୁଣ୍ଡପ୍ରତି ନଜର ଦେଉନାହାଁନ୍ତି । ମନ୍ଦିର ପ୍ରଶାସନ ଏ ଦିଗରେ ଉଚିତ୍ ପଦକ୍ଷେପ ନିଅନ୍ତୁ ବୋଲି ଜନସାଧାରଣରେ ଦାବୀ ହେଉଛି । ମନ୍ଦିରମାଳିନୀ ସହର ଭୁବନେଶ୍ୱରର ପରିବେଶକୁ ସୁରକ୍ଷା ଯୋଗାଇ ଦେବା ସମସ୍ତଙ୍କ ଗୁରୁ ଦାୟିତ୍ୱ । କିନ୍ତୁ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିବିଶେଷଙ୍କ ଯୋଗୁଁ ଏକ ବିଶ୍ୱବିଖ୍ୟାତ ମନ୍ଦିର କେଦାରଗୌରୀର ପରିବେଶ ଦୂଷିତ ହେଉଅଛି, ଏଥିପ୍ରତି କାହାର ନିଘା ନାହିଁ । କରୋନା ମହାମାରୀ ସମସ୍ତଙ୍କୁ ପରିବେଶ ସୁରକ୍ଷା ପାଇଁ ନୀତିଶିକ୍ଷା ଦେଇଥିଲେ ମଧ ଏଭଳି କାର୍ଯ୍ୟ ଅତ୍ୟନ୍ତ ନିନ୍ଦନୀୟ ଓ ଦୁଃଖଦାୟକ । ମନ୍ଦିର କର୍ତ୍ତୃପକ୍ଷ ଏଥିପାଇଁ ନିତ୍ୟାନ୍ତ ଯତ୍ନବାନ ହେବା ଆବଶ୍ୟକ ବୋଲି ନାଗରିକ ସୂଚନା ଏବଂ ଆଇନ୍ ପ୍ରାଧିକରଣ କେନ୍ଦ୍ର , କଟକର ସଭ୍ୟ ଶ୍ରୀ ଦୀପକ କୁମାର ସାହୁ ଓ ଅନ୍ୟ ବୁଦ୍ଧିଜିବୀମାନେ ମତ ଦେଇଛନ୍ତି ।

# କେନ୍ଦୁଝର ଜିଲ୍ଲା ଓକିଲ ସଂଘ ନିର୍ବାଚନ: ସଭାପତି ଭାବେ ଆଶିଷ, ସମ୍ପାଦକ ଭାବେ ଆଲୋକ ପୁନଃନିର୍ବାଚିତ

କେନ୍ଦୁଝର (ପିଏନ୍): ରାଜ୍ୟରେ ଏକସଙ୍ଗେ ଅନୁଷ୍ଠିତ ହେଉଥିବା ସମସ୍ତ ଆଇନଜୀବି ସଂଘର ନିର୍ବାଚନ ପରିପ୍ରେକ୍ଷୀରେ କେନ୍ଦୁଝର ସଦର ମହକୁମାଠାରେ ଥିବା ଜିଲା ଓକିଲ ସଂଘର ନିର୍ବାଚନ ଶନିବାର ଦିନ ଶେଷ ହୋଇଛି । ଏଥିରେ ମୋଟ ୩୮୨ ଜଣ ସଦସ୍ୟଙ୍କ ମଧ୍ୟରୁ ୩୬୬ ଜଣ ମତଦାନ କରିଥିଲେ । ଗୁରୁତ୍ୱପୂର୍ଣ୍ଣ ସଭାପତି ପଦ ପାଇଁ ଆଶିଷ ଚକ୍ରବର୍ତ୍ତି ନିର୍ବାଚିତ ହୋଇଛନ୍ତି । ବିଜୟୀ ପ୍ରାର୍ଥୀ ଶ୍ରୀ ଚକ୍ରବର୍ତ୍ତି ୨୫୧ ଖଣ୍ଡ ଭୋଟ ପାଇଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଅଶୋକ କୁମାର ଦାସ ୧୧୦ ଟି ଭୋଟ ପାଇଛନ୍ତି । ଉପସଭାପତି ପଦ ପାଇଁ ରବୀନ୍ଦ୍ର କୁମାର ସେଠୀ ନିର୍ବାଚିତ ହୋଇଥିବା ସହ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସେକ ଶାହାବୁଦ୍ଦିନ ପରାସ୍ତ ହୋଇଛନ୍ତି । ରବୀନ୍ଦ୍ର ୧୬୬ଟି ଭୋଟ ପାଇଥିବାବେଳେ ଶାହାବୁଦ୍ଦିନ ୧୬୫ ଟି ଭୋଟ ପାଇ ମାତ୍ର ଗୋଟିଏ ଭୋଟ ବ୍ୟବଧାନରେ ରବୀନ୍ଦ୍ର ଜିତିଛନ୍ତି । ରୋଚକ କଥା ଯେ, ଗତ ନିର୍ବାଚନରେ ଶାହାବୁଦ୍ଦିନଙ୍କଠାରୁ ରବୀନ୍ଦ୍ର ଗୋଟିଏ ଭୋଟରେ ପରାଜିତ ହୋଇଥିବାବେଳେ ଏଥର ଗୋଟିଏ ଭୋଟରେ ରବୀନ୍ଦ୍ର ପୁରୁଣା ପ୍ରତିଦ୍ୱନ୍ଦ୍ୱୀ ଶାହାବୁଦ୍ଦିନଙ୍କୁ ହରାଇଛନ୍ତି । ସମ୍ପାଦକ ପାଇଁ ଆଲୋକ କୁମାର ମହାନ୍ତ ନିର୍ବାଚିତ ହୋଇଥିବାବେଳେ ସେ ୨୬୦ ଖଣ୍ଡ ଭୋଟ ପାଇଛନ୍ତି । ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିନୀତା ଦାଶ ୯୮ଭୋଟ ପାଇଛନ୍ତି । ଦୁଇଗୋଟି ଯୁଗ୍ମ ସମ୍ପାଦକ ପଦବୀ ପାଇଁ ସମ୍ବିତ କୁମାର ନାୟକ୧୬୬ଟି ଏବଂ ଅନ୍ତର୍ଯ୍ୟାମୀ ସାହୁ ୧୫୦ଟି ଭୋଟ ପାଇ ଜିତିଥିବାବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସୁନୀଲ କୁମାର ମହାନ୍ତ ୧୪୮ଟି ଭୋଟ ପାଇ ମାତ୍ର ୨ଟି ଭୋଟରେ ହାରି ଯାଇଛନ୍ତି । ୫ଗୋଟି କାର୍ଯ୍ୟକାରୀ ସଦସ୍ୟ ପାଇଁ ଅନୀଲ କୁମାର ନନ୍ଦ, ସନ୍ତୋଷ କୁମାର ଦାସ,ତାରିଣୀ ପ୍ରସାଦ ପୋଥାଳ,ବିଶ୍ୱରଂଜନ ସାହୁ, ହଲଧର ମହନ୍ତ ବିଜୟଲାଭ କରିଛନ୍ତି । ଶନିବାର ସକାଳ ୮ଟାରୁ ଏହି ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ଅନୁଷ୍ଠିତ ହୋଇ ଅପରାହ୍ନ ୪ଟାରେ ଗଣତି ଆରମ୍ଭ ହୋଇଥିଲା । ସଂଧ୍ୟା ୭ଟା ସୁଦ୍ଧା ଗଣତି ଶେଷ ହୋଇଥିଲା । ନିର୍ବାଚନ ଅଧିକାରୀ ଗୋପାଳକୃଷ୍ଣ ପରିଡା ଓ ସହ ନିର୍ବାଚନ ଅଧିକାରୀ ଜ୍ଞାନେନ୍ଦ୍ରନାଥ ଜେନା,ଅଜୟ ନାଥ, ଦେବାଶିଷ ରଣା, ହିମାଂଶୁ ମହାନ୍ତି, ନିର୍ମଳ ବଳ, କରୁଣାକର ବ୍ରହ୍ମ ଏହି ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିଥିଲେ । କରୋନା କଟକଣା ପାଇଁ ସମସ୍ତ ପ୍ରତିଷେଧକ ବ୍ୟବସ୍ଥା ସହ ବୁଥ ମଧ୍ୟକୁ ମୋବାଇଲ ଫୋନ, ପ୍ରାର୍ଥୀମାନେ କୌଣସି ଫ୍ଲେକ୍ସ, ବ୍ୟାନର ଲଗାଇ ନଥିବାବେଳେ ସଦସ୍ୟମାନେ ବାର ଆସୋସିଏସନ ପ୍ରଦତ୍ତ ପରିଚୟ ପତ୍ର ଦେଖାଇ ଭୋଟ ପ୍ରଦାନ କରିଥିଲେ । ସୂଚନାଯୋଗ୍ୟ ଯେ, ଏହା ପୂର୍ବରୁ ଗତ ଡିସେମ୍ବର ୧୨ ତାରିଖରେ ଏହି ଓକିଲ ସଂଘ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇ ଆଶିଷ ଚକ୍ରବର୍ତ୍ତୀ ସଭାପତି ଏବଂ ଆଲୋକ ମହାନ୍ତ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ । ନବନିର୍ବାଚିତ କର୍ମକର୍ତ୍ତାମାନେ ଆସନ୍ତା ଏକବର୍ଷ ପାଇଁ ଦାୟିତ୍ୱ ସମ୍ପାଦନ କରିବେ ବୋଲି ଜଣାପଡିଛି ।

# ହରିଚନ୍ଦନପୁର ବ୍ଲକ ମଣ୍ଡଳ ବିଜେପିର କାର୍ଯ୍ୟକାରିଣୀ ବୈଠକ

ହରିଚନ୍ଦନପୁର (ପିଏନ୍): ହରିଚନ୍ଦନପୁର ବ୍ଲକ ମଣ୍ଡଳ ପକ୍ଷରୁ କାଦୁଅଡିହା ଆଇଟିଆଇ ହଲ୍ ଠାରେ ବିଜେପିର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ମଣ୍ଡଳ ସଭାପତି ଜୟକୃଷ୍ଣ ମହା'ଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୂର୍ବତନ ବିଧାୟକ ଧନୁର୍ଜୟ ସିଦ୍ଧୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଦଳକୁ ମଜଭୁତ କରିବାକୁ ହେଲେ ତୃଣମୂଳ ସ୍ତରରୁ କାର୍ଯ୍ୟକର୍ତ୍ତା ମାନଙ୍କୁ କଠିନ ପରିଶ୍ରମ କରିବାକୁ ପଡିବ ବୋଲି କହିଥିଲେ । ମୋଦିଙ୍କ ଲୋକାଭିମୁଖି ଯୋଜନା ଲୋକଙ୍କ ପାଖରେ ପହ□ାଇବାକୁ କାର୍ଯ୍ୟକର୍ତ୍ତା ମାନଙ୍କୁ ପରାମର୍ଶ ଦେଇଥିଲେ । ହରିଚନ୍ଦନପୁର ବ୍ଲକ ତଥା ତେଲକୋଇ ନିର୍ବାଚନ ମଣ୍ଡଳୀର ବିକାଶ ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରାୟସ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଚୁର ଅର୍ଥ ପ୍ରଦାନ କରୁଥିବା ବେଳେ ରାଜ୍ୟ ସରକାର ନିଜ ନାଁରେ ଯୋଜନା କରି ବାହାବା ନେଉଛି । ଅର୍ଥକୁ ହରିଲୁଟ୍ କରିବା ପାଇଁ ପ୍ରଶାସନ ନିଜ ହାତରେ ରଖି ବାଧକ ସାଜୁଛି । ମୋଦିଙ୍କ ନୂଆ ଭାରତ ସ୍ୱପ୍ନ ସାକାର କରିବାକୁ ହେଲେ ଗରିବ ଆଦିବାସୀ ଲୋକଙ୍କ ପାଖରେ ଆମକୁ ପହଂଚିବାକୁ ପଡିବ ବୋଲି ଶ୍ରୀ ସିଦ୍ଧୁ କହିଥିଲେ । ଏଥିପାଇଁ ଚତୁର୍ଦ୍ଦଶ ଅର୍ଥ କମିଶନର ବର୍ଷକୁ ପଂଚାୟତକୁ ଜନସଂଖ୍ୟା ଅନୁପାତ ଆଧାରରେ ୨୦ଲକ୍ଷରୁ କୋଟିଏ ପର୍ଯ୍ୟ' ଅର୍ଥ ବ୍ୟୟବରାଦ କରାଯାଉଛି । ଏହି ଅର୍ଥ ସିଧା ସଳଖ ପଂଚାୟତ ସରପଂଚ ପଂଚାୟତର ବିକାଶ ପାଇଁ ପଂଚାୟତ ରାସ୍ତା, ଶ୍ମଶାନ ଗୃହ, ଆଲୋକୀକରଣ, ସ୍ୱଚ୍ଛ ଭାରତ ପାଇଁ ଖର୍ଚ୍ଚ ହେବା କଥା ମାତ୍ର ରାଜ୍ୟ ସରକାର ନିୟମକୁ ବଦଳାଇ ଏହିସବୁ କାମ ସରପଂଚ ବଦଳରେ ଯନ୍ତ୍ରୀଙ୍କ ଦ୍ୱାରା ୱାର୍କ ଅର୍ଡର ମାଧ୍ୟମରେ କରାଉଛି ଫଳରେ ସରପଂଚ ମାନଙ୍କ କ୍ଷମତା ସଙ୍କୁଚିତ ହେବା ସହ ଅର୍ଥ ହରିଲୁଟ୍ କରି ରାଜ୍ୟ ସରକାର ଦଳୀୟ ପାଣ୍ଠି ବଦଳାଇବାରେ ଲାଗି ପଡିଥିବା ଶ୍ରୀ ସିଦ୍ଧୁ କହିଛି । ବୈଠକରେ ରାଜନୈତିକ ଚିଠା ପ୍ରସ୍ତାବକୁ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଅଭିମନ୍ୟୁ ସାହୁ ପାରିତ କରିଥିଲେ । ଏହି ବୈଠକରେ ଜିଲ୍ଲାର ପଦାଧିକାରୀ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଅନ' ସାହୁ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଅରମ ସିଂ, ଜିଲ୍ଲା କାର୍ଯ୍ୟାଳୟ ସହସମ୍ପାଦକ ଜୟଦେବ ଗିରି, ବିଜେପିର ଦୁଇ ପ୍ରଚାରକ ଇଂ ହିମାଦ୍ରୀ ଦାସ ଓ ଗଣେଶ ମହାକୁଡ, ପୂର୍ବତନ ମଣ୍ଡଳ ସଭାପତି ଶିରିଶ କୁମାର ସାହୁ, ନିର୍ବାଚନ ମଣ୍ଡଳୀ ମିଡିଆ ପ୍ରମୁଖ ଅଭୟ ରଥ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଘାସିନାଥ ପାଇକରାୟ, ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରଦୀପ ପଣ୍ଡା, ଚତୁର୍ଭୁଜ ସାହୁ, ମଣ୍ଡଳ ସାଧାରଣ ସମ୍ପାଦକ ସୁଶା' ମହା', ପ୍ରତାପରୁଦ୍ର ସାହୁ, ଆଇଟି ସେଲ୍ ପ୍ରମୁଖ କ୍ଷେତ୍ରବାସୀ ମହା', ବ୍ରାହ୍ମଣୀପାଳ ମଣ୍ଡଳ ସଭାପତି କୃଷିକେଶ ମହା', ମାନୁ ସାହୁ, ରମା ସାହୁଙ୍କ ସହ ମଣ୍ଡଳର ସମସ୍ତ ପଦାଧିକାରୀ ତଥା ସମସ୍ତ ମୋର୍ଚ୍ଚା ସଭାପତି, ସମସ୍ତ ପଂଚାୟତ ପ୍ରମୁଖ ଏବଂ ହରିଚନ୍ଦନପୁର ମଣ୍ଡଳର ସମସ୍ତ ବିଜେପି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ଚୈତ୍ରମାସ : ହିଙ୍ଗୁଳା ଯାତ୍ରା



ଚୈତ୍ର ମାସ ମଙ୍ଗଳବାରରେ ମା' ମଙ୍ଗଳା ଏବଂ ହିଙ୍ଗୁଳାଙ୍କୁ ପଣାଦେଇ ପୂଜାର୍ଚ୍ଚନା କରାଯାଏ । ମା' ମଙ୍ଗଳା ବସନ୍ତ ଏବଂ ହଇଜା ରୋଗରୁ ରକ୍ଷାକାରୀ ବୋଲି ଧାର୍ମିକ ବିଶ୍ୱାସ । ସେହିପରି ହିଙ୍ଗୁଳା ଅଛନ୍ତି ଗୃହବିବାଦ ଦୂରୀକରଣର ଦେବୀ । ସେ ମଧ୍ୟ ସୁଖ ଓ ଶାନ୍ତି ପ୍ରଦାୟିନୀ ଦେବୀ ।ଦଶ ମହାବିଦ୍ୟାର ଆଦ୍ୟାଶକ୍ତି ହେଉଛନ୍ତି ମହାକାଳୀ । ହିଙ୍ଗୁଳା ହେଉଛନ୍ତି ମହାକାଳୀଙ୍କର ଭିନ୍ନ ରୂପା । ସେ ଅଗ୍ନିସମ୍ଭୂତା, ସେହି ଧୂମାବତୀ ଏବଂ ଦଶ ମହାବିଦ୍ୟାର ଦେବୀଗଣ । ସେ ହିଁ ଅଗ୍ନି ଭିତରେ ନିଜକୁ ଲୁଚାଇ ରଖି ମାୟାମୃଗ ସାଜି ରାବଣ ହସରେ ଧରା ଦେଇଥିବା ମାୟା ସୀତା, ସେ ପୁଣି ଅଯୋଧ୍ୟାକୁ ଫେରି ଅଗ୍ନିପରୀକ୍ଷା ଦେଇଥିବା ସୀତା । ଅର୍ଥାତ୍ ସେ ଅଗ୍ନିରୂପା । ତାଙ୍କୁ ଏପରି କହିବାର ଅର୍ଥ ଏହି ଯେ ଅଗ୍ନିର ଦାହିକା ଶକ୍ତି ସହ ଏକାକାର ହୋଇଯିବାର ମହାଭାବ । ସେ ଆଦ୍ୟାଶକ୍ତି ସଦା ବର୍ତ୍ତମାନ-ଦଶଦିଗ ପାଇଁ, ଆତ୍ମାରୁ ପରମାତ୍ମା ଏବଂ ସର୍ବୋପରି ସେ ସବୁରି ଊର୍ଦ୍ଧ୍ୱରେ ।

ପୁରାଣମତେ ସ୍ୱାମୀ ଶିବଙ୍କୁ ଦକ୍ଷଯଜ୍ଞଙ୍କୁ ନିମନ୍ତ୍ରଣ ନଥିଲା । ତଥାପି ସତୀ ଗଲେ । ସେଠି ଶିବଙ୍କ ପ୍ରତି ପିତାଙ୍କ ଅନ୍ୟାୟ ଆଚରଣ ଓ ଅପମାନ ସହି ନ ପାରି, ସେ ଯଜ୍ଞକୁଣ୍ଡରେ ଆତ୍ମହତ୍ୟା କଲେ । ଏହା ଜାଣିପାରି ଶିବ କ୍ରୋଧାନ୍ୱିତ ହୋଇ ସେଠାକୁ ଯାଇ ଧ୍ୱଂସର ତାଣ୍ଡବଲୀଳା ଆରମ୍ଭ କରିଦେଲେ ଏବଂ ସତୀଙ୍କ ଶବ ଧରି ଇତସ୍ତତଃ ବୁଲିବାକୁ ଆରମ୍ଭ କରିଦେଲେ । ଏହା ଦେଖି ବାସୁଦେବ ସୁଦର୍ଶନ ଚକ୍ର ପେଶି ସତୀଙ୍କ ଶରୀରକୁ ଛେଦିଦେଲେ । ଏହିପରି ଏହା ୫୧ଟି ଖଣ୍ଡ ଓ ୨୬ ଉପଖଣ୍ଡ ହୋଇ ବିଭିନ୍ନ ସ୍ଥାନରେ ପଡ଼ିଲା । ଏହି ସ୍ଥାନଗୁଡିକ କ୍ରମଶଃ ପାଲିଟିଗଲେ ଶକ୍ତିପୀଠ । ବିଶ୍ୱାସ କରାଯାଏ ଯେ ମା'ଙ୍କର ମସ୍ତକ ପଡ଼ିଥିଲା ପାକିସ୍ତାନର ବେଲୁଚିସ୍ଥାନରେ ଥିବା ହିଙ୍ଗୁଳା ବା ହିଙ୍ଗଲାଜ୍‌ରେ । ଏଠାରେ ମା' ହିଙ୍ଗୁଳା ରୂପେ ପୂଜା ପାଆନ୍ତି । ଏହା ହିଁ ପ୍ରଥମ ଶକ୍ତିପୀଠ । ତାଙ୍କର ଦକ୍ଷିଣ ପାଦର ଚାରି ଆଙ୍ଗୁଳି କଲିକତାର କାଳିଘାଟରେ ପଡ଼ିଥିଲା । ଯେଉଁଠି ସେ କାଳୀ ରୂପେ ପୂଜା ପାଆନ୍ତି । କଣ୍ଠ ପଡ଼ିଥିଲା ଅମରକଣ୍ଟକରେ; ଯୋନି ପଡ଼ିଥିଲା ଆସାମର କାମାକ୍ଷାରେ ଏବଂ କିଛି ଚର୍ମାଂଶ ପଡ଼ିଥିଲା କଟକରେ ।

ପ୍ରଥମ ଶକ୍ତିପୀଠ ପାକିସ୍ତାନର ବେଲୁଚିସ୍ଥାନରେ ଅବସ୍ଥିତ । ଏହା ହିଙ୍ଗୁଳା ମନ୍ଦିର ରୂପେ ଖ୍ୟାତ । ଏହା ମକ୍ରାନ୍ ବା ମରକାନ୍ ପର୍ବତ ଉପରେ ଅବସ୍ଥିତ । ଏଠାରୁ ଲକ୍ଷ ଲକ୍ଷ ହିନ୍ଦୁ ଓ ମୁସଲ୍‌ମାନ ଭକ୍ତମାନେ ଆସନ୍ତି । ସେ ଉଭୟ ଧର୍ମର ଦେବୀ । ପାହାଡ଼ ଉପରେ ଏକ ଲମ୍ବା ପର୍ବତ ଗୁମ୍ଫାରେ ଦେବୀ ଅବସ୍ଥାନ କରନ୍ତି । ଏକମୁହାଁ ରାସ୍ତା, ନଇଁ ନଇଁ ଯିବାକୁ ହୁଏ । ଦେବୀ ସିନ୍ଦୁରରେ ନାଲି ପାଟବସ୍ତ୍ରଯୁକ୍ତ ଏବଂ ରକ୍ତବର୍ଣ୍ଣ ଅର୍ଥାତ୍ ହେଙ୍ଗୁବର୍ଣ୍ଣା । ଏଣୁ ହିଙ୍ଗୁଳା ଏଠାରେ ଶକ୍ତି ହିଙ୍ଗୁଳା ଏବଂ ଭୈରବ ହେଉଛନ୍ତି ଭୀମଲୋଚନ । ପାକିସ୍ତାନରେ ହିଙ୍ଗୁଳା ଦେବୀଙ୍କୁ 'ନାନୀ' ଏବଂ ଏ ତୀର୍ଥସ୍ଥାନକୁ 'ନାନୀକି ହଜ୍' ବୋଲି କୁହାଯାଏ । ଏଠାର ତୀର୍ଥଯାତ୍ରାକୁ 'ହଜ୍' କୁହାଯାଏ । ଏଠାକାର ପୁରୋହିତଙ୍କୁ 'ଛଡ଼ିଦାର' କୁହନ୍ତି । ଏଠି ଦେବୀଙ୍କୁ ଲାଲକପଡ଼ା, ଅଗରବତୀ, ଅତର ଓ ଶିରିଣି ସମର୍ପଣ କରାଯାଏ । ଏ ମନ୍ଦିର ପ୍ରତି ହିନ୍ଦୁ ଓ ମୁସଲମାନମାନେ ସମାନ ଗୁରୁତ୍ୱ ଦିଅନ୍ତି ଏବଂ ରକ୍ଷଣାବେକ୍ଷଣ ପାଇଁ ଉଭୟ ସରକାରୀ ଓ ବେସରକାରୀ ସଂସ୍ଥାମାନେ ତତ୍ପର ଥାଆନ୍ତି । ଏଥିପାଇଁ ହିନ୍ଦୁ ମାନସିକତା ଉପରେ କୌଣସି ପ୍ରତିକୂଳ ଚାପ ପକାଯାଏନି ।



କରାଚିରୁ ଏହି ମନ୍ଦିରର ଦୂରତ୍ୱ ୧୬୦ ମାଇଲ୍ । କ୍ୱେଟା ଯାଏଁ ରାଜପଥ, ତେଣିକି ସଂକୀର୍ଣ୍ଣ ଓ ଦୁର୍ଗମ । ତଥାପି ଭକ୍ତଙ୍କ ଭିଡ଼ ।

ଏ ଯାଗାକୁ ନେଇ ଏକ କାହାଣୀ ଅଛି । ତ୍ରେତୟାଯୁଗରେ 'ଦିଚାତାର' ନାମରେ ଜଣେ ସୂର୍ଯ୍ୟବଂଶୀ ରାଜା ଥିଲେ । ତାଙ୍କର ପଡ଼ୋଶୀ ରାଜ୍ୟ ଥିଲା ଚୀନ୍ । ରାଜାଙ୍କର ଦୁଇପୁତ୍ର ଥିଲେ- ହିଙ୍ଗୋଳ ଓ ସୁନ୍ଦର । ଏହି ସମୟରେ ଚୀନ୍‌ରେ ଜଣେ ଚନ୍ଦ୍ରବଂଶୀ ରାଜା ଥିଲେ । ସେମାନେ ଥିଲେ ଶିବଭକ୍ତ । ରାଜକୁମାର ସୁନ୍ଦର ଚୀନ୍‌କୁ ଆକ୍ରମଣ କରି ହତ୍ୟା ଓ ଲୁଣ୍ଠନ କଲେ । ଏଥିରେ ଉତ୍ତ୍ୟକ୍ତ ଏବଂ ଅସନ୍ତୁଷ୍ଟ ପ୍ରଜାମାନେ ଶିବଙ୍କୁ ଗୁହାରି କଲେ ଏବଂ ଶିବ ଗଣେଶଙ୍କୁ ପଠାଇ ସୁନ୍ଦରଙ୍କୁ ହତ୍ୟା କଲେ । ଏଥିରୁ ହିଙ୍ଗୋଳ କ୍ରୋଧାନ୍ୱିତ ହୋଇ ତପସ୍ୟା କଲେ ଏବଂ ତପସ୍ୟାରେ ବର ପାଇଲେ ଯେ ତାଙ୍କର ଯେଉଁଠି ମୃତ୍ୟୁ ହେବ, ସେଠି ସୂର୍ଯ୍ୟକିରଣ ପଡୁନଥିବ । ପରେ ସେ ଯୁଦ୍ଧ କରି ବହୁ ରାଜ୍ୟ ଜୟ କରି ଘୋର ପାପ ବି କଲେ । ଦେବୀ ତାଙ୍କୁ ତ୍ରିଶୂଳ ସାହାଯ୍ୟରେ ସୂର୍ଯ୍ୟ କିରଣ ପଡୁନଥିବା ତାଙ୍କ ଗୁମ୍ଫା ଭିତରେ ହତ୍ୟା କଲେ । ଅଥଚ ହିଙ୍ଗୋଳର ଅନୁରୋଧ କ୍ରମେ ସେ ସ୍ଥାନଟିର ନାମ ରଖିଥିଲେ- ହିଙ୍ଗଳ । ଏହି ହିଙ୍ଗଳ ହିଁ ଶକ୍ତିରେ ହିଙ୍ଗଲାଜ୍ ତୀର୍ଥ ।

ଓଡ଼ିଶାରେ ୫୧ଟି ଶକ୍ତିପୀଠ ମଧ୍ୟରୁ ଅନୁଗୋଳ ଜିଲ୍ଲାର ଗୋପାଳ ପ୍ରସାଦ ଗ୍ରାମରେ ଏବଂ ଯାଜପୁର ଜିଲ୍ଲାର 'ଶଙ୍ଖଚିଲ୍ଲା' ଗ୍ରାମରେ ମା' ହିଙ୍ଗୁଳାଙ୍କ ମନ୍ଦିର ଅଛି । ଏହି ଦୁଇ ସ୍ଥାନରେ ମା' ଅଗ୍ନିରୂପା । ତାଳଚେରର ହିଙ୍ଗୁଳା ଦେବୀଙ୍କ ସହ ଜଗନ୍ନାଥ ମନ୍ଦିରରେ ମହାପ୍ରସାଦ ରନ୍ଧନର ସଂପର୍କ ଅଛି । ଏଇଠୁ ମା' ଅଗ୍ନିରୂପା ଶ୍ରୀମନ୍ଦିର ଯିବା ପରେ ପ୍ରଥମ ଅଗ୍ନି ସଂଯୋଗରେ ପ୍ରଥମ ମହାପ୍ରସାଦ ପ୍ରସ୍ତୁତ ହୋଇଥିଲା ।

ଶୁଣାଯାଏ ଶଙ୍ଖଚିଲ୍ଲାରେ ମା'ଙ୍କର ଆବିର୍ଭାବ କାହାଣୀ ପଛରେ ଏକ ରହସ୍ୟମୟ କିମ୍ବଦନ୍ତୀ ଅଛି । ଏଠି କୁଆଡ଼େ ଦିବା ଅଗ୍ନିରେ ବାରମ୍ବାର ନିଆଁ ଲାଗିଲା । ଲୋକେ ଅତିଷ୍ଠ ହୋଇପଡ଼ିଲେ । ଶେଷରେ ମା' ସ୍ୱପ୍ନାଦେଶ ଦେଲେ ଯେ ତାଙ୍କର ପୂଜା ହେଉ । ତାହା ହିଁ ହେଲା । ସେ ପ୍ରଥମେ ଏକ ବରଗଛରେ ଅବସ୍ଥାନ କଲେ । ପରେ ଗ୍ରାମବାସୀମାନେ ତାଙ୍କ ପାଇଁ ଏକ ମନ୍ଦିର କଲେ । ଏଠି ମଧ୍ୟ ପାଖରେ ଭୈରବୀ ପୂଜା ପାଆନ୍ତି । ଭୈରବୀ ଯେଉଁଠି ଭୈରବ ସେଇଠି ।

ଖାଲି ଓଡ଼ିଶା କି ଭାରତ ମଧ୍ୟ ନୁହେଁ, ମା' ମହାକାଳୀ ଆଦ୍ୟାଶକ୍ତି ହିଙ୍ଗୁଳା ପୃଥିବୀର ଅନ୍ୟ ଦେଶରେ ମଧ୍ୟ ପୂଜା ପାଆନ୍ତି । ସେମାନେ ଦଶମହାବିଦ୍ୟା ମଧ୍ୟରୁ ଜଣେ ଅଥବା ଅଷ୍ଟଚଣ୍ଡୀମାନଙ୍କ ମଧ୍ୟରୁ ଜଣେ ହିସାବରେ ପୂଜା ପାଆନ୍ତି । ଅଷ୍ଟଚଣ୍ଡୀ- ଉଗ୍ରଚଣ୍ଡୀ, ଭଦ୍ରକାଳୀ, ଉମା, ଉଗ୍ରତାରା, ଧୂମାବତୀ, କାଳୀ, ଶିବହନ୍ତ୍ରୀ ବା ଚଣ୍ଡିକା ଆକାରରେ ପୂଜା ପାଆନ୍ତି ।

ଚୈତ୍ର ମଙ୍ଗଳବାରରେ ସେ ମଙ୍ଗଳାଙ୍କ ପରି ପୂଜା ପାଆନ୍ତି । ତେବେ ଚୈତ୍ରମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀରେ ମା'ଙ୍କର ଶାରଦୀୟ ପୂଜା ଅନୁଷ୍ଠିତ ହୋଇଥାଏ । ମା' ହିଙ୍ଗୁଳା ସେଦିନ ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ସମସ୍ତଙ୍କୁ ଦର୍ଶନ ଦିଅନ୍ତି । ତାଙ୍କ ପାଇଁ ସମସ୍ତେ ସମାନ । ସେ ଅଗ୍ନିରୂପରେ ସମସ୍ତଙ୍କୁ ଦର୍ଶନ ଦିଅନ୍ତି ଏବଂ ଏ ଦର୍ଶନ ଓ ପୂଜା ୨୧ ଦିନ ଧରି ଚାଲେ । ପୂର୍ବେ ଦେବୀଙ୍କ ପାଖେ ବଳିପ୍ରଥା ଥିଲା । ଏବେ ତାହା ଲୋପ ପାଇଛି । ବଳି ପରିବର୍ତ୍ତେ ଦେବୀଙ୍କୁ ବିଭିନ୍ନ ପତ୍ର, ଫୁଲ, ଫଳ, ଦୁଧ, ମହୁ, ଉଖୁଡ଼ା ଇତ୍ୟାଦି ଭୋଗ କରାଯାଏ । ପୂଜାର ନବମ ଦିନ ଶିତୁଳା ବା ଶୀତଳା ଯାତ୍ରା ପାଳନ ହୁଏ । ଏହି ଦିନରେ ଏକ ଚାନ୍ଦୁଆ ଲାଗିହୁଏ । ତଳେ ନିଆଁ । କିନ୍ତୁ ଏ ନିଆଁ ଚାନ୍ଦୁଆକୁ ସ୍ପର୍ଶ କରେ ନାହିଁ । ଯଦି କରେ ତେବେ କୌଣସି କୋଣ ଏହାର ପୋଡ଼ିଯାଏ । ତେବେ ବିଶ୍ୱାସ କରାଯାଏ ସେ ବର୍ଷ ସେ ଦିଗରେ ଭଲ ଫସଲ ହୁଏ ।

**ହିଙ୍ଗୁଳାଙ୍କୁ ନେଇ ଯାତ୍ରା**-ଏହାକୁ ହିଙ୍ଗୁଳା ଯାତ୍ରା ବା ପାଟଣା ଯାତ୍ରା କୁହାଯାଏ । ଏହା ମହାବିଷୁବ ସଂକ୍ରାନ୍ତି ସହ ଜଡ଼ିତ । ବିଶ୍ୱାସ ପାପୀମାନଙ୍କୁ ବିନାଶ, ପାଇଁ ମା' ହିଙ୍ଗୁଳା ଏ ପୃଥିବୀକୁ ଅଗ୍ନିରୂପା ଏବଂ ଅଗ୍ନିସମ୍ଭୁତା ଅବତୀର୍ଣ୍ଣ ହୋଇଥାନ୍ତି । ହିଙ୍ଗୁଳାଙ୍କୁ ନେଇ ପ୍ରତି ଘରେ ହିଙ୍ଗୁଳା ପଣାର ପ୍ରଚଳନ ଅଛି । ହିଙ୍ଗୁଳାଙ୍କୁ ନେଇ ଦଣ୍ଡଯାତ୍ରା । ଏ ଭକ୍ତମାନେ ହିଁ ପାଟୁଆ । ଦିନସାରା ଏମାନେ ଗାଁ ଗାଁ ବୁଲି ସାରି ନଦୀ ବା ପୋଖରୀରେ ଗାଧୁଆ ସାରନ୍ତି । ରାତିକୁ ଦଣ୍ଡନାଚ । ସେମିତିରେ ଠାକୁରାଣୀଙ୍କ ଉପରେ ବିଶ୍ୱାସ ରଖି ବାଦ୍ୟଧ୍ୱନି ମଧ୍ୟରେ ନିଆଁରେ ଓ କଣ୍ଟାରେ ଚାଲନ୍ତି ଅଥବା ଖଣ୍ଡାଧାରରେ ଛିଡ଼ା ହୁଅନ୍ତି । ସେମାନଙ୍କ କାର୍ଯ୍ୟାନୁସାରେ ବିଭିନ୍ନ ପାଟୁଆରେ ବିଭକ୍ତ ହୋଇଥାନ୍ତି । ଯଥା-ନିଆଁ ପାଟୁଆ, କଣ୍ଟା ପାଟୁଆ ବା ଖଣ୍ଡା ପାଟୁଆ କୁହାଯାଏ । ଏ ପ୍ରକାର ପର୍ବ ମୟୂରଭଞ୍ଜ ଓ କେନ୍ଦୁଝରରେ ଉଡ଼ା ପରବ ଆକାରରେ ପାଳନ କରାଯାଏ । ଏହିଦିନ ବନ୍ଧନଯୁକ୍ତ ପକ୍ଷୀମାନଙ୍କୁ ସେମାନେ ମୁକ୍ତ କରିଥାନ୍ତି । ଅର୍ଥାତ ପକ୍ଷୀମାନଙ୍କୁ ଉଡ଼ାଇଥାନ୍ତି ।

ହିନ୍ଦୁଳା ଅଗ୍ନିରୂପା ବା ଅରୂପା । ଏଣୁ ଯଥାର୍ଥରେ ରାଧାନାଥ ମହାଯାତ୍ରାରେ କହିଛନ୍ତି-





*'ଚିତ୍ରାପିତ ପ୍ରତିମା ଯେସନେ*
*ସିଙ୍ଗଡ଼ ତଟନୀ ଧୌତ ଅଙ୍ଗାର ପ୍ରାନ୍ତରେ*
*ପବିତ୍ର ହିଙ୍ଗୁଳା ପୀଠେ ଜଳିଉଠେ*
*ଆଚମ୍ବିତ ବିଶ୍ୱଶିଖା ନିଦାଘ ନିଶୀଥେ ।'*

ଆସନ୍ତୁ ସେ ହିଙ୍ଗୁଳାଙ୍କର ଶରଣ ପଶିବା ।

**ବିପିନବିହାରୀ ମହାନ୍ତି,**
**ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିକାଶନଗର, ଜଟଣୀ, ଖୋର୍ଦ୍ଧା, ଫୋନ୍-**
**୯୯୩୮୩୪୧୩୮**

# ଲୁଥେରାନ ଶିଶୁ ଯତ୍ନ ଅନୁଷ୍ଠାନର କର୍ମଚାରୀଙ୍କୁ ଦୁଷ୍କର୍ମ ପରେ ଶିଶୁପୁତ୍ର ଜନ୍ମ ଅଭିଯୋଗର ତଦନ୍ତ ପାଇଁ ସ୍ୱତନ୍ତ ତଦନ୍ତ ଟିମ ଗଠନ କଲେ ଏସପି

କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ ଥାନା ଅନ୍ତର୍ଗତ ପାଟଳିପଙ୍କସ୍ଥିତ ଲୁଥେରାନ ମହିଳା ସମିତି ଶିଶୁ ଯତ୍ନ ଅନୁଷ୍ଠାନର ମହିଳା କର୍ମଚାରୀଙ୍କୁ ଦୁଷ୍କର୍ମରୁ ଶିଶୁପୁତ୍ର ଜନ୍ମ ଅଭିଯୋଗର ତଦନ୍ତ କରିବା ପାଇଁ କେନ୍ଦ୍ରାପଡା ଆରକ୍ଷୀ ଅଧିକ୍ଷକ ସମ୍ବିତ ସମ୍ପଦ ମଡକର ଏକ ସ୍ୱତନ୍ତ୍ର ତଦନ୍ତ ଟିମ ଗଠନ କରିଛନ୍ତି । ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବ୍ରହ୍ମନାନ୍ଦ ଗାଗାରିନ ମହାନ୍ତିଙ୍କ ନେତୃତ୍ୱରେ ଗଠିତ ଏହି ସ୍ୱତନ୍ତ୍ର ତଦନ୍ତ ଟିମରେ ଟାଉନ ଥାନାର ଭାରପ୍ରାପ୍ତ ଇନିସପେକ୍ଟର ଜ୍ୟୋତିରଞ୍ଜନ ସାମନ୍ତରାୟ, ଆଇ.ୟୁ.ସି.ଏ.ଡବ୍ଲୁ.ର ଇନିସପେକ୍ଟର ସସ୍ମିତା ବେହେରା, ଟାଉନ ଥାନାର ମହିଳା ସବଇନିସପେକ୍ଟର କାଦମ୍ବିନି ପରିଡା ଓ ମାର୍ଶାଘାଇ ଥାନାର ସବଇନିସପେକ୍ଟର ଦେବାଶିଷ ପଣ୍ଡା ରହିଛନ୍ତି । ନବ ଗଠିତ ପୋଲିସ ଟିମଟି ମାର୍ଶାଘାଇ ଥାନା କେଶ ନମ୍ବର ୧୮୩/୨୦୨୧(ତା୬.୦୪.୨୦୨୧)ର ଆଇପିସିର ଧାରା ୩୭୬(୨)(୧),୨୯୪, ୫୦୬, ୩୪,୧୦୯ ଏବଂ ମାର୍ଶାଘାଇ ଥାନା କେଶ ନମ୍ବର ୧୮୭/୨୦୨୧(ତା ୮.୦୪.୨୦୨୧)ର ଆଇ.ପି.ସିର ଦଫା ୩୭୬(୨)(ଘ)(୧),୩୭୦, ୪୦୩, ୪୦୬ ଓ ୩୪ ଘଟଣା ସମ୍ପର୍କରେ ପେଷାଦାର ମନୋଭାବ ସହ ସଠିକ ଢଙ୍ଗରେ ତଦନ୍ତକୁ ତ୍ୱରାନ୍ୱିତ କରବା ପାଇଁ ଗଠନ କରାଯାଇଛି । ଏହି ତଦନ୍ତକାରୀ ଟିମ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ମହାନ୍ତିଙ୍କ ପରାମର୍ଶ ଓ ନିର୍ଦ୍ଦେଶ କ୍ରମେ କାର୍ଯ୍ୟ କରିବ ବୋଲି ନିର୍ଦ୍ଦେଶରେ ଉଲ୍ଲେଖ ରହିଛି ।

# ଲୁଥେରାନ ମହିଳା ସମିତି ବିରୋଧରେ ହୋଇଥିବା ଅଭିଯୋଗଗୁଡିକର ତଦନ୍ତ କରିବେ ତିନିଜଣିଆ ଟିମ

କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ବ୍ଲକ ଅନ୍ତର୍ଗତ ପାଟଳିପଙ୍କସ୍ଥିତ ଲୁଥେରାନ ମହିଳା ସମିତି ବିରୋଧରେ ହୋଇଥିବା ଅଭିଯୋଗ ଗୁଡିକର ତଦନ୍ତ କରି ଆସନ୍ତା ୧୫ତାରିଖ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଉପଜିଲ୍ଲାପାଳ ନିରଞ୍ଜନ ବେହେରା ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଜିଲ୍ଲା ମଙ୍ଗଳ ଅଧିକାରିଣୀ ମମତାରାଣୀ ପରିଡାଙ୍କ ନେତୃତ୍ୱରେ ଗଠିତ ତଦନ୍ତ ଟିମରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ଚିନ୍ମୟୀ ରଥ ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସଙ୍କୁ ନିଆଯାଇଛି । ଏହି ଟିମ ଲୁଥେରାନ ମହିଳା ସମିତିର ଶିଶୁ ଯତ୍ନ ଅନୁଷ୍ଠାନର ପରିଚାଳନା ସମ୍ପର୍କରେ ସବୁ ଦିଗରୁ ତଦନ୍ତ କରିବା ସହ, ନିଯୁକ୍ତି ପ୍ରକ୍ରୀୟା ସମ୍ପର୍କିତ ସମସ୍ତ ରେକର୍ଡ, ବର୍ତ୍ତମାନର ପରିଚାଳନା ପରିଷଦ, ବର୍ତ୍ତମାନର ଶିଶୁ ଯତ୍ନ ଅନୁଷ୍ଠାନରେ କାମ କରୁଥିବା ସମସ୍ତ କର୍ମଚାରୀଙ୍କ ସମ୍ପର୍କରେ, ପରିଚାଳନାଗତ ତୃଟି ଓ ଆବଶ୍ୟକତା ଅନୁଯାଇ କର୍ମଚାରୀ ଅଛନ୍ତି କି ନାହିଁ ସେ ସମ୍ପର୍କରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବେ । ଏଥିସହିତ ସେହି ଟିମ ଶିଶୁ ଯତ୍ନ ଅନୁଷ୍ଠାନର ବିଭିନ୍ନ ତୃଟି ଓ ଦାୟୀତ୍ୱ ଖିଲାପ କରିଥିବା କର୍ମଚାରୀଙ୍କ ବିରୋଧରେ ଆବଶ୍ୟକ ମତାମତ ସହ ପରାମର୍ଶ ମଧ ରିପୋର୍ଟରେ ଦେଇପାରିବେ ବୋଲି ନିର୍ଦ୍ଦେଶରେ କୁହାଯାଇଛି । ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ପିଓ ଆଇ.ସି. ବାଦଲ ଦାଶଙ୍କ ଠାରୁ ସମସ୍ତ ଦାୟୀତ୍ୱ ପ୍ରତ୍ୟାହାର କରିନିଆଯାଇଥିବା ବେଳେ ମହାକାଳପଡା ବ୍ଲକର ସିଡିପିଓ ମନୋରମା ସ୍ୱାଇଁଙ୍କୁ ଅନ୍ୟାଦେଶ ପର୍ଯ୍ୟନ୍ତ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ପି.ଓ. ଆଇ.ସି.ଦାୟୀତ୍ୱରେ ରହିବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି । ଏଠାରେ ସୂଚନା ଯୋଗ୍ୟ ଯେ ପୂର୍ବରୁ ପ୍ରାକ୍ତନ ଜିଲ୍ଲାପାଳ ସମର୍ଥ ବର୍ମା ଲୁଥେରାନ ମହିଳା ସମିତିର ଶିଶୁ ଯତ୍ନ ଅନୁଷ୍ଠାନରେ ହୋଇଥିବା ଏକ ସଂଗୀନ ଘଟଣା ସମ୍ପର୍କରେ ପୂର୍ବତନ ଭାରପ୍ରାପ୍ତ ଶିଶୁ ମଙ୍ଗଳ ସମିତିର ଅଧକ୍ଷା ସ୍ମିତାଞ୍ଜଳି ମହାପାତ୍ରଙ୍କ ରିପୋର୍ଟ ଉପରେ ତଦନ୍ତ କରିବାକୁ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହି ଘଟଣାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାଉତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ରଥଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ସେହି ଘଟଣାର ତଦନ୍ତ ଆଜିବି ରହସ୍ୟାବୃତ ହୋଇରହିଛି । ଅନ୍ୟପକ୍ଷରେ ଭାରପ୍ରାପ୍ତ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଦାସ ଲୁଥେରାନରେ ଘଟୁଥିବା ସମସ୍ତ ଘଟଣା ସମ୍ପର୍କରେ କିଭଳି କିଛି ଜାଣିପାରିଲେ ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏଭଳି ସରକାରୀ ଅଧିକାରୀଙ୍କୁ ନେଇ ଗଠିତ ତଦନ୍ତ ଟିମ ଯେ ନିରପେକ୍ଷ ରିପୋର୍ଟ ପ୍ରଦାନ କରିବା ସମ୍ଭବ ନୁହେଁ ତାହା ସାଧାରଣରେ ଆଲୋଚନା ହେଉଥିବା ଶୁଣିବାକୁ ମିଳିଛି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୧, ଜୁଲାଇ ୨୨**

# 'ସ୍କୁଲ୍ ଖୋଲାଯିବା' ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ

କରୋନା ଭଳି ମହାମାରୀ ସମୟରେ ସରକାରଙ୍କର ନିଷ୍ପତ୍ତି ବାସ୍ତବରେ ସ୍ୱାଗତଯୋଗ୍ୟ। ବୁଝିବିଚାରି ପିଲାମାନଙ୍କର ସ୍ୱାର୍ଥ ଓ ଭବିଷ୍ୟତକୁ ଆଖି ଆଗରେ ରଖି ସ୍କୁଲ୍ ଖୋଲିବା ପାଇଁ ନିଷ୍ପତ୍ତି ନେବା ସ୍ୱାଗତଯୋଗ୍ୟ ପଦକ୍ଷେପ ହେଲେ ବି ଚ୍ୟାଲେଞ୍ଜ। କାହିଁକି ବିଶେଷଜ୍ଞ ମାନଙ୍କ ମତରେ ସମାବେଶ କରିବାକୁ ବାରଣ କରାଯାଉଛି। ଭୋଜିଭାତ ଆୟୋଜନକୁ ସରକାର ମନା କରିଛନ୍ତି। ହୋଟେଲ, ରେଷ୍ଟୁରାଣ୍ଟରେ ବସି ଖାଇବାକୁ ମନା କରିଛନ୍ତି। ଏଣୁ କୋଭିଡ୍ ଗାଇଡ୍ ଲାଇନ୍ ଯଦି (ଝଙଚ) କିପରି ଛାତ୍ରଛାତ୍ରୀମାନେ ସ୍କୁଲ୍‌କୁ ଆସିବା ଠାରୁ ଆରମ୍ଭ କରି ବସିବା, ରହିବା ଏବଂ ଘରକୁ ଯିବା ପର୍ଯ୍ୟନ୍ତ ଝଙଚ ମାନିଚଳି ପାରିବେ ଏବଂ କୋଭିଡ଼ରେ ଯେପରି କହେ ଆକ୍ରାନ୍ତ ନ ହୁଅନ୍ତି ଏସବୁ ନେଇ ବୁଦ୍ଧିଜୀବୀ ତଥା ଶିକ୍ଷାବିତ୍ ମହଲରେ ଆଲୋଚ୍ୟ ବିଷୟ ହୋଇପଡ଼ିଛି। ଅବଶ୍ୟ ପିଲାମାନେ ଦୀର୍ଘ ଏକବର୍ଷରୁ ଉର୍ଦ୍ଧ୍ୱ ସ୍କୁଲ୍ ବାରଣ୍ଡା ମାଡ଼ିନାହାଁନ୍ତି। ଘରେ ରହି ରହି ସେମାନେ ଯେ ସ୍କୁଲ୍‌ରେ ପାଠ ପଢୁଛନ୍ତି, ଏଇ କଥା ଭୁଲିଗଲେଣି। ସରକାର ଯଦିଓ ଅନଲାଇନ୍ ଶିକ୍ଷାର ବ୍ୟବସ୍ଥା କରିଛନ୍ତି, କିନ୍ତୁ ବେଶିରେ ବେଶିରେ ୩୦ରୁ ୩୫ ପ୍ରତିଶତ ପିଲା ଅନ୍‌ଲାଇନ୍ ଶିକ୍ଷା ପାଉଛନ୍ତି। ଆଉ ବାକି ପିଲା ନିଜ ନିଜ ଘରକାମରେ ବାପା ମାଆଙ୍କୁ ସାହାଯ୍ୟ କରିବାକୁ ବସିଲେଣି। ବିଶେଷଜ୍ଞମାନଙ୍କ ମତରେ କରୋନା ଏମିତି ରହିଥିବ। ଆମକୁ ହିଁ ଦେଖି ରହିଁ କୋଭିଡ୍ ନିୟମ ମାନି ଚଳିବାକୁ ପଡ଼ିବ। ସତର୍କତାର ସହ ଜୀବନକୁ ଯେତିକି ପ୍ରାଧାନ୍ୟ ଦେବା କଥା, 'ଜୀବିକା'କୁ ସେତିକି ପ୍ରାଧାନ୍ୟ ଦେବାକୁ ପଡ଼ିବ। ସ୍କୁଲ୍ ଖୋଲିବାକୁ ପଡ଼ିବ। ଛାତ୍ରଛାତ୍ରୀ ମଧ୍ୟ ସ୍କୁଲ୍ ଯିବେ। କିନ୍ତୁ କୋଭିଡ୍ ନିୟମ ମାନିବାରେ ଯେପରି ତିଳେମାତ୍ର ବ୍ୟତିକ୍ରମ ନୁହେଁ। ଅକ୍ଷରେ ଅକ୍ଷରେ କୋଭିଡ଼ ନିୟମ ମାନି ସ୍କୁଲ୍ କଲେଜ ଖୋଲି ପିଲେ ସ୍କୁଲ୍ ଯିବେ, ପାଠପଢିବେ, ନିଜ ନିଜର ଭବିଷ୍ୟତ ଗଢିବେ। କରୋନା ଅଛି ବୋଲି ଆଉ କେତେ ଦିନ ସ୍କୁଲ୍ ବନ୍ଦ କରି ରଖିବେ ସରକାର। ଯାହା ହେଉ ବୁଝି ବିଚାରି ଭାବିଚିନ୍ତି ଖୋଲିବା ପାଇଁ (ସ୍କୁଲ୍) ନିଷ୍ପତ୍ତି ନେଇଛନ୍ତି ସରକାର। କିନ୍ତୁ ଏହାକୁ ଏତେ ସହଜରେ ନେଲେ ହେବନାହିଁ। ଏହା ସରକାରଙ୍କ ପକ୍ଷରେ ଏବଂ ଅଭିଭାବକଙ୍କ ପକ୍ଷରେ ଏକ ଚ୍ୟାଲେଞ୍ଜ। କାହିଁକି ନା ପୂର୍ବରୁ ଆନ୍ଧ୍ରରେ ଖୋଲିଦେଲେ ସ୍କୁଲ। ଦିନେ ଦୁଇଦିନରେ ୪୦ରୁ ୫୦ ପିଲା କୋଭିଡ଼ରେ ଆକ୍ରାନ୍ତ ହୋଇଗଲେ। ମାନ୍ୟବର ସୁପ୍ରିମକୋର୍ଟ ତେଲେଙ୍ଗାନା ସରକାରଙ୍କୁ ଭର୍ତ୍ସନା କରିଥିଲେ।

ନିକଟ ଭବିଷ୍ୟତରେ ଉତ୍ତର ପ୍ରଦେଶ ସରକାର ଉପରେ ବୋଲ୍‌ବମ୍ ଯାତ୍ରା ପ୍ରଚଳନ ନେଇ ଭର୍ତ୍ସନା କରି ତୁରନ୍ତ ବନ୍ଦ କରିବାକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। କହିବାକୁ ଗଲେ ସେମାନେ ପିଲା। ସଚେତନତାର ଅଭାବ, ଗହଳ, ସମାବେଶ ନହେବ ବୋଲି କହିବେ ନାହିଁ। ଏସବୁକୁ ଦେଖିଲା ବେଳକୁ ଅଭିଭାବକ ମହଲରେ ଛନକା ପଶୁଛି। ଯାହା ହେଉ ସରକାର ଭାବିଚିନ୍ତି ପଦକ୍ଷେପ ନେଇଛନ୍ତି ସ୍କୁଲ୍ ଖୋଲିବା ପାଇଁ। କୋଭିଡ଼କୁ ଦେଖିଲେ ବି ଆମେ ପିଲାଙ୍କ ଶିକ୍ଷାକୁ ଦେଖିବାକୁ ପଡ଼ିବ। ଭବିଷ୍ୟତକୁ ଦେଖିବାକୁ ପଡ଼ିବ। ଯେହେତୁ ଅନେକ ପିଲା ବିଭିନ୍ନ କାରଣରୁ ଅନ୍‌ଲାଇନ୍ ଶିକ୍ଷାରୁ ବଞ୍ଚିତ ରହୁଛନ୍ତି। ତେଣୁ ସ୍କୁଲ୍ ଖୋଲାଯିବା ଉଚିତ୍। ଆଉ କେତେଦିନ ଏମିତି ସ୍କୁଲ୍ ନ ଖୋଲି ସରକାର ବସି ରହିବେ? ତେଣୁ ପିଲାଙ୍କ ଭବିଷ୍ୟତ ତଥା ଶିକ୍ଷାକୁ ଦୃଷ୍ଟିରେ ରଖି ସ୍କୁଲ୍ ଖୋଲାଯିବା ନିଷ୍ପତ୍ତି ବାସ୍ତବରେ ସ୍ୱାଗତଯୋଗ୍ୟ ପଦକ୍ଷେପ। କୋଭିଡ଼ କଟକଣାରେ ଖୋଲାଯିବ ସ୍କୁଲ୍। କୋଭିଡ଼ ଗାଇଡ଼ ଲାଇନ ମାନି ସ୍କୁଲ୍ ଖୋଲାଯିବା, ସାମାଜିକ ଦୂରତା, ସାନିଟାଇଜର ଆଦି ନିୟମକୁ କଠୋର ଭାବେ ଲାଗୁ କରାଯିବା, ସ୍କୁଲ୍‌ର କ୍ଲାସରୁ ଶିକ୍ଷାଦାନର ବିକଳ୍ପ ନାହିଁ। ତଥାପି ଅନ୍‌ଲାଇନ ଶିକ୍ଷାଦାନ ଚାଲୁରହିବ। ପର୍ଯ୍ୟାୟକ୍ରମେ ସ୍କୁଲ୍ ତଥା କଲେଜର ସବୁ କ୍ଲାସ ଖୋଲାଯିବାର ବ୍ୟବସ୍ଥା କରୁଛନ୍ତି ସରକାର। ଖାଲି ଦେଖିବାର ରହିଲା, କେତେଦୂର ଫଳପ୍ରଦ ହେଉଛି, ଏହା ଉତ୍କଣ୍ଠପ୍ରସଙ୍ଗର କରୁଛି ନା ମଝିରେ ପୁଣି ବନ୍ଦ ହୋଇଯିବାର ଆଶଙ୍କା ରହିଛି। ଆମକୁ ଜନସାଧାରଣଙ୍କୁ ସଚେତନ ହେବାକୁ ପଡ଼ିବ କୋଭିଡ଼ ଗାଇଡ଼ ଲାଇନ ମାନିବାକୁ ପଡ଼ିବ। ବିଶେଷଜ୍ଞଙ୍କ ନିର୍ଦ୍ଦେଶ ମୁତାବକ ଆମକୁ ଚଳିବାକୁ ପଡ଼ିବ। ସରକାରଙ୍କର ଏସ୍.ଓ.ପି. ମାନିବାକୁ ପଡ଼ିବ। ଏଣୁ ଆଶା କରାଯାଉଛି, ଯଦି ସରକାର ଏସ୍.ଓ.ପି. ମାନି ଆଗକୁ ବଢିଲେ ତଥା ସ୍କୁଲ୍ ଖୋଲି ଶିକ୍ଷାଦାନ କାର୍ଯ୍ୟ ଚାଲୁ ରଖିଲେ ହୁଏତ କିଛି ଅସୁବିଧା ହୋଇନପାରେ। ଗତ ମେଟ୍ରିକ ରେଜଲ୍ଟରେ ଅସନ୍ତୁଷ୍ଟ ଥିବା ଛାତ୍ରଛାତ୍ରୀଙ୍କ ନିମନ୍ତେ ଅଫ୍‌ଲାଇନରେ ପରୀକ୍ଷା ଦେବା ବ୍ୟବସ୍ଥା କରି ମଧ୍ୟ ସରକାର ଏକ ଭଲ ପଦକ୍ଷେପ ଏବଂ ସ୍ୱାଗତଯୋଗ୍ୟ ପଦକ୍ଷେପ ନେଇଛନ୍ତି। ଅସନ୍ତୁଷ୍ଟ ଥିବା ଛାତ୍ରଛାତ୍ରୀଙ୍କର ଅସନ୍ତୋଷର ଅନ୍ତ ଘଟିଛି। ସରକାରୀ ଏବଂ ବେସରକାରୀ ସ୍କୁଲ୍ ମଧ୍ୟରେ ଥିବା ଦ୍ୱନ୍ଦ ଦୂର ହୋଇଛି। ଯିଏ ଅଧିକ ନମ୍ବର ଆସିବ ବୋଲି ଆଶା କରୁଥିଲା, ସିଏ ଏହି ଇମ୍ପ୍ରୁଭମେଣ୍ଟ ପରୀକ୍ଷା ଦେଉ। ଯେତିକି ଅଧିକା ନମ୍ବର ଆଣିବା କଥା ଆଣୁ। ତାହାର ଏଇଟା ହିଁ ରସଭବକ୍ଷ ନମ୍ବର। ଯାହା ହେଉ ସରକାର ବହୁତ ଭାବିଚିନ୍ତି ସ୍କୁଲ୍ ଖୋଲିବାର ନିଷ୍ପତ୍ତି ନେଇଛନ୍ତି। ପିଲାଙ୍କର ଭବିଷ୍ୟତକୁ ଲକ୍ଷ୍ୟ ରଖି ଭଲ ପଦକ୍ଷେପ ନେଇଛନ୍ତି ସରକାର। ବାସ୍ତବରେ ସରକାର ଧନ୍ୟବାଦର ପାତ୍ର। କାହିଁକି ଗ୍ରାମାଞ୍ଚଳର ପଲା ବିଶେଷକରି ଅନ୍‌ଲାଇନ ଶିକ୍ଷା ବଞ୍ଚିତ ହେଉଛନ୍ତି। କେଉଁଠି ନେଟୱର୍କ ନାହିଁ ତ କାହା ପାଖରେ ସ୍ମାର୍ଟ ମୋବାଇଲ ନାହିଁ ଯାହାହେଲେ ବି ବିଭାଗୀୟ ମନ୍ତ୍ରୀ ମଧ ନର୍ଦ୍ଦେଶ ଦେଲେଣି। ସ୍କୁଲ୍ କର୍ତ୍ତୃପକ୍ଷକୁ ପୂର୍ବ ପ୍ରସ୍ତୁତି ଜାରି ରଖିବାକୁ। ଅର୍ଥାତ୍ ସ୍କୁଲ୍ ଖୋଲିବା ପୂର୍ବରୁ ସାନିଟାଇଜ ଯେପରି ଭଲ ଭାବରେ ହୁଏ ସବୁ କ୍ଲାସ ରୁମ୍ ଗୁଡ଼ାକ। ଶୌଚାଳୟ ତଥା ପାଣିର ସୁବିଧା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଟୀକା ନେଇଥିବା ବାଧ୍ୟତାମୂଳକ ରଖାଯାଇଛି। ଅଭିଭାବକ ତଥା ଶିକ୍ଷାବିତ୍ ଓ ବୁଦ୍ଧିଜୀବୀ ମହଲରେ ଆଲୋଚନାର ବିଷୟ ଏହି ଯେ ସମସ୍ତ ଛାତ୍ରଛାତ୍ରୀଙ୍କୁ ଯେପରି ଶୀଘ୍ର ଟୀକାକରଣର ବ୍ୟବସ୍ଥା କରାଯାଇ ପାରିଲେ ଭଲ ହୁଅନ୍ତା। ସଂକ୍ରମଣର ଭୟ ରୁହନ୍ତା ନାହିଁ। ସ୍କୁଲ୍ କର୍ତ୍ତୃପକ୍ଷ ଏବଂ ସ୍କୁଲ୍ କମିଟି ତଥା ଅଭିଭାବକ ଏପରି କିଛି ବ୍ୟବସ୍ଥା ତଥା ସତର୍କତାମୂଳକ ଉପାୟ ଅବଲମ୍ବନ କରନ୍ତୁ ଯେପରି ସଂକ୍ରମଣ ଭୟ ରହିବ ନାହିଁ।


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

"ସମ୍ମାନ ଭବନ", ପ୍ଲଟ ନଂ-୫୮/୩୫୮୧
ଗଙ୍ଗୋତ୍ରୀ ନଗର, ରୋଡ଼-୩, ଶିଶୁପାଳଗଡ଼
ଭୁବନେଶ୍ୱର-୭୫୧୦୦୨
ମୋ : ୯୪୩୭୯୯୪୩୭୯

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଓଡିଶାର ପ୍ରଥମ ବାଚସ୍ପତି

ଭାରତ ବର୍ଷର ସ୍ୱାଧିନତା ଆନ୍ଦୋଳନରେ ଅନେକ ସଂଗ୍ରାମୀ ବଳିପଡିଗଲେ। ସେମାନଙ୍କ ଭିତରୁ ଅନେକ ବିଦେଶୀ ସରକାରଙ୍କ ବିରୁଦ୍ଧରେ ଆପୋଷହୀନ ଭାବରେ ଲଢେଇ କରୁଥିଲେ। ଦେଶସେବା ଥିଲା ସେମାନଙ୍କର ଜୀବନର ବ୍ରତ। ଏହିଭଳି ଯେଉଁ କେତେଜଣ ଶେଷ ନିଃଶ୍ୱାସ ତ୍ୟାଗ ପୂର୍ବରୁ ନିଜ ନୀତିରୁ ବିଚ୍ୟୁତ ହୋଇ ନଥିଲେ। ମୁକୁନ୍ଦ ପ୍ରସାଦ ଦାସ ସେମାନଙ୍କ ଭିତରୁ ଥିଲେ ଅନ୍ୟତମ। ବାଲେଶ୍ୱର ଜିଲ୍ଲାର ଗଣ୍ଡିବେଡ ନିକଟରେ ଏକ ଛୋଟ ଗାଁ ପାବର୍ତୀପୁର। ଏହି ଗାଁରେ ଏକ ସଂଭ୍ରାନ୍ତ କରଣ ବଂଶରେ ୧୮୮୭ ମସିହା ଅଗଷ୍ଟ ମାସ ୧୨ ତାରିଖରେ ହର ପ୍ରସାଦ ଦାସଙ୍କ ବଡ ପୁତ୍ରରୂପେ ଜନ୍ମ ଗ୍ରହଣ କଲେ ମୁକୁନ୍ଦ ପ୍ରସାଦ। ତାଙ୍କର ଦୁଇଭାଇ ଓ ଗୋଟିଏ ଭଉଣୀ ମଧ୍ୟ ଥିଲେ। ମୁକୁନ୍ଦ ପ୍ରାସଦ ଗାଁରୁ ପାଠପଢା ଆରମ୍ଭ କରି ସୋର ମାଇନର ସ୍କୁଲରେ ପାଠପଢିଲେ। ମାଲବାହୀ ରେଳଗାଡିରେ ବସି ମାଇନର ପରୀକ୍ଷା ଦେବା ପାଇଁ ଭଦ୍ରକ ଯାଇଥିଲେ। ମୁକୁନ୍ଦ ପ୍ରସାଦ ଜଣେ କୃତି ଛାତ୍ର ଥିଲେ।ସେ ତାଙ୍କର ପିଉସାଙ୍କ ନିକଟରେ ରହି ବାଲେଶ୍ୱର ମିଶନ ସ୍କୁଲରେ ମେଟ୍ରିକ ପାଠ ପଢୁଥିଲେ। ତାଙ୍କ ପିତା ଜଣେ ପ୍ରଥମିକ ଶିକ୍ଷକ ଥିବାରୁ ମୁକୁନ୍ଦ ପ୍ରସାଦ ପିଉସାଙ୍କ ଉପରେ ନିର୍ଭର କରୁଥିଲେ। ପିଉସା ମେସ୍ ଖର୍ଚ୍ଚ ବାବଦକୁ ଦିନକୁ ୬ ପଇସା ଦେଉଥିଲେ। ମୁକୁନ୍ଦ ପ୍ରସାଦ ଭଦ୍ରକରୁ ନୌକାରେ ଆସି କଟକରେ ମେଟ୍ରିକ ପରୀକ୍ଷା ଦେଇ ମେଟ୍ରିକ ପାସ୍ କରିଥିଲେ। ମୁକୁନ୍ଦ ପ୍ରସାଦ ଆର୍ଥିକ ଅଭାବ ଯୋଗୁ କଲେଜରେ ପଢିପାରି ନଥିଲେ। ସେ ଘରୋଇ ଭାବେ ପାଢପଢି କଲିକତାରେ ମୁକ୍ତ୍ୟାର ପରୀକ୍ଷା ଦେଇ ସଫଳାତାର ସହ କୃତ କାର୍ଯ୍ୟ ହେଲେ। ବାଲେଶ୍ୱରସ୍ଥ ଝାଡେଶ୍ୱର ମନ୍ଦିର ନିକଟରେ ଗୋଟିଏ ଭଡା ଘର ନେଇ ମୁକ୍ତ୍ୟାର କାର୍ଯ୍ୟ ଆରମ୍ଭ କରିଥିଲେ। ସେ ଥିଲେ ଜଣେ ସ୍ୱାଧୀନଚେତା ନିର୍ଭୀକ ସତ୍ୟର ପୂଜାରୀ ମଣିଷ, ଅତି କମ୍ ଦିନ ମଧ୍ୟରେ ସେ ଜଣେ ନାମଜାଦା ମୁକ୍ତ୍ୟାର ଓ ଆଇନଜୀବୀ ଭାବେ ବାଲେଶ୍ୱର ଜିଲ୍ଲାରେ ପ୍ରସିଦ୍ଧ ଲାଭ କଲେ । ଥରେ କୌଣସି ଏକ କେସ୍ ସମ୍ବନ୍ଧରେ କଲିକତା ଯାଇଥିଲେ, ଯିବା ପୂର୍ବରୁ ସମସ୍ତଙ୍କୁ କହିଥିଲେ ଯଦି ଏହି କେସ୍‌ରେ ସେ ହାରି ଯାଆନ୍ତି, ତେବେ ସେ ପବିତ୍ର ଗଙ୍ଗା ନଦୀରେ ଆତ୍ମ ବିସର୍ଜନ କରିବେ, କିନ୍ତୁ ସେ କେସ୍‌ରେ ବିଜୟୀ ହୋଇ ଖୁସିରେ ଘରକୁ ଫେରିଲେ। ଦିନେ ବାଲେଶ୍ୱରର କଲେକ୍ଟର ଦେବ ସାହେବଙ୍କୁ ଏସ୍.ଡି.ଓ.ଙ୍କ କୋର୍ଟରେ ସାକ୍ଷୀ ଦେବାକୁ ପଡିଲା। ମୁକ୍ତ୍ୟାର ଭାବେ ମୁକୁନ୍ଦ ପ୍ରସାଦ ଦେଖିଲେ ଯେ କଲେକ୍ଟର ଏସ୍.ଡି.ଓ.ଙ୍କ ନିକଟରେ ଏକ ଚଉକି ଉପରେ ବସିଛନ୍ତି। ତେଣୁ ମୁକୁନ୍ଦ ପ୍ରସାଦ କିଛି ପଚାରି ପାରିଲେନାହିଁ। ବିଳମ୍ବ ହେତୁ ଏସ୍.ଡି.ଓ. ମୁକ୍ତ୍ୟାର ମୁକୁନ୍ଦ ପ୍ରସାଦଙ୍କୁ ପଚାରିଲେ ସାହେବ ତ ଅନେକ ବେଳୁ ଆସିଲେଣି। ଆପଣ ତାଙ୍କୁ ପଚାରିବାର ଯାହା ଅଛି ଡେରି ନ କରି ପଚାରନ୍ତୁ। ମାତ୍ର ମୁକ୍ତ୍ୟାର ଜଣକ ସ୍ପଷ୍ଟ ଭାବେ କହିଲେ- କଲେକ୍ଟର ସାକ୍ଷୀଦେବା ସ୍ଥାନରେ ଛିଡା ହେଲା ପରେ ସେ ତାଙ୍କୁ କିଛି ପଚାରିବେ। ଏହି କଥାରେ କଲେକ୍ଟର ସାହେବ ରାଗି, ସାକ୍ଷୀ ଗଡାକୁ ଯାଇ ଛିଡା ହେଲେ। ଏହାପରେ ମୁକ୍ତ୍ୟାର ତାଙ୍କୁ ଜେରା କରିଥିଲେ।ଏହି ନିର୍ଭୀକ ଓ ସ୍ପଷ୍ଟବାଦୀ ମୁକ୍ତ୍ୟାର ଜଣକ ହେଉଛନ୍ତି ଆମ ଓଡିଶା ବିଧାନସଭାର ପ୍ରଥମ ବାଚସ୍ପତି ଶ୍ରୀଯୁକ୍ତ ମୁକୁନ୍ଦ ପ୍ରସାଦ ଦାସ। ମୁକୁନ୍ଦ ପ୍ରସାଦ କଠୋର ପରିଶ୍ରମ କରି ଜଣେ ସଫଳ ସଚ୍ଚୋଟ ଓ ନିଷ୍ଠାପର ଆଇନଜୀବୀ ଭାବେ ଦକ୍ଷତା ପ୍ରତିପାଦନ କରି ସାରିବା ପରେ, ବିଶିଷ୍ଟ ଆଇନଜୀବୀ ଶ୍ରୀଯୁକ୍ତ ଭାଗବତ ପ୍ରସାଦ ମହାପାତ୍ରଙ୍କ କନ୍ୟା ଜାହ୍ନବୀ ଦେବୀଙ୍କୁ ବିବାହ କରିଥିଲେ। ଜାହ୍ନବୀ ଦେବୀ ଥିଲେ ଜଣେ ନାରୀ ନେତ୍ରୀ। ପରବର୍ତୀ ସମୟରେ ସେ ମୁକୁନ୍ଦ ପ୍ରସାଦଙ୍କ ସହିତ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ। ପରାଧିନ ଭରତ ବର୍ଷରେ ସାଧାରଣ ଲୋକେ ଇଂରେଜ ସରକାରଙ୍କ କଠୋର କୁଶାସନ ଓ ଅନ୍ୟାୟ ଅତ୍ୟାଚାରର ସମ୍ମୁଖୀନ ହେଉଥିଲେ। ମୁକୁନ୍ଦ ପ୍ରସାଦ ଆଇନ ମାଧ୍ୟମରେ ନିର୍ଭୀକ ସ୍ୱର ଉତ୍ତୋଳନ କରି ଲୋକମାନଙ୍କୁ ନ୍ୟାୟ ପ୍ରଦାନ କରୁଥିଲେ। ବିନା ଅପରାଧରେ ସରଳ ସୁନ୍ଦର ଲୋକମାନେ ନାନା କଷ୍ଟ ଭୋଗ କରୁଥିଲେ। ମୁକୁନ୍ଦ ପ୍ରସାଦ ବିନା ପଇସାରେ ଅନେକ ମକଦ୍ଦମା ଲଢି ପ୍ରକୃତ ନ୍ୟାୟ ଲୋକମାନଙ୍କୁ ଦେଇ ପାରୁଥିଲେ। ଏଥିରେ ବାଲେଶ୍ୱର କଲେକ୍ଟର, ମୁକୁନ୍ଦ ପ୍ରସାଦଙ୍କ ଉପରେ ଅସନ୍ତୁଷ୍ଟ ହୋଇ ମିଥ୍ୟା ମକଦ୍ଦମା ଦାଏର କଲେ। ଏହି ମିଥ୍ୟା ମକଦ୍ଦମାରୁ ଉଦ୍ଧାର ପାଇବା ପାଇଁ ମୁକୁନ୍ଦ ପ୍ରସାଦ ମଧୁ ବାବୁଙ୍କର ସହାୟତା ଲୋଡିଲେ। ମୁକୁନ୍ଦ ପ୍ରସାଦଙ୍କ ବିଚାର ଦିନ ବାଲେଶ୍ୱର ଅଦାଲତରେ ମଧୁବାବୁ ପଂହଚି ଦେଖିଲେ ମିଶଲରେ ଜଜ୍‌ଙ୍କ ନିକଟରେ କଲେକ୍ଟର ବସିଛନ୍ତି। ତେଣୁ କାହାକୁ କିଛି ନକହି ଡାକ ବଙ୍ଗଳକୁ ଚାଲିଗଲେ। ଏହାପରେ ଜଜ୍ ବିବ୍ରତ ହୋଇ ପେସ୍କାରଙ୍କୁ ପ୍ରକୃତ କାରଣ କଣ ବୁଝିବା ପାଇଁ ମଧୁବାବୁଙ୍କ ନିକଟକୁ ପଠାଇଲେ। ମଧୁବାବୁ ପେସ୍କାରଙ୍କୁ ଦେଖି ଚଢା ଗଳାରେ କହିଲେ -ନ୍ତତୁମ ଜଜଙ୍କୁ କହିଦେବ, ସେ ବ୍ରିଶିସ୍ କ୍ରାଉନ୍‌ଙ୍କୁ ଅପମାନିତ କରିଛନ୍ତି ଯେଉଁ ସରକାରୀ କର୍ମଚାରୀ କ୍ରାଇନଙ୍କୁ ଅପଦସ୍ତ କରେ, ସେ ସରକାରୀ କାର୍ଯ୍ୟ କରିବା ପାଇଁ ଯୋଗ୍ୟ ନୁହେଁ। ତେଣୁ ତୁମ ଜଜ୍ ତାଙ୍କ ପଦବୀରେ ରହିବା ଅନୁଚିତନ୍ତାନ୍ତ ଜଜ୍ ମୁଦାଲାକୁ ନିଜ ପାଖରେ ମିଶଲରେ ବସାଇ ଅନ୍ୟାୟ କରିଛନ୍ତି, ତେଣୁ ମୁଁ ଚାଲି ଅସିଲି ନ୍ତ ପେସ୍କାର ମଧୁବାବୁଙ୍କ କଥା ଜଜ୍‌ଙ୍କୁ ଜଣାଇବାରୁ ଜଜ୍ ନିଜର ଭୁଲ ବୁଝିପାରିଲେ ଓ ମଧୁବାବୁଙ୍କୁ ବଙ୍ଗଳାରେ ଦେଖାକରି ଭୁଲ ସ୍ୱୀକାର କଲେ। ଯଥା ସମୟରେ ଜଜ୍ ନିଜର ରାୟ ଘୋଷଣା କରି ମୁକୁନ୍ଦ ପ୍ରସାଦଙ୍କୁ ନିର୍ଦ୍ଦୋଷରେ ଖଲାସ କଲେ। ମୁକୁନ୍ଦ ପ୍ରସାଦ ଛାତ୍ର ଥିବା ବେଳେ ୧୯୦୭ ମସିହାରେ ଉତ୍କଳ ୟୁନିୟନ କଂଗ୍ରେସ ଦ୍ୱାରା ପରିଚାଳିତ ଦେଶ ମିଶ୍ରଣ ଆନ୍ଦୋଳନରେ ଯୋଗ ଦେଇଥିଲେ। ବ୍ରିଟିଶ ଶାସକଙ୍କ ଅନ୍ୟାୟ,ଅତ୍ୟାଚାର ଓ ଶୋଷଣ ବିରୁଦ୍ଧରେ ସଂଗ୍ରାମ ଚଳାଇଥିଲେ। ଜଣେ ବିଶିଷ୍ଟ ସମାଜ ସେବୀ ଓ ସ୍ୱାଧୀନତା ସଂଗ୍ରାମୀ ଭାବରେ ତାଙ୍କର ପତ୍ନୀ, ପୁତ୍ର ଓ କନ୍ୟା ସମସ୍ତଙ୍କୁ ସ୍ୱାଧୀନତା ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରାଇଥିଲ। ସେ ହରେକୃଷ୍ଣ ମହତାବଙ୍କର ଜଣେ ଘନିଷ୍ଠ ସହଯୋଗୀ ହୋଇଯାଇଥିଲେ। ମୁକୁନ୍ଦ ପ୍ରସାଦଙ୍କ ବାସଭବନ ପାଲଟି ଯାଇଥିଲା, କଂଗ୍ରେସର ବହୁନେତା ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କର ଘରୋଇ ଅଫିସ୍। ତାଙ୍କ ଘରେ ମହାତ୍ମା ଗାନ୍ଧୀ, ଜୟପ୍ରକାଶ ନାରାୟଣ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ପ୍ରମୁଖ ଅନେକ ବଡ ବଡ ଜାତୀୟବାଦୀ ନେତା ଅତିଥି ହୋଇଥିଲେ। ଉତ୍କଳ ସମ୍ମିଳନୀରେ ମୁକୁନ୍ଦ ପ୍ରସାଦ ଓଡିଶାର ଗମନାଗମନ, ବାଣିଜ୍ୟ ଓ ଶିକ୍ଷାର ଉପରେ ଗୁରୁତ୍ୱ ଦେଉଥିଲେ। ଥରେ ମୁକୁନ୍ଦ ପ୍ରସାଦଙ୍କୁ ଇଂରଜ ସରକାର ରାଜଦ୍ରୋହ ଅପରାଧରେ ଅଭିଯୁକ୍ତ କଲେ। ଏହି କେସ୍‌ରେ ଲଢିବା ପାଇଁ ବିଶିଷ୍ଟ ଆଇନଜ୍ଞ ଓ ସ୍ୱାଧୀନତା ସଂଗ୍ରାମୀ ଚିତରଂଜନ ଦାସ ଦାୟିତ୍ୱ ନେଲେ, ବହୁଦିନ ପର୍ଯ୍ୟନ୍ତ ବିଚାର ଚାଲିଲା। ଶେଷରେ ମୁକୁନ୍ଦ ପ୍ରସାଦ ନିର୍ଦ୍ଦୋଷରେ ଖଲାସ ହେଲେ।


ଅକ୍ଷୟ କୁମାର ରାଉତ

୧୯୨୭ ମସିହାରେ ମହାତ୍ମା ଗାନ୍ଧୀ ଓଡିଶା ଗସ୍ତରେ ଆସି ଡିସେମ୍ବର ୧୪ ତାରିଖ ଦିନ ମୁକୁନ୍ଦ ପ୍ରସାଦଙ୍କ ଘରେ ଅତିଥି ହୋଇ, ବାଲେଶ୍ୱରର ବିଭିନ୍ନ ସଭାସମିତିମାନଙ୍କରେ ଭାଷଣ ଦେଇଥିଲେ । ମୁକୁନ୍ଦ ପ୍ରସାଦ ବାଲେଶ୍ୱର ଷ୍ଟେସନ ପଡିଆଠାରେ ଏକ ବିରାଟ ସଭାର ଆୟୋଜନ କରିଥିଲେ। ମହାତ୍ମା ଗାନ୍ଧୀ ଏହି ସଭାରେ ଭାଷଣ ଦେଇଥିଲେ। ଏହି ସଭାରେ ମୁକୁନ୍ଦ ପ୍ରସାଦଙ୍କ ପତ୍ନୀ ଜାହ୍ନବୀ ଦେବୀ, ସୁଭଦ୍ରା ମହତାବ, ନନ୍ଦକିଶୋର ଦାସଓ ନୀଳାମ୍ବର ଦାସ ସମେତ ବହୁ ବିଶିଷ୍ଟ ନେତା ଓ କଂଗ୍ରେସର କର୍ମୀ ଯୋଗ ଦେଇ ଥିଲେ। ଏହାପରେ ମୁକୁନ୍ଦ ପ୍ରସାଦ ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଇନ ବ୍ୟବସାୟକୁ ପରିତ୍ୟାଗ କରି ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ।

୧୯୨୮ ମସିହାରେ କଲିକତା ଠାରେ ଅନୁଷ୍ଠିତ ଜାତୀୟ କଂଗ୍ରେସର ଅଧିବେଶନରେ ମୁକୁନ୍ଦ ପ୍ରସାଦଙ୍କ ପତ୍ନୀ ଜାହ୍ନବୀ ଦେବୀ, କୋକିଳ ଦେବୀ,ସରଳା ଦେବୀ, ରମାଦେବୀ ଓ ସରୋଜିନୀ ଚୌଧୁରୀ ଆଦି ନାରୀ ନେତ୍ରୀମାନେ ଓଡିଶାରୁ ପ୍ରତିନିଧିତ୍ୱ କରିଥିଲେ। ୧୯୩୦ ମସିହାରେ ଇଂଚୁଡିଠାରେ ଲବଣ ସତ୍ୟାଗ୍ରହରେ ମୁକୁନ୍ଦ ପ୍ରସାଦ, ଗୋପବନ୍ଧୁ ଚୌଧୁରୀ, ମାଳତୀ ଚୌଧୁରୀ, ରମାଦେବୀ,ଜାହ୍ନବୀ ଦେବୀ ଓ କୋକିଳ ଦେବୀ ଯୋଗଦେଇଥିଲେ। ମୁକୁନ୍ଦ ପ୍ରସାଦଙ୍କ ପତ୍ନୀ ଜାହ୍ନବୀ ଦେବୀ ଗିରଫ ହୋଇ କାରାବରଣ କରିଥିଲେ। କିନ୍ତୁ ମୁକୁନ୍ଦ ପ୍ରସାଦମାଜିଷ୍ଟ୍ରେଟଜ୍ଞାନ ବାବୁଙ୍କ ସହାୟତାରେ ଖଲାସ ହୋଇଯାଇଥିଲେ। ମୁକୁନ୍ଦ ପ୍ରସାଦଙ୍କ ସହଯୋଗରେ ୧୯୩୧ ମସିହାରେ ବାଲେଶ୍ୱଠାରେ ଓଡିଶାର ପ୍ରଥମ ଉତ୍କଳ ମହିଳା ସମ୍ମିଳନୀ ଅନଷ୍ଠିତ ହୋଇଥିଲା ଏଥିରେ ଅଭ୍ୟର୍ଥନା ସମିତିର ଅଧ୍ୟକ୍ଷ ଥିଲେ ଶ୍ରୀମତୀ ଜାହ୍ନବୀ ଦେବୀ । ୧୯୪୨ ମସିହାରେ ନ୍ତଭାରତଛାଡନ୍ତ ଆନ୍ଦୋଳନରେ ବହୁ ନେତା ଗିରଫ ହୋଇଥିଲେ, ଏଥିରେ ମୁକୁନ୍ଦ ପ୍ରସାଦଙ୍କ ପତ୍ନୀ ଶ୍ରୀମତୀ ଜାହ୍ନବୀ ଦେବୀ କାରାବରଣ କରିଥିଲେ। ସ୍ୱାମୀ ମୁକୁନ୍ଦ ପ୍ରସାଦଙ୍କ ପ୍ରେରଣା ଯୋଗୁ ଜାହ୍ନବୀ ଦେବୀ ସ୍ୱାଧିନତା ଆନ୍ଦୋଳନରେ ବହୁବାର ଗିରଫ ହୋଇଥିଲେ। ହଜାରୀବାଗ୍ ଜେଲରୁ ଖଲାସ ହୋଇ ଓଡିଶା କଂଗ୍ରେସର ନେତାମାନେ ପ୍ରଥମେ ମୁକୁନ୍ଦ ପ୍ରସାଦଙ୍କୁ ସାକ୍ଷାତ କରୁଥିଲେ। ମୁକୁନ୍ଦ ପ୍ରସାଦ ସେମାନଙ୍କର ରହିବା,ଖାଇବ ଓ ସୁବିଧା ଅସୁବିଧାର ସମସ୍ତ ଖର୍ଚ୍ଚ ବହନ କରୁଥିଲେ।

ବ୍ରିଟିଶ ସରକାରଙ୍କ ୧୯୩୫ ମସିହା ଭାରତ ଆଇନ୍ ଅନୁଯାୟୀ ଓଡିଶା ବିହାରରୁ ଅଲଗା ହୋଇ, ୧୯୩୬ ମସିହା ଏପ୍ରିଲ ପହିଲା ଦିନ ବିଧିବଦ୍ଧ ଭାବେ ଓଡିଶା ସ୍ୱତନ୍ତ୍ର ରାଜ୍ୟ ରୂପେ ଘୋଷିତ ହେଲା। ତେଣୁ ରାଜ୍ୟ ବିଧାନସଭାର ୬୦ଟି ଆସନ ନିମନ୍ତେ ନିର୍ବାଚନ କରାଗଲା। ଏହି ନିର୍ବାଚନରେ କଂଗ୍ରେସ ସଂଖ୍ୟା ଗରିଷ୍ଠତା ଲାଭ କରିଥିଲେ ମଧ୍ୟ ସଂଖ୍ୟାଲଘୁ ବିରୋଧି ଦଳର ନେତା ପାରଳାଖେମୁଣ୍ଡିର ମହାରାଜ କୃଷ୍ଣଚନ୍ଦ୍ର ଗଜପତି ଓଡିଶାର ପ୍ରଧାନମନ୍ତ୍ରୀ ଓ ମୁକୁନ୍ଦ ପ୍ରସାଦ ଦାସ ପ୍ରଥମ ବାଚସ୍ପତି ଭାବରେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ। ରେଭେନସା କଲେଜରେ ବିଧାନସଭାର ପ୍ରଥମ ଅଧିବେଶନ ୧୯୩୭ ମସିହା ଜୁଲାଇ ୨୮ ତାରିଖ ଦିନ ବସିଥିଲା। ପ୍ରଥମ ବାଚସ୍ପତି ମୁକୁନ୍ଦ ପ୍ରସାଦ ବିଧାନସଭାର ସମସ୍ତ ସଭ୍ୟଙ୍କୁ ଠିଆହୋଇ 'ବନ୍ଦେ ମାତରମ୍' ଗାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବାଚସ୍ପତି ଭାବରେ ଓଡିଶାର ସମସ୍ତ ବିଚ୍ଛିନ୍ନାଚଂଳକୁ ଓଡିଶାରେ ମିଶେଇବା ପାଇଁ ଅବିରତ ଚେଷ୍ଟା ଚଳାଇଥିଲେ।ବାଚସ୍ପତି ଭାବରେ ବିଧାନସଭାରେ ବ୍ୟବହୃତ ଭାଷା ପ୍ରଶ୍ନୋତର, ତର୍କ-ବିତର୍କ ଆଦି ନିୟମ, ଆଦର୍ଶ ଓ ପରମ୍ପରା ଉପରେ ତାଙ୍କର ଗଭୀର ଦକ୍ଷତା ଥିଲା। ତାଙ୍କରଅନେକ ଉପାଦେୟ ନିଷ୍ପତି ବିଧାନସଭାର ଗୌରବ ବୃଦ୍ଧି କରିଥିଲା। ପରବର୍ତିକାଳରେ ମୁକୁନ୍ଦ ପ୍ରସାଦ ବାଚସ୍ପତି ମାନଙ୍କ ନିମନ୍ତେ ଆଦର୍ଶ ହୋଇଯାଇଥିଲେ। ୧୯୬୦ ମସିହାରେ ବିଶ୍ୱକୃଷି ପ୍ରଦର୍ଶନୀ ଦିଲ୍ଲୀଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡିଶାରୁ ମୁକୁନ୍ଦ ପ୍ରସାଦ ପ୍ରତିନିଧି ରୂପେ ଯୋଗଦେଇ କୃଷିର ବିକାଶ ପାଇଁ କେତେକ ସଂସ୍କାରମୂଳକ କାର୍ଯ୍ୟ କରିଥିଲେ। ତାଙ୍କ ଗ୍ରାମରେ ପ୍ରଥମେ ଜାପାନୀ କଳ ଲଙ୍ଗଳ ସାହାର୍ଯ୍ୟରେ ଚାଷ କରିଥିଲେ। କୃଷି ବ୍ୟତୀତ ଓଡିଆ ଭାଷା, ସାହିତ୍ୟ,ସଂସ୍କୃତି,ପରମ୍ପରା ଓ ସଙ୍ଗୀତର ବହୁ ଉନ୍ନତି ସାଧିତ କରିଥିଲେ। ସେ ଏକ ରାଧାଗୋବିନ୍ଦ ମନ୍ଦିର ପ୍ରତିଷ୍ଠା କରିଥିଲେ। ତାଙ୍କର ୨ ପୁତ୍ର ଗୌର ଗୋପାଳ ଓ ନଟ ଗୋପାଳ। ନଟ ଗୋପାଳଙ୍କ ଅକାଳ ମୃତ୍ୟୁରେ, ସେ 'ନଟଗୋପାଳ' ନାମରେ ଗୋଟିଏ ନୃତ୍ୟ ସଙ୍ଗୀତ ଅନୁଷ୍ଠାନ ଗଢିଥିଲେ। ମୁକୁନ୍ଦ ପ୍ରସାଦ ଜଣେ ସଂଗ୍ରାମୀ, ନିର୍ଭୀକ,ସ୍ପଷ୍ଟବାଦୀ, ଆଦର୍ଶ ଓ ସରଳ ମଣିଷ ଥିଲେ। ଏହି ନିଷ୍କପଟ ସରଳ ଉତ୍କଳ ମାତାର ବରପୁତ୍ର ୧୯୬୯ ମସିହା ନଭେମ୍ବର ମାସ ୭ ତାରିଖ ରେ ଆମଠାରୁ ଚିରଦିନ ପାଇଁ ବିଦାୟ ନେଇଥିଲେ।

ପାରାଦ୍ୱୀପଗଡ, କୁଜଙ୍ଗ,
ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫

# ଶ୍ରମମେବ ଜୟତେ ହିଁ ସତ୍ୟମେବ ଜୟତେ

ଦେଶ ଗଠନର ବିନ୍ଧାଣି ଶ୍ରମଜୀବୀ ଶ୍ରେଣୀ। ସ୍ୱଳ୍ପସଂଖ୍ୟକ ଦେଶରେ ଶ୍ରମଜୀବୀ ଶ୍ରେଣୀକୁ ଗୁରୁତ୍ୱ ଦିଆଯାଉଥିଲେ ହେଁ ଏବେ ସମଗ୍ର ବିଶ୍ୱରେ ଶ୍ରମିକମାନଙ୍କୁ ମାଲିକ ଶ୍ରେଣୀ ଓ ସରକାର ଅତି ନ୍ୟୂନ ଦୃଷ୍ଟିରେ ଦେଖୁଛନ୍ତି। ପ୍ରକୃତ ଉତ୍ପାଦନର ମାଲିକ ଶ୍ରମିକମାନେ କିନ୍ତୁ ପୁଞ୍ଜି ସଂଗ୍ରହକାରୀ ଓ ବିନିଯୋଗକାରୀ ମାଲିକ ବୋଲାଇ ତାଙ୍କ ଲାଭର ପାହାଡ଼କୁ ଆକାଶଚୁମ୍ବୀ କରାଇବାରେ ଲାଗିପଡ଼ିଛନ୍ତି। ଏଣେ ମାଟି ଉପରେ ରୁଟି, କପଡ଼ା, ମକାନ ପାଇଁ ଦିନ ରାତି ଖଟିଲେ ବି ଶ୍ରମିକଶ୍ରେଣୀ ପକ୍ଷରେ ଆବଶ୍ୟକୀୟ ସାମଗ୍ରୀ ଯୋଗାଡ଼ କରିବା କାଠିକର ପାଠ ହୋଇଯାଇଛି। ବ୍ରିଟିଶ ଅମଳରୁ ଆଜି ପର୍ଯ୍ୟନ୍ତ ଶ୍ରମ ଆଇନ୍‌ଗୁଡ଼ିକ ଏତେ ଜଟିଳ ଯେ ଶ୍ରମଜୀବୀ ଶ୍ରେଣୀ ନ୍ୟାୟ ଅପେକ୍ଷାରେ ବର୍ଷବର୍ଷ ଚାତକ ଭଳି ଚାହିଁ ରହୁଛନ୍ତି। କେତେକ ବୃଦ୍ଧ ହୋଇଯାଇ ମୃତ୍ୟୁ ମୁଖରେ ପଡୁଛନ୍ତି, ଆଉ କେତେକ କୋର୍ଟ କଚେରୀ ଓକିଲ ପାଖକୁ ଧାଇଁ ଧାଇଁ ସର୍ବସ୍ୱାନ୍ତ ହୋଇ ପଡୁଛନ୍ତି। ଏହି ଦୃଷ୍ଟିରୁ ଜଟିଳ ଶ୍ରମଆଇନ୍‌ଗୁଡ଼ିକର ଶ୍ରମିକ ସ୍ୱାର୍ଥର ଚାବବହିଦା ଦୃଷ୍ଟିରୁ ଆଶୁସଂସ୍କାର ଏକାନ୍ତ ଆବଶ୍ୟକ ହୋଇପଡ଼ିଛି।ସାଂପ୍ରତିକ ଶ୍ରମ ଆଇନ୍ ଶ୍ରମିକମାନଙ୍କ ପାଇଁ କର୍ମନିଯୁକ୍ତି ସୃଷ୍ଟି କରିବାରେ କୌଣସି ସହାୟକ ହୋଇପାରୁନି। କେବଳ ନିର୍ମାଣ, ଫାର୍ମ, ଆତ୍ମନିଯୁକ୍ତି ଏବଂ ମାମୁଲି ଚାକିରି କିଛି ସୃଷ୍ଟି କରୁଛି। ଯାହା ସମୁଦ୍ରକୁ ମାତ୍ର ଶଙ୍ଖେ ପାଣି ଭଳି। ପୁଣି ଯାହାକିଛି ଆଇନ୍ ଅଛି ସେଥିରେ ବାରମ୍ବାର ସଂଶୋଧନ କରାଯାଇ ଅନେକ କଳାଆଇନ୍ ଯୋଡ଼ି ଦିଆଯାଉଛି। ଶ୍ରମଜୀବୀ ଶ୍ରେଣୀ ମ୍ନରେ ରାଜନୈତିକ, ଅର୍ଥନୈତିକ, ସାମାଜିକ, ସାଂସ୍କୃତିକ ଭାବେ ଉନ୍ନତ ଚିନ୍ତା ଚେତନା ସୃଷ୍ଟି କରିବାରେ କୌଣସିଦଳ ଖାସ୍ ପଦକ୍ଷେପ ନେଇ ପାରୁନାହାନ୍ତି। ଶ୍ରମିକମାନଙ୍କୁ ଯେଉଁସବୁ ଟ୍ରେଡ୍‌ୟୁନିୟନ୍‌ମାନେ ସଂଗଠିତ କରୁଛନ୍ତି, ସେମାନେ ଦଳ ଓ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ବେଶି ଉତ୍ସାହୀ - ଯାହା ଫଳରେ ଶ୍ରମିକମାନଙ୍କ ସ୍ୱାର୍ଥରକ୍ଷା କରାଯାଇ ପାରୁନି। ପୁଣି ଦେଶର ବେଶି ଭାଗ ଶ୍ରମିକମାନଙ୍କର କୌଣସି ଟ୍ରେଡ୍ ୟୁନିୟନ ନାହିଁ। ଏମାନଙ୍କୁ ଐକ୍ୟବଦ୍ଧ କରି ଏକ ସଜାଗ ସଂଗଠନ ରୂପେ ଗଢ଼ିବାକୁ କେହି ଆଗ୍ରହ ପ୍ରକାଶ କରୁନାହାନ୍ତି।ଦେଶରେ ଶ୍ରମ ଓ ଶିଳ୍ପ ସଂପର୍କିତ ୪୪ଟି ଜାତୀୟ ଆଇନ୍ ଅଛି - ଏହା ବାଦ୍ ପ୍ରତ୍ୟେକ ରାଜ୍ୟରେ ଶହଶହ ସଂଶୋଧନ କରାଯାଉଛି। ଏହିସବୁ ଆଇନ୍‌କାନୁନ୍ ଦ୍ୱାରା ଶ୍ରମିକମାନଙ୍କ କ୍ଷେତ୍ରରେ ଶିଳ୍ପାନୁଷ୍ଠାନ କର୍ତ୍ତୃପକ୍ଷ ମଧ୍ୟ ଅସାଧୁ ଆଚରଣ କରିବାକୁ ପଛାଉ ନାହାନ୍ତି। ଭାରତରେ ସାପ୍ତାହିକ ଶ୍ରମ ସମୟ ୪୮ଘଂଟା ଥିଲାବେଳେ ଚୀନ୍, ରୁଷରେ ୪୦ଘଂଟା ଅଛି। ଭାରତରେ ସର୍ବନିମ୍ନ ମଜୁରୀ ହାରାହାରି ୨୮% ଥିଲାବେଳେ ଚୀନ୍, ଭିଏତ୍‌ନାମରେ ୨୯%, ମାଲୟେସିଆରେ ୩୪%, ବ୍ରାଜିଲ୍‌ରେ ୩୮% ଅଛି। ମହିଳା ଶ୍ରମିକମାନଙ୍କ ପାଇଁ ପ୍ରସୂତିକାଳୀନ ସବେତନ ଛୁଟି ୧୨ ସପ୍ତାହ ଥିଲାବେଳେ କଲମ୍ବିଆରେ ୧୪ ସପ୍ତାହ, ବ୍ରାଜିଲରେ ୧୭ସପ୍ତାହ ଅଛି। ଭାରତରେ ଅନ୍ୟାନ୍ୟ ଆଇନ୍‌କାନୁନ୍ ମଧ୍ୟ ଜଟିଳ। ସୁଫଳ ପାଇଁ ଅର୍ଥ ଓ ସମୟ ବରବାଦ ହୁଏ।ଏବେ ମାଲିକମାନେ ଠିକା ଶ୍ରମିକ ଉପରେ ବେଶି ଗୁରୁତ୍ୱ ଦେଉଛନ୍ତି। ଜଣେ ଶ୍ରମିକ ଶିଳ୍ପାନୁଷ୍ଠାନରେ ଲଗାତର ୯୦ଦିନ କାମ କଲେ ସ୍ଥାୟୀ ଶ୍ରମିକ ଭାବରେ ଗଣା ହେବା ପାଇଁ ବିଧି ଅଛି। ଠିକ୍ ୮୯ ଦିନ କାମ କଲା ପରେ ହଠାତ୍ ଛଟେଇ କରିଦିଅନ୍ତି। ହାୟାର୍ ଆଣ୍ଡ ଫାୟାର୍ ପଲିସିକୁ ମାଲିକ ଶ୍ରେଣୀ ବହୁତ ଭଲ ପାଆନ୍ତି। ସବୁଠାରୁ ଭୟଙ୍କର ବ୍ୟବସ୍ଥା ହେଲା - ମାଲିକମାନେ ସ୍ଥାନୀୟ ଅପରାଧୀମାନଙ୍କୁ ଶ୍ରମିକ ଯୋଗାଣ କାମର ଦାୟିତ୍ୱ ଦିଅନ୍ତି। ଯାହାଫଳରେ ମାଲିକ ଶ୍ରମିକମାନଙ୍କର ପ୍ରାପ୍ୟ ମଜୁରୀ ହରଣଚାଲ କରନ୍ତି। ଶ୍ରମିକ ଯୋଗାଣକାରୀ ଠିକାଦାରମାନେ ମଧ୍ୟ ମାଲିକ ଓ ଶ୍ରମିକମାନଙ୍କଠାରୁ କମିଶନ ପାଆନ୍ତି। ଟ୍ରେଡ୍ ୟୁନିୟନ୍ ଓ ସରକାରଙ୍କର ଶ୍ରମ ବିଭାଗ ସବୁ ଜାଣି ଅଜଣା।ସର୍ବନିମ୍ନ ମଜୁରୀ ଆଇନ୍, ଫାକ୍ଟ୍ରି ଆକ୍ଟ, ଶିଶୁଶ୍ରମିକ ଆଇନ୍ ପ୍ରମୁଖ ଆଇନ୍ କାର୍ଯ୍ୟକାରୀ କରିବାରେ ସଚେତନତା ସୃଷ୍ଟି କରାଯାଉନି।କେନ୍ଦ୍ର ସରକାର ସର୍ବନିମ୍ନ ମଜୁରୀ ଶିଶୁଶ୍ରମିକ, ଶିକ୍ଷାନବିସ୍ (ୟାପ୍ରେନ୍‌ଟିସ୍) ଆଇନ୍‌ରେ ସଂସ୍କାର ଆଣିବାକୁ ପ୍ରସ୍ତାବ ଅଛି। ବ୍ରିଟିଶ୍ ଅମଳର କିଛିକିଛି ଶ୍ରମ ଆଇନ୍ କେବଳ ସଂଶୋଧନ କରାଯାଇଛି। ସର୍ବନିମ୍ନ ମଜୁରୀ ଆଇନ୍‌ରେ ଶ୍ରମିକମାନଙ୍କ ପାଇଁ ବହୁବିଧ ସୁଯୋଗସୁବିଧା ଥିଲେ ହେଁ ତାହା କାର୍ଯ୍ୟକାରୀ ହୋଇ ପାରୁନି। ଦେଶର କୋଟିକୋଟି ଶ୍ରମିକ ଏବେବି ସର୍ବନିମ୍ନ ମଜୁରୀ ପାଇ ପାରୁ ନାହାନ୍ତି। ସେମାନଙ୍କ ସୁରକ୍ଷା ତଥା ନ୍ୟାୟୋଚିତ ମଜୁରୀ ଦେବାରେ ଏ ପର୍ଯ୍ୟନ୍ତ ସବୁ ସରକାର ବ୍ୟର୍ଥ ହୋଇଛନ୍ତି। ଆଇନ୍‌ଭଂଗକାରୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହୋଇପାରୁନି।ଶିଶୁ ଶ୍ରମିକ ପ୍ରଥା ଏକ ଜାତୀୟ ଲଜ୍ଜା। ଶିଶୁଶ୍ରମିକ ଉଚ୍ଛେଦ ପାଇଁ ସରକାରମାନେ ବାରମ୍ବାର କଣ୍ଠଫଟାଇ ଚିତ୍କାର କଲେ ମଧ୍ୟ କୁମ୍ଭୀର କାନ୍ଦଣାରେ ପରିଣତ ହେଉଛି। ଘରଠାରୁ ଆରମ୍ଭ କରି ଦୋକାନବଜାର, କଳକାରଖାନା, ଖଣିଖାଦାନରେ ଶିଶୁଶ୍ରମିକମାନଙ୍କୁ ହାଡ଼ଭଙ୍ଗା ଖଟଣି ଖଟିବାକୁ ହୁଏ। ଯେଉଁ ବୟସରେ ସେମାନେ ଖେଳିବୁଲି, ପାଠପଢି ଭବିଷ୍ୟତ ଗଠନ କରିବାର ମୂଳଦୁଆ ପଡ଼ନ୍ତା ସେ ବୟସରେ ସେମାନଙ୍କୁ ମୂଲ ଲାଗିବାକୁ ପଡ଼େ। ଏହି ପ୍ରଥା ସଂପୂର୍ଣ୍ଣ ଲୋପ କରାଯାଇ ଶିଶୁମାନଙ୍କ ସୁରକ୍ଷା ଓ ଭବିଷ୍ୟତ ଗଠନ ପାଇଁ ସକାରାତ୍ମକ ବାସ୍ତବ ପଦକ୍ଷେପ ନେବାର ସମୟ ଆସି ଯାଇଛି।ଆମ ଦେଶରେ ଶିକ୍ଷାନବିସ୍ ଆଇନ୍ ଅଛି, ପ୍ରଥମେ ଶିକ୍ଷାର୍ଥୀ ଟ୍ରେନିଂ ନେଲା ପରେ ନିଯୁକ୍ତି ଦିଆଯିବାର ଆଇନ୍ ଅଛି। କିଂତୁ ଶିକ୍ଷାନବିସ୍‌ମାନେ ଧାର୍ଯ୍ୟ ସମୟ ଶେଷ କଲା ପରେ ଚାକିରି ମିଳୁନି। ଆମ ଦେଶରେ ଲକ୍ଷଲକ୍ଷ ଶିକ୍ଷାନବିସ୍ ଟ୍ରେନିଂ ଶେଷ କଲା ପରେ ମ୍ନ ଚାକିରି ନପାଇ ବେକାର ଜୀବନ ବିତାଉଛନ୍ତି। ଏହି ୩ଟି ଆଇନ୍‌କୁ ସରକାର ବଦଳାଇବା ପାଇଁ ପ୍ରସ୍ତାବ ରଖିଛନ୍ତି। ଏହି ଆଇନ୍‌ଗୁଡ଼ିକ ଶ୍ରମଜୀବୀ ଶ୍ରେଣୀର ସ୍ୱାର୍ଥରେ ଯେଭଳି ବାସ୍ତବ କାର୍ଯ୍ୟକାରୀ ହେବ -ସେଥିପାଇଁ ସମସ୍ତେ ଧ୍ୟାନ ଦେବା ଆବଶ୍ୟକ।ଶ୍ରମିକମାନଙ୍କ ସ୍ୱାର୍ଥ ପାଇଁ ଯେଉଁସବୁ ଆଇନ୍ ଅଛି- ବିଶେଷ କରି ଭବିଷ୍ୟନିଧି ପାଣ୍ଠି, ତାହା ପ୍ରାୟ ଅଚଳଅବସ୍ଥାକୁ ଆସିଯାଇଛି। ଶ୍ରମିକ କର୍ମଚାରୀମାନଙ୍କଠାରୁ ଇପିଏଫ୍ କାଟିରଖିଲାବେଳେ ମାଲିକମାନେ ସମପରିମାଣରେ ଅର୍ଥ ଶ୍ରମିକମାନଙ୍କ ନାଁରେ ରଖିବା ନିୟମ ଅଛି। ଅଧିକାଂଶ କ୍ଷେତ୍ରରେ ମାଲିକମାନେ ତାଙ୍କ ସର୍ତ ରକ୍ଷାକରୁ ନାହାନ୍ତି। ଇପିଏଫ୍ ଫଣ୍ଡକୁ ଟଙ୍କାଯାଉନି। ଲକ୍ଷଲକ୍ଷ ଟଙ୍କା ଠକି ଚାଲିଛନ୍ତି। ଇପିଏଫ୍ ଫଣ୍ଡରେ ଶ୍ରମିକମାନଙ୍କର କୋଟିକୋଟି ଟଙ୍କା ମଧ୍ୟ ଫେରି ପାଉ ନାହାନ୍ତି। ବହୁ ଶ୍ରମିକ ସଚେତନତା ଅଭାବରୁ ଇପିଏଫ୍ ଫଣ୍ଡ ଉଠାଇ ପାରୁ ନାହାନ୍ତି। ଏହା ଶ୍ରମିକମାନଙ୍କ ସ୍ୱାର୍ଥରକ୍ଷା ପରିବର୍ତେ କ୍ଷତି ସାଧନ କରୁଛି। ସଂପ୍ରତି ପ୍ରଚଳିତ ପୁଂଜିବାଦୀ ବ୍ୟବସ୍ଥାରେ ଶ୍ରମିକଶ୍ରେଣୀ ଅର୍ଥନୈତିକ ସୁବିଧାବାଦର ଶିକାର ହୋଇ ପଡ଼ିଛନ୍ତି। ଦେଶର ସଂଖ୍ୟାଧିକ ଶ୍ରମିକନେତା ଏବେ ମାଲିକମାନଙ୍କର ସ୍ୱାର୍ଥ ପାଇଁ କାମ କରୁଛନ୍ତି।ସାଂପ୍ରତିକ ସମାଜବ୍ୟବସ୍ଥାରେ ଅତ୍ୟଧିକ ମୁନାଫା ଲାଳସା ପାଇଁ ଶ୍ରମଭିତିକ ଶିଳ୍ପକୁ ପୁଂଜିଭିତିକ ଶିଳ୍ପରେ ପରିଣତ କରାଯାଇଛି ଯାହା ଫଳରେ ବ୍ୟାପକ ମେସିନ୍, କମ୍ପ୍ୟୁଟର ପ୍ରଚଳନ ଯୋଗୁ ଶ୍ରମିକ ଛଟେଇ ଏକପ୍ରକାର ସାଧାରଣ ଘଟଣା ପାଲଟିଯାଇଛି ଓ ନୂଆନୂଆ ନିଯୁକ୍ତି ସୃଷ୍ଟି ହେବାରେ ଅନ୍ତରାୟ ସୃଷ୍ଟି ହୋଇଛି। ଶ୍ରମଜୀବୀମାନଙ୍କୁ ନ୍ୟାୟୋଚିତ ମଜୁରୀ ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରଦାନ କରିବାରେ ସରକାର କିମ୍ବା ଆଇନ୍‌କାନୁନ୍ କାର୍ଯ୍ୟକାରୀ ପଦକ୍ଷେପ ନେଇ ପାରୁ ନାହାନ୍ତି। ମାତ୍ର ମନେରଖିବାକୁ ପଡ଼ିବ ଯେ ଶ୍ରମମେବ ଜୟତେ ହିଁ ପ୍ରକୃତରେ ସତ୍ୟମେବ ଜୟତେ - ଶ୍ରମକୁ ସଂଭ୍ରମ ନ ଦେଲେ ସଭ୍ୟତାର ଜୟଯାତ୍ରା ହେବ ଭ୍ରମ ସଂକୁଳ। ଆସନ୍ତା କାଲିର ଅଗ୍ରଗତି ନିମନ୍ତେ ଏହା ହିଁ ଆଜିର ଆହ୍ୱାନ - ଶ୍ରମମେବ ଜୟତେ। ପୃଥିବୀର ପ୍ରତ୍ୟେକ ପ୍ରାନ୍ତ ଆଜି ଏହି ବିଜୟର ଅପେକ୍ଷାରେ।


ମାୟାଧର ନାୟକ

ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

# ମୋ ଗାଁ



## ଟାଟା ପାୱାର ଲାଇନ ମ୍ୟାନ ଦୁର୍ଯ୍ୟୋଧନ ମହାନ୍ତଙ୍କ ମୃତ୍ୟୁରେ ବିଦ୍ୟୁତ କର୍ମଚାରୀ ସଂଘର ଶୋକ

ବାରିପଦା : ଟାଟା ପାୱାର ନର୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ କମ୍ପାନୀର ରାଇରଙ୍ଗପୁର ଡିଭିଜନ୍ ସେକ୍ସନରେ ଲାଇନ ମ୍ୟାନ ଭାବେ କାର୍ଯ୍ୟ କରୁଥିବା ଦୁର୍ଯ୍ୟୋଧନ ମହାନ୍ତ(୩୫)ଙ୍କ ମୃତ୍ୟୁକୁ ନେଇ ନେସ୍କୋ ପାୱାର ଏମ୍ପ୍ଲୋଇଜ ୟୁନିୟନ ପକ୍ଷରୁ ଗଭୀର ଶୋକ ବ୍ୟକ୍ତ କରାଯାଇଛି । ଏହି ସହିତ ୟୁନିୟନର ସାଧାରଣ ସମ୍ପାଦକ ତାରାକାନ୍ତ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଡେପୁଟୀ ଜେନେରାଲ ସେକ୍ରେଟେରୀ ଜ୍ୟୋତିକୃଷ୍ଣ ବେହେରାଙ୍କ ଅଧ୍ୟକ୍ଷତାରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ଦିବଂଗତ ବିଦ୍ୟୁତ ବିଭାଗର କର୍ମଚାରୀ ଦୁର୍ଯ୍ୟୋଧନଙ୍କ ଅମର ଆତ୍ମାର ସଦଗତି କାମନା କରାଯାଇ ନୀରବ ପ୍ରାର୍ଥନା କରାଯାଇଥିଲା । ଏହାପରେ ୟୁନିୟନର ସଦସ୍ୟମାନେ ଦୁର୍ଯ୍ୟୋଧନଙ୍କ ସ୍ମୃତି ଚାରଣ କରାଯାଇ ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରିଥିଲେ । ଏଥି ସହିତ କମ୍ପାନୀରୁ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଦୁର୍ଯ୍ୟୋଧନଙ୍କ ପ୍ରାପ୍ୟ ତାଙ୍କର ଉତରାଧିକାରୀମାନେ କିପରି ଯଥା ଶୀଘ୍ର ପାଇ ପାରିବେ ସେ ସମ୍ପର୍କରେ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ହରିଶ କୁମାର ପଣ୍ଡାଙ୍କ ସହ ଆଲୋଚନା କରିବା ସଂଗେସଂଗେ ତାଙ୍କର ବିଧବା ପତ୍ନୀଙ୍କୁ କମ୍ପାନୀରେ ଚାକିରୀ ଦେବା ନିମନ୍ତେ ଦାବୀ ଜଣାଇଥିଲେ । ଉକ୍ତ ଶୋକ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଭାପତି ସୁବ୍ରମଣ୍ୟମ ମହାନ୍ତି, ଉପସଭାପତି ଆର୍ତବନ୍ଧୁ ବିଶ୍ୱାଳ, ରାଇରଙ୍ଗପୁର ଡିଭିଜନ ପର୍ଯ୍ୟବେକ୍ଷକ ଦେବାଶିଷ ବେହେରା, ବାରିପଦା ଡିଭିଜନର ଡିଭିଜନ ସେକ୍ରେଟେରୀ ଚନ୍ଦନ କୁମାର ବେହେରା, ସର୍କଲ ସମ୍ପାଦକ ଅଶ୍ୱିନୀ ପଣ୍ଡା, ଡିଭିଜନ ସମ୍ପାଦକ ଦୁଲାଳ ରାୟ, ମାନସ ରଞ୍ଜନ ଦାସ, ମନୋଜ କୁମାର ବେହେରା, ଦୀନେଶ ଗୁପ୍ତା, ତାପସ ବେହେରା, ସଞ୍ଜୟ କୁମାର ଘୋଷ, ପ୍ରଦୀପ କୁମାର ନାଥ, ସୁମନ ସନ୍ଦିପ ମହାନ୍ତ, ପ୍ରମୋଦ ପାତ୍ର, ବାବସିଂ ମାର୍ଡି, ଗଙ୍ଗାଧର ହାଁସଦାଙ୍କ ଓ ସମାଜସେବୀ ଅମର ସେଠୀ ପ୍ରମୁଖ ଯୋଗ ଦେଇଥିଲେ । ସୂଚନା ଯୋଗ୍ୟ ଯେ, ଜୁଲାଇ ୧୯ରେ ରାଇରଙ୍ଗପୁର ପୌରପରିଷଦରୁ ଯଶୀପୁର ଦିଗରେ ବାଇକରେ ଯାଉଥିବା ବେଳେ ୨୨୦ ନମ୍ବର ବିଜୟୱାଡ଼ା-ରାଂଚି ଜାତୀୟ ରାଜପଥର ଦଲକୀ ନିକଟରେ ଏକ ଗାଈ ହଠାତ୍ ସମ୍ମୁଖକୁ ଚାଲି ଆସିବାରୁ ବାଇକଟି ଦୁର୍ଘଟଣା ଗ୍ରସ୍ତ ହୋଇଥିଲା ଏବଂ ଏଥିରେ ଦୁର୍ଯ୍ୟୋଧନ ଗୁରୁତର ଭାବେ ଆହତ ହୋଇଥିଲେ । ତାଙ୍କୁ ଚିକିତ୍ସା ନିମନ୍ତେ ବାରିପଦା ପିଆରଏମ ମେଡ଼ିକାଲକୁ ନେଇ ଆସୁଥିବା ବେଳେ ଘାଟିରେ ରାସ୍ତା ଜାମ କାରଣରୁ ହସପିଟାଲରେ ପହଁଞ୍ଚିବା ପୂର୍ବରୁ ମୃତ୍ୟୁ ହୋଇଯାଇଥିଲା । ଆଜି ବାରିପଦା ପିଆରଏମ ମେଡ଼ିକାଲରେ ଶବକୁ ବ୍ୟବଚ୍ଛେଦ କରାଯିବା ପରେ ପରିବାରର ସଦସ୍ୟଙ୍କୁ ହସ୍ତାନ୍ତର କରାଯାଇଥିଲା । ଶବ ବ୍ୟବଚ୍ଛେଦ ସମୟରେ କମ୍ପାନୀର ଅଧିକ୍ଷଣ ଯନ୍ତ୍ରୀ ଶ୍ରୀପଣ୍ଡାଙ୍କ ସହିତ କମ୍ପାନୀର ଅନ୍ୟ କେତେକ କର୍ମଚାରୀ ଓ ୟୁନିୟନର କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ରହିଥିଲେ ।

## ୩ କୁଇଂଟାଲ ଗଞ୍ଜେଇ ସହ ୬ ଗିରଫ

ମାଲକାନଗିରି : ମାଥିଲି ପୋଲିସକୁ ମିଳିଛି ବଡ଼ ସଫଳତା ! ୩ କୁଇଂଟାଲ ଗଞ୍ଜେଇ ସହ ୬ ଗିରଫ । ମିଳିଥିବା ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା ମାଥିଲି ଥାନା ଅନ୍ତର୍ଗତ ବାଲିମେଲା ଗୋବିନ୍ଦପଲ୍ଲି ରାସ୍ତାରେ ଗଞ୍ଜେଇ ଚୋରା ଚାଲାଣର ଖବର ପାଇଁ ପୋଲିସ ଗତ କାଲି ରାତିରେ ଗାଡି ଯାଂଚ କରୁଥିଲେ । ଏହି ସମୟରେ ଏକ ମାଲ ବିକ୍ରି କରିବା ପରିବହନ ଗାଡିରେ ୩ କୁଇଂଟାଲ ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ ।ପୋଲିସ ଗଞ୍ଜେଇ ଓ ୬ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଗାଡିଟିକୁ ଜବତ କରିଛି । ଏହି ଗଞ୍ଜେଇକୁ ମାଲକାନଗିରି ଚିତ୍ରକୋଣ୍ଡା ଅଂଚଳରୁ ନବରଙ୍ଗପୁର ଜିଲ୍ଲା ଉମରକୋଟକୁ ଯାଉଥିବା ଜଣାପଡିଛି । ଏଥିରେ ସଂପୃକ୍ତ ୬ ଜଣଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି ।

## ଚଣ୍ଡିଖୋଲ ରୁ ୨ ଲକ୍ଷ ଟଙ୍କାର ନକଲି ଜର୍ଦା ଜବତ,୩ ଗିରଫ



ନେଉଳପୁର : ଏକଦା ଯାଜପୁର ଜିଲ୍ଲାର ଛତିଆ ଅଞ୍ଚଳ ନକଲି ମାଦକ ଦ୍ରବ୍ୟର ପେଣ୍ଠସ୍ଥଳୀ ରହିଥିବାବେଳେ ମଙ୍ଗଳବାର ଚଣ୍ଡିଖୋଲ ଛକରୁ ୨ ଲକ୍ଷ ରୁ ଉର୍ଧ ଟଙ୍କାର ନକଲି ଜ଼ର୍ଦା ଜବତ ଘଟଣା ଜିଲ୍ଲାରେ ଚାଞ୍ଚଲ୍ୟ ଖେଳିଯାଇଛି ।ଘଟଣାରୁ ପ୍ରକାଶ ଯେ ଆଜି ସକାଳେ ଭଦ୍ରକ ଅଂଚଳରୁ ୩ ଜଣ ଯୁବକ ୩ ଗୋଟି ବଡ ବ୍ୟାଗ ରେ ମୋଟରସାଇକେଲ ଯୋଗେ ନକଲି ଜର୍ଦା ନେଇ କଟକ ଅଭିମୁଖେ ଯାଉଥିବା ଖବର କୌଣସି ସୂତ୍ରରୁ ପୋଲିସ ଜାଣିବାକୁ ପାଇଥିଲା । ଚଣ୍ଡିଖୋଲ ଛକରେ ପୋଲିସ ସେମାନଙ୍କୁ ଅଟକାଇ ଯାଞ୍ଚ କରିବାରୁ ଜର୍ଦା ଗୁଡିକ ସବୁ ନକଲି ଅଟେ ବୋଲି ପୋଲିସ ଜାଣିବାକୁ ପାଇଥିଲା ପରେ ୩ ଜଣକୁ ଗିରଫ କରି ଚଣ୍ଡିଖୋଲ ଫାଣ୍ଡିରେ ରଖି ଅଧିକ ତଥ୍ୟ ପାଇଁ ପଚରାଉଚରା କରୁଥିବା ଜଣାଯାଇଛି । ଗିରଫ ଯୁବକ ମାନେ ହେଲେ ଭଦ୍ରକ ଜିଲ୍ଲା ପୁରୁଣା ବଜ଼ାର ଅନ୍ତର୍ଗତ ହେଲାସାହିବାସିନ୍ଦା ସେକ ଏଲିୟଶଙ୍କ ପୁଅ ସେକ ରବାନି (୩୦) ,କାଲିମୁଦ୍ଦିନଙ୍କ ପୁଅ ଜାଫର ଖାଁ (୨୩)ଓ ସେକ ମକବୂଲ ଖାଁ(୨୫) ଙ୍କ ପୁଅ ମରଦ ଖାଁ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି । ଜବତ ଜର୍ଦା ର ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଉର୍ଧ ହେବ ବୋଲି ଜଣାଯାଇଛି .ଏଇ ଜର୍ଦା ଗୁଡିକ ବିଭିନ୍ନ କମ୍ପାନୀର ହଲୋଗ୍ରାମ ଥିବା ପାକେଟ ଭିତରେ ଯାଉଥିଲା .ପୋଲିସ ସେମାନକଂ ଠାରୁ ୩ ଟି ମୋଟରସାୟକଲେ ଜବତ କରି ଅଧିକ ତଥ୍ୟ ପାଇଁ ତଦନ୍ତ ଜାରି ରଖିଛି ।ବହୁଦିନ ହେଲା ଏହି ନକଲି ଜର୍ଦା ସବୁ ଭଦ୍ରକରେ ତିଆରି ହେଇ ମୁଖ୍ୟତ କଟକ ଯାଉଥିଲା ବୋଲି ଜଣାଯାଇଛି ।ଗତ କାଲି ସେମାଙ୍କୁ କୋର୍ଟ ଚାଲାଣ ହେବ ବୋଲି ପୋଲିସ ସୂତ୍ର ଜଣାଯାଇଛି ।ବଡ଼ଚଣା ଥାନାଧିକାରୀ ପ୍ରିୟବ୍ରତ ରାଉତ ଓ ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ଚିତ୍ତରଞ୍ଜନ ଜେନା ଙ୍କ ନେତୃତ୍ୱରେ ପୋଲିସ ଏମାନଂକୁ ଧରିବାକୁ ସଫଳ ହୋଇଥିଲା ।

## କେନ୍ଦ୍ରାପଡା ଜିଲାରେ ଆଜି ୭୩କରୋନା ପଜିଟିଭ

କେନ୍ଦ୍ରାପଡ଼ା : କେନ୍ଦ୍ରାପଡା ଜିଲ୍ଲାରେ ବୁଧବାର ୭୩ଜଣ କରୋନା ପଜିଟିଭ ବାହାରିଥିବା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସେଥିମଧ୍ୟରୁ ଆଳି ବ୍ଲକରେ ୧୧ଜଣ କରୋନା ପଜିଟିଭ କେଶ ବାହାରିଥିବା ବେଳେ ଡେରାବିଶ ବ୍ଲକରେ ୧୦,ଗରଦପୁର ବ୍ଲକରେ ଜଣେ, କେନ୍ଦ୍ରାପଡା ବ୍ଲକରେ ୧୫, ମହାକାଳପଡା ବ୍ଲକରେ ୪, ମାର୍ଶାଘାଇ ବ୍ଲକରେ ୧୪ ,ପଟ୍ଟାମୁଣ୍ଡାଇ ବ୍ଲକରେ ୧୦, ରାଜକନିକା ବ୍ଲକରେ ୬ ଓ କେନ୍ଦ୍ରାପଡା ପୌରାଞ୍ଚଳର ୨ଜଣ କରୋନା ପଜିଟିଭ ବାହାରିଥିବା ସୂଚନା ଦିଆଯାଇଛି ।

## ଭିନ୍ନକ୍ଷମ ଇର୍ମାର ଚିକିତ୍ସା ଓ ପାଠ ପଢିବା ପାଇଁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବୀ

ମାଲକାନଗିରି : ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଅନ୍ତର୍ଗତ ନାଲାଗୁଣ୍ଟି ପଂଚାୟତର ଇଦି କୁଣ୍ଡାଗ୍ରାମର ଦେବା ସୋଡ଼ିଙ୍କ ବଡ଼ପୁଅ ଇର୍ମା (ବୟସ ୧୮) ଜନ୍ମରୁ ସୁସ୍ଥସ୍ବଳ ଚଳଚଂଚଳ ଥିଲେ । ସାଧାରଣ ଶିଶୁଙ୍କ ଭଳି ଖେଳକୁଦ ଓ ଚଲାବୁଲା କରୁଥିଲା । ପାଠପଢା ବୟସ ହେବାରୁ ଇର୍ମାଙ୍କ ବାପା ଗ୍ରାମର ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ଇର୍ମାଙ୍କ ନାମ ଲେଖାଇଥିଲେ । ଆଶା ଥିଲା ବଡ଼ପୁଅ ପାଠପଢି ମଣିଷ ହେବ ।ପରେ ଦେବା ପୁଅର ନାମ ମୋଟୁ ସ୍ଥିତ ଆଶ୍ରମ ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀରେ ନାମ ଲେଖାଇଥିଲେ । ସେଠାରେ ଇର୍ମା ମନଧ୍ୟାନ ପୂର୍ବକ ପାଠପଢି ଚତୁର୍ଥ ଶ୍ରେଣୀରୁ ଉତୀର୍ଣ୍ଣ ହୋଇ ପଂଚମ ଶ୍ରେଣୀରେ ପଢା ଆରମ୍ଭ କଲେ । ସେଠାରେ ରହି ପଂଚମ ଶ୍ରେଣୀରେ ପଢୁଥିବା ସମୟରେ ଇର୍ମାଙ୍କ ଦୁଇଟି ଗୋଡ ହଠାତ୍ ଅକାମୀ ହେବା ଆରମ୍ଭ ହେଲା । ସାଧାରଣ ଭାବେ ଚଲାବୁଲା, ଖେଳାଖେଳି, ନିତ୍ୟକର୍ମ କରିବାରେ ଅସୁବିଧା ଭୋଗିଲେ ଇର୍ମା । ବାପା ଦେବା ପୁଅର ଏଭଳି ପରିସ୍ଥିତି ଦେଖି ଇର୍ମାଙ୍କୁ ଗ୍ରାମକୁ ନେଇ ଆସି ଆଖପାଖ ଅଂଚଳରେ ଚିକିତ୍ସା ମଧ୍ୟ କରାଇଥିଲେ । ଅର୍ଥାଭାବ ଯୋଗୁଁ ବାହାରକୁ ନେଇପାରିଲେ ନାହିଁ ପୁଅକୁ, ତଥାପି ପାଠପ୍ରତି ପୁଅର ଆଗ୍ରହ ଦେଖି ଗ୍ରାମ ବିଦ୍ୟାଳୟରେ ପୁଣିଥରେ ଚତୁର୍ଥ ଶ୍ରେଣୀରେ ନାମ ଲେଖାଇଥିଲେ । ଛୋଟେଇ ଛୋଟେଇ ବହୁ କଷ୍ଟରେ ବିଦ୍ୟାଳୟ ଯାଇ ପାଠପଢି ପଂଚମ ଶ୍ରେଣୀରୁ ଉତୀର୍ଣ୍ଣ ହୋଇଥିଲେ ଇର୍ମା । ଇର୍ମାଙ୍କ ପାଠପ୍ରତି ଆଗ୍ରହ ଦେଖି ବାପା ଦେବା ପୁଅର କାଲିମେଲା ସ୍ଥିତ ସ୍ୱୋଶ୍ରମ ବିଦ୍ୟାଳୟରେ ନାମ ଲେଖାଇଥିଲେ, ସେଠାରେ ଷଷ୍ଠ ଠାରୁ ଅଷ୍ଟମ ପର୍ଯ୍ୟନ୍ତ ପଢିଥିଲେ ଇର୍ମା । ବିଦ୍ୟାଳୟ ପରିସରରେ ଛାତ୍ରାବାସ ପରିବେଶରେ ଇର୍ମାଙ୍କ ସହପାଠୀ ମାନେ ହସିଖେଳି ମନଖୁସିରେ ପାଠ ପଢୁଥିବାବେଳେ ସେମାନଙ୍କ ଖୁସିରେ ନିଜ ଦୁଃଖକୁ ଭୁଲି ପାଠପଢ଼ାରେ ଧ୍ୟାନ ଦେଇ ବହୁ କଷ୍ଟରେ ନିଜ ଲକ୍ଷ୍ୟସ୍ଥଳରେ ଆଗେଇ ଚାଲିଲେ ଇର୍ମା ।ଆଦିବାସୀ ଗରିବ ପରିବାର ହୋଇଥିବାରୁ ଚାଷବାସ କରିବା ସହ ଦିନ ମଜୁରିଅ। ଭାବେ କାମ କରି ପରିବାର ପ୍ରତିପୋଷଣ କରନ୍ତି ଇର୍ମାଙ୍କ ବାପା । ଆର୍ଥିକ ଅଭାବ ଯୋଗୁ ପିଲାଟିର ଅ।ବଶ୍ୟକ ଚିକିତ୍ସା ମଧ୍ୟ କରିପାରୁନାହାନ୍ତି ପରିବାର ଲୋକେ । ଚିକିତ୍ସା ଅଭାବ ଯୋଗୁ କଣ ପାଠକୁ ଅଧା ବାଟରେ ଛାଡିବାକୁ ପଡିବ । ଜିଲ୍ଲା ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ନିକ୍ଷେପ କରିବା ସହ ଉକ୍ତ ଆଦିବାସୀ ପିଲାଟିର ଚିକିତ୍ସା ନିମନ୍ତେ କୌଣସି ପଦକ୍ଷେପ ନେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

## କେନ୍ଦ୍ରାପଡା କ୍ରେଡିଟ କୋପରେଟିଭ ସୋସାଇଟର ଅତିରିକ୍ତ ସମ୍ପାଦକଙ୍କ ବିରୋଧରେ ମାମଲା ରୁଜୁ

କେନ୍ଦ୍ରାପଡ଼ା: ସମବାୟ ସମିତି ସମୂହର ଯୁଗ୍ମ ନିବନ୍ଧକ ତଥା କେନ୍ଦ୍ରାପଡା କ୍ରେଡିଟ କୋପରେଟିଭ ସୋସାଇଟର ପ୍ରଶାସନିକ ଅଧିକାରୀ ଦାୟୀତ୍ୱରେ ଥିବା ଜେରୋମ କେରକେଟାଙ୍କୁ ଭେଟି କେତେକ ଅଭିଯୋଗ ସମ୍ପର୍କରେ ଅବଗତ କରାଇବାକୁ କେନ୍ଦ୍ରାପଡାରୁ କେନ୍ଦ୍ରାପଡା କ୍ରେଡିଟ କୋଅପରେଟିଭ ସୋସାଇଟର ପୂର୍ବତନ କର୍ମଚାରୀ ସରସ୍ୱତୀ ସ୍ୱାଇଁ, ସୁରେଶ ଚନ୍ଦ୍ର ସ୍ୱାଇଁ ଓ ରାଜଦୀପ ପଡିଆରୀ ପ୍ରମୁଖ ତାଙ୍କ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟକୁ ଚଳିତମାସ ୧୯ତାରିଖରେ ଯାଇଥିଲେ । ଅଭିଯୋଗକାରୀମାନେ ଯୁଗ୍ମ ନିବନ୍ଧକ ଶ୍ରୀ କେରକେଟାଙ୍କୁ ସେମାନଙ୍କ ଅଭିଯୋଗ ସମ୍ପର୍କରେ ଅବଗତ କରୁଥିବା ବେଳେ ସେଠାରେ ଉପସ୍ଥିତ ଥିବା କେନ୍ଦ୍ରାପଡା କ୍ରେଡିଟ କୋପରେଟିଭ ସୋସାଇଟର ଅତିରିକ୍ତ ସମ୍ପାଦକ ଅରବିନ୍ଦ ସାହୁ ଏବଂ ସହକାରୀ ଆଇନ ଅଧିକାରୀ ବିଜୟ କୁମାର ଦାସ ସେମାନଙ୍କୁ ଗାଳିଗୁଲଜ କରିବା ସହିତ ଅଭିଯୋଗକାରୀମାନଙ୍କୁ ସେହି କାର୍ଯ୍ୟାଳୟରୁ ଉଠାଇ ନେବାକୁ ଧମକ ଦେଇଥିଲେ । ଏଥିସହିତ ଅଭିଯୋଗକାରୀମାନେ ଯୁଗ୍ମ ନିବନ୍ଧକଙ୍କ କାର୍ଯ୍ୟାଳୟ ବାହାରକୁ ଆସିବା ପରେ ସେମାନଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିବା ଭୁବନେଶ୍ୱର କ୍ୟାପିଟାଲ ଥାନାରେ ଅଭିଯୋଗ ହୋଇଛି । ଏହାବ୍ୟତିତ କେସିସିର ପ୍ରାକ୍ତନ କର୍ମଚାରୀ ସରସ୍ୱତୀ ସାହୁଙ୍କୁ କେସିସିର ଅତିରିକ୍ତ ସମ୍ପାଦକ ଶ୍ରୀ ସାହୁ କହିଥିଲେ ଯେ ତୋର ପ୍ରମୋଦ ସାହୁ ଯେତିକି କ୍ଷତି କରିନି ତାଠୁ ଅଧିକ କ୍ଷତି ଆମେ କରିବୁ । ତୋ ବୋଉକୁ ଯେମିତି ମାନସିକ ଚିନ୍ତା ଦେଇ ମାରିଦେଇଥିଲୁ ତୋତେ ବି ସେମିତି ମାରିବୁ ବୋଲି କହିଥିବା ଅଭିଯୋଗ ହୋଇଛି । ପ୍ରମୋଦ ସାହୁ ଓ ଆମ ବିରୋଧରେ କିଛିବି ଅଭିଯୋଗ କଲେ ତୋତେ ଜୀବନରୁ ମାରିଦେବୁ ବୋଲି ଅତିରିକ୍ତ ସମ୍ପାଦକ ଶ୍ରୀ ସାହୁ ଧମକ ଦେଇଥିବା ଅଭିଯୋଗ ହୋଇଛି । ଏହି ଅଭିଯୋଗକୁ ଭିତ୍ତିକରି କ୍ୟାପିଟାଲ ଥାନାରେ ୪୧୮/ ୨୦୨୧ରେ ଆଇ.ପି.ସି.ର ଦଫା ୫୦୬ ଓ ୩୪ ଧାରାରେ ଏକ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି ।

## କେନ୍ଦ୍ରାପଡାରେ ଇଦ-ଉଲ-ଜୁହା ପାଳନ

କେନ୍ଦ୍ରାପଡ଼ା: କେନ୍ଦ୍ରାପଡା ସହର ଓ ଆଖପାଖ ଅଞ୍ଚଳରେ ଆଜି କୋଭିଡ କଟକଣା ମଧ୍ୟରେ ଇଦ-ଉଲ-ଜୁହା ପର୍ବ ନିରାଡମ୍ବର ଭାବେ ପାଳିତ ହୋଇଯାଇଛି । ତ୍ୟାଗ ଓ ବଳିଦାନର ପର୍ବରୂପେ ପରିଚିତ ଏହି ପର୍ବ ଉପଲକ୍ଷେ ମୁସଲମାନ ସଂପ୍ରଦାୟର ଲୋକମାନେ ସୂର୍ଯ୍ୟୋଦୟ ପରେ ପରେ ନମାଜ ପାଠ କରିଥିଲେ । କୋଭିଡ କଟକଣା ଯୋଗୁଁ ସହରର ମସଜିଦମାନଙ୍କରେ ପରିଚାଳନା କମିଟିର ସଦସ୍ୟମାନେ ନମାଜ ପାଠ କରିଥିବା ବେଳେ ଅନ୍ୟମାନେ ନିଜ ନିଜ ଘରେ ନମାଜ ପାଠ କରିଥିଲେ । କିଛି ଲୋକ ଘରେ ଛାତ ଉପରେ ନମାଜ ପାଠ କରୁଥିବା ଦେଖିବାକୁ ମିଳିଥିଲା । ଏହି ପର୍ବ ତିନି ଦିନ ପାଳନ ହେବ । ସହରରେ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଇଥିଲା ।

## ଆଜି ଜିଲ୍ଲାରୁ ୮୪ ନୂଆ କରୋନା ପଜିଟିଭ ଚିହ୍ନଟ

ବାରିପଦା : ଓଡ଼ିଶା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜୁଲାଇ ୨୦ରେ ଜାରି କରାଯାଇଥିବା ରିପୋର୍ଟ ଆଧାରରେ ମୟୂରଭଞ୍ଜ ଜିଲ୍ଲାରୁ ଚିକିତ୍ସାଧୀନ କୋଭିଡ୍-୧୯ ସଂକ୍ରମିତମାନଙ୍କ ମଧ୍ୟରୁ ୫୦, ୬୦, ୬୨, ୮୫ ବର୍ଷର ପୁରୁଷଙ୍କ ସହ ୭୦ ଓ ୭୫ ବର୍ଷିୟା ମହିଳାଙ୍କୁ ମିଶାଇ ୬ ଜଣ ପ୍ରାଣ ହରାଇଥିବାର ଜଣାପଡ଼ିଛି । ଆଜକୁ ମିଶାଇ ଜିଲ୍ଲାରେ ମୃତ୍ୟୁ ସଂଖ୍ୟା ୦.୫୦ ପ୍ରତିଶତ ହାରରେ ୧୯୧ରେ ପହଁଞ୍ଚିଥିବା ବେଳେ କେବଳ ଚଳିତ ଜୁଲାଇ ମାସର ୨୦ ଦିନ ମଧ୍ୟରେ ୬୩ ଜଣଙ୍କର ମୃତ୍ୟୁ ହୋଇଥିବାର ସରକାରୀ ସୂତ୍ରରୁ ସୂଚନା ମିଳିଛି । ଏଥି ସହିତ ଅନ୍ୟ କାରଣରୁ ୩ ଜଣଙ୍କର ମୃତ୍ୟୁ ହୋଇଥିବାର କୁହାଯାଇଛି । ଏହି ସମୟରେ ଗତ ୨୪ ଘଂଟା ମଧ୍ୟରେ ଓଡ଼ିଶାରୁ ଚିହ୍ନଟ ହୋଇଥିବା ୨,୦୮୫ କରୋନା ସଂକ୍ରମିତମାନଙ୍କ ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାରୁ ୮୪ ପଜିଟିଭ ରହିଛନ୍ତି ଏବଂ ଜିଲ୍ଲାରେ ସଂକ୍ରମିତମାନଙ୍କ ସଂଖ୍ୟା ବୃଦ୍ଧି ପାଇ ୩୭,୯୭୬ରେ ପହଁଚିଛି । ଏଥି ସହିତ ଜୁଲାଇ ୧୯ ପର୍ଯ୍ୟନ୍ତ ଜିଲ୍ଲାରୁ ୯୭.୪୪ ପ୍ରତିଶତ ହାରରେ ୩୬,୯୨୩ଜଣ ସୁସ୍ଥ ହୋଇ ଫେରିଥିବା ସମୟରେ ଜୁଲାଇ ୨୦ ପୂର୍ବାହ୍ନ ସୁଦ୍ଧା ୨.୨୬ ପ୍ରତିଶତ ହାରରେ ୮୫୯ ଜଣ ସକ୍ରିୟ ଥାଇ ବାଙ୍କିଶୋଳ କୋଭିଡ଼ ହସପିଟାଲ, ପିଆରଏମ ମେଡ଼ିକାଲ ସ୍ଥିତ ସ୍ୱତନ୍ତ୍ର ୱାର୍ଡ଼, କୋଭିଡ଼ କେୟାର ସେଂଟର ଓ କଟକ-ଭୁବନେଶ୍ୱର ଆଦିରେ ଚିକିତ୍ସା ହେଉଛନ୍ତି । ସେହିପରି କେବଳ ଜୁଲାଇ ମାସର ୨୦ ଦିନରେ ଜିଲ୍ଲାରୁ ୨,୪୪୮ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୧୯ ଦିନରେ ୩,୦୦୨ ଜଣ ସୁସ୍ଥ ହୋଇ ଫେରିଥିବାର ଜଣାପଡ଼ିଛି ।

## ବାଲିମୟ କାଏମା ସେତୁ ଦୁର୍ଘଟଣାର ମୁଖ୍ୟ କାରଣ

ଧର୍ମଶାଳା:ଯାଜପୁର ଜିଲା ଧର୍ମଶାଳା ବ୍ଲକ କାଏମାଠାରେ ଥିବା ବିଜୁ ସେତୁ ଉପରେ ବାଲି ଭର୍ତି ହୋଇ ରହିଛି । ଫଳରେ ଯାତାୟତ ସମୟରେ ଲୋକେ ଦୁର୍ଘଟଣାର ଶୀକାର ହେଉଛନ୍ତି । ଯାହାକୁ ନେଇ ଏବେ ସଫା କରିବା ଜରୁରୀ ହୋଇପଡିଛି ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି । ଜାରକା-ବ୍ରହ୍ମବରଦା ଭାୟା ବନମାଳୀପୁର-ଗୋକର୍ଣ୍ଣେଶ୍ୱର ମନ୍ଦିର ୧୬ ନଂ ଜାତୀୟ ରାଜପଥ ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ବ୍ରାହ୍ମଣୀ ନଦୀର ଶାଖା ନଦୀ କେଲୁଅ ନଦୀ ଉପରେ କାଏମାଠାରେ ବିଜୁ ସେତୁ ନିର୍ମାଣ ହୋଇଛି । ଫଳରେ ସ୍ଥାନୀୟ ୫୦ରୁ ଉର୍ଦ୍ଧ ପଂଚାୟତବାସୀ ଉପକୃତ ହୋଇଛନ୍ତି । ଗଲା କିଛି ଦିନ ଧରି କେଲୁଅ ନଦୀରୁ ବାଲି ଚାଲାଣ ହେଉଛି । ଦିନକୁ ଶହଶହ ଟ୍ରକ,ଡମ୍ପର,ହାଇୱା ସଂାଗକୁ ଟ୍ରାକ୍ଟର ଯୋଗେ ବାଲି ପରିବହନ ହେଉଛି । ଫଳରେ ଏହି ପରିବହନ ସମୟରେ ସେତୁ ଉପରେ ବହୁ ପରିମାଣ ବାଲି ପଡୁଛି । ଫଳରେ ଏଠାରେ ବାଲି ଜମି ରହିବା ଫଳରେ ଯାତାୟତ ସମୟରେ ବାଇକ ଓ ସାଇକେଲ ଚାଳକମାନେ ଦୁର୍ଘଟଣାର ଶୀକାର ହେଉଛନ୍ତି । ଅନ୍ୟ ପକ୍ଷେ ବାଲି ଉଡିବା ଦ୍ୱାରା ସ୍ଥାନୀୟ ଲୋକେ ଓ ବାଟରେ ଚାଲୁଥିବା ଲୋକେ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଏହି ରାସ୍ତା ଦେଇ ବହୁ ପ୍ରଶାସନିକ ଅଧିକାରୀମାନେ ଯାତାୟତ କରୁଥିଲେ ମଧ୍ୟ ସେମାନଙ୍କ ନଜରରେ ନ ପଡିବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏନେଇ ସ୍ଥାନୟ ଲୋକେ ଲୋକପ୍ରତିନିଧିଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁନାହିଁ । ଏହି ଅଂଚଳପ୍ରତି ଜିଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ବାଲି ସଫା କରିବାକୁ ଅଂଚଳବାସୀ ଦାବି କରିଛନ୍ତି ।

## କୃଷି ବୀମା ଦାବୀରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଚାଷୀ

ନୂଆପଡା: ୨୦୨୦ ବର୍ଷ ଖରିଫ ଋତୁ ରେ ଧାନ ଫସଲ ନଷ୍ଟ ହୋଇଯାଇଥିବାରୁ ବୀମାରାଶି ଦାବୀ କରି ନୂଆପଡା ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ଖଡିଆଳ ବ୍ଲକ ଖାସବାହାଲ ପ ।ୟତର ଚାଷୀ । ଜିଲ୍ଲାପାଳ ସ୍ୱାଧାଦେବ ସିଂଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଧାନ ଅମଳ ସମୟରେ ପ୍ରବଳ ବର୍ଷା ସହ ବନ୍ୟ ପଶୁଙ୍କ ଦ୍ୱାରା ଫସଲ ନଷ୍ଟ ହୋଇଯାଇଥିବାରୁ ନିୟମାନୁସାରେ ବୀମା ରାଶି ପ୍ରଦାନ କରିବାକୁ ବୀମା କମ୍ପାନୀ ରିଲାଏନ୍ସଙ୍କୁ ନିର୍ଦ୍ଦେଶ ଦେବାକୁ ଚାଷୀ ମାନେ ଅନୁରୋଧ କରିଥିଲେ । ଅଭିଯୋଗ ମୁତାବକ ଗତବର୍ଷ ଉକ୍ତ ପ ।ୟତରେ ଧାନଫସଲ ନଷ୍ଟ ହୋଇଯାଇଥିବା ବେଳେ କୃଷି ବିଭାଗ ଓ ରିଲାଏନ୍ସ କମ୍ପାନୀ ତରଫରୁ କ୍ରପ କଟିଂ କରାଯାଇଥିଲା । ଓଜନ କମ ଆସିଥିବାରୁ ବୀମା କମ୍ପାନୀର ଜିଲା କର୍ମଚାରୀ ଅଧିକ ଓଜନ ଦେଖାଇବାକୁ ଚାହୁଁଥିଲେ । ଚାଷୀ ମାନେ ଏହାର ପ୍ରତିବାଦ କରିବାରୁ ୨ ଲକ୍ଷ ଟଙ୍କା ଦାବୀ କରିଥିଲେ । ନହେଲେ ବୀମା ରାଶି ପାଇବ ନାହିଁ ବୋଲି କହିଥିଲେ । ଚାଷୀ ମାନେ ତାଙ୍କର ଦାବୀ ପୂରଣ ନକରିବାରୁ ସେ ମିଥ୍ୟା ପ୍ରସଙ୍ଗ ସବୁ ଉପସ୍ଥାପନ କରିବାରୁ ଏପର୍ଯ୍ୟନ୍ତ କେହି ବୀମା ରାଶି ପାଇ ପାରିନାହାନ୍ତି । ୨୦୧୮ ରେ ମଧ୍ୟ ଉକ୍ତ ପ ।ୟତ ମରୁଡ଼ିର ଶିକାର ହେବା ସହ ରାଜ୍ୟ ସରକାରଙ୍କ ଦ୍ୱାରା ମରୁଡି ଘୋଷିତ ହୋଇ କ୍ଷତି ପୂରଣ ପାଇ ପାରିଥିଲା, କିନ୍ତୁ ଏହି କମ୍ପାନୀ ବୀମା ରାଶି ଦେଇନଥିଲା । ଚାଷୀ ମାନେ ରାସ୍ତାରୋକ ସହ ଜିଲ୍ଲାପାଳ ନୂଆପଡାଙ୍କ ସହ ଅନେକଥର ଆଲୋଚନା କରିଥିଲେ । କିନ୍ତୁ ସେମାନଙ୍କୁ ପ୍ରତିଶ୍ରୁତି ଛଡା କିଛି ମିଳିନଥିଲା । ୨୦୧୭ ମସିହାରେ ଅନେକ ପ ।ୟତର ବୀମା ରାଶି ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଶହ ଶହ ଚାଷୀ ଏହା ପାଇ ପାରି ନାହାନ୍ତି । ଏସବୁ ଉପରେ ଦୃଷ୍ଟିଦେବା ସହ ୨୦୨୦ ବର୍ଷ ସଫଲ ବୀମା ଅର୍ଥ ପ୍ରଦାନ ଓ ଉକ୍ତ ଲା ୁଆ ପ୍ରତିନିଧିଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବୀ କରାଯାଇଛି । ଚନ୍ଦ୍ରଶେଖର ବେହେରା, ଧରିଣୀଧର ବେହେରା, ଅରବିନ୍ଦ ବେହେରା, ହେମନ୍ତ କୁମାର ବେହେରା, କ୍ଷୀରସିନ୍ଧୁ ଶଗରିଆ, କୁନାଲ ଚରଣ ବେହେରା, ମନୋଜ ବେହେରା, ସୁଶାନ୍ତ ବେହେରା ପ୍ରମୁଖ ଜିଲାପାଳଙ୍କୁ ସାକ୍ଷାତ କରିଥିଲେ ।

## ପ୍ରକୃତ ହିତାଧିକାରୀଙ୍କୁ ମିଳୁନି ରାସନକାର୍ଡ, ଅଭିଯୋଗ

କେନ୍ଦ୍ରାପଡ଼ା: କେନ୍ଦ୍ରାପଡା ଜିଲ୍ଲାରେ ପ୍ରକୃତ ଗରିବ ହିତାଧିକାରୀ ମାନଙ୍କୁ ରାସନକାର୍ଡ ମିଳୁନଥିବା ଦୈନିକ ଅଭିଯୋଗ ହେଉଛି । ଜିଲ୍ଲାରେ ଅନେକ କୋଠାବାଲା, ଚାରି ଚକିଆ ଗାଡି ଥିଲାବାଲା ଲୋକ ରାସନ ସାମଗ୍ରୀ ନେଉଥିବା ବେଳେ ଗରିବ ଲୋକ ଏଥିରୁ ବଂଚିତ ହେଉଛନ୍ତି । ମଙ୍ଗଳବାର ମାର୍ଶାଘାଇ ବ୍ଲକ ଅନ୍ତର୍ଗତ କୁହୁଡି ପଂଚାୟତର ଅନେକ ଗରିବ ହିତାଧିକାରୀ ରାସନକାର୍ଡ ପାଇବା ପାଇଁ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ଭେଟି ଅଭିଯୋଗ କରିଛନ୍ତି । କୁହୁଡି ଗ୍ରାମର ଗିତାଞ୍ଜଳୀ ମହାରଣା, ନମିତା ଦାସ, ବାସନ୍ତୀ ମହାରଣା, ଗୁଲୁରୀ ଦାସ, କଳ୍ପନା ଦାସ ପ୍ରଭୃତି ଗରିବ ମହିଳା ମାନେ ରାସନଡାର୍କ ରୁ ବଂଚିତ ଥିବା ନେଇ ଅଭିଯୋଗ କରିଛନ୍ତି ।

## ଫୁଲବାଣୀ ପୌରାଂଚଳର ମିଶନ ଶକ୍ତି ଗୃହ, ଦିନରେ ଗୋରୁଗାଈ ଏବଂ ରାତିରେ ଅସାମାଜିକ ଲୋକଙ୍କ ଆଡ୍ଡା ସ୍ଥଳୀ

କନ୍ଧମାଳ: ଫୁଲବାଣୀ ପୌରାଂଚଳରେ ମିଶନ ଶକ୍ତି ଦ୍ୱାରା ନିର୍ମିତ ମିଶନ ଶକ୍ତି ଗୃହ ଗୁଡିକର ଦେଖରେଖ ପାଇଁ କାହାର ଦାୟୀତ୍ୱ ନଥିବାରୁ ଲକ୍ଷାଧିକ ଟଙ୍କାରେ ନିର୍ମିତ ଫୁଲବାଣୀ ପୌରାଂଚଳର ୩୦ଟି ଗୃହ ଏବେ ଦିନରେ ଗୋରୁଗାଈଙ୍କ ଆଶ୍ରୟ ସ୍ଥଳୀ ପାଲଟିଥିବା ବେଳେ ରାତିରେ ସେଠାରେ ଅସାମାଜିକ ଲୋକେ ସେଠାରେ ଆଡ୍ଡା ଜମଉଛନ୍ତି । ସରକାରଙ୍କ ଦ୍ୱାରା ମହିଳା ମାନଙ୍କର ଏସଏଚଜି ବୈଠକ ଠାରୁ ଆରମ୍ଭ କରି ସେମାନଙ୍କର ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଏହି ଗୃହ ସବୁ ସରକାର ନିର୍ମାଣ କରାଇ ସେମାନଙ୍କୁ ହସ୍ତାନ୍ତର କରିଛନ୍ତି । ହେଲେ ସେହି ଗୃହ ଗୁଡିକରେ କବାଟ ନଥିବାରୁ କାର୍ଯ୍ୟକ୍ରମ ନଥିଲେ ସେଠାରେ ଗୋରୁଗାଈ ମାନେ ଆଶ୍ରୟ ନେବା ସହିତ ସେଠାରେ ମଳମୁତ୍ର ତ୍ୟାଗ ମଧ୍ୟ କରୁଛନ୍ତି ଫଳରେ ସେହି ଗୃହ ଗୁଡିକ ଅପରିଷ୍କାର ହେବାରେ ଲାଗିଛି । ରାତିରେ ସେଠାରେ ଉକ୍ତ ଅଂଚଳର ଅସାମାଜିକ ଲୋକେ ଆଡ୍ଡା ଜମାଇବା ସହିତ ସେଠାରେ ମଦ ପିଇବା ଠାରୁ ଆରମ୍ଭ କରି ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପ କରୁଛନ୍ତି ତେଣୁ ସେହି ଆଖପାଖରେ ମଦ ବୋତଲ ମଧ୍ୟ ପଡିଥିବା ଦେଖିବାକୁ ମିଳୁଛି । ଖାଲି ସେତିକି ନୁହେଁ ସେହି ଅଂଚଳର ଲୋକଙ୍କ ପାଇଁ ଏକ ଅସ୍ୱସ୍ଥିକର ପରିବେଷ ମଧ୍ୟ ସୃଷ୍ଟି ହେଉଛି । ତେଣୁ ସେହି ଗୃହ ଗୁଡିକର ଦାୟୀତ୍ୱରେ ଥିବା ବ୍ୟକ୍ତି ବିଶେଷ କିମ୍ବା ସଂଘକୁ ଏହାର ରକ୍ଷଣାବେକ୍ଷଣର ଦାୟୀତ୍ୱ ମଧ୍ୟ ନ୍ୟସ୍ତ କରିବାର ଆବଶ୍ୟକତା ରହିଛି ବୋଲି ଏହି ଗୃହ ଗୁଡିକ ରହିଥିବା ଅଂଚଳର ଲୋକେ ଚର୍ଚ୍ଚା କରୁଥିବାର ଜଣାପଡିଛି ।

## ସ୍ମାର୍ଟ ଶ୍ରେଣୀଗୃହ ପାଇଁ ୫-ଟି ସଚିବଙ୍କ ସହ ଭିଡିଓ କନଫରେନ୍ସିଂ ରେ ଆଲୋଚନା

ଖୋର୍ଦ୍ଧା: ୫ ଟି ସଚିବ ଭି.କେ ପାଣ୍ଡିଆନ୍ ମଙ୍ଗଳବାର ଭିଡିଓ କନଫରେନ୍ସିଂ ଜରିଆରେ ଖୋର୍ଦ୍ଧା ଜିଲ୍ଲାର ହାଇସ୍କୁଲ୍ ଟ୍ରାନ୍ସଫର୍ମେସନ୍ ( ବିଦ୍ୟାଳୟ ରୂପାନ୍ତରଣ ) କାର୍ଯ୍ୟକ୍ରମରେ ବିଦ୍ୟାଳୟର ବିଭିନ୍ନ ଅଂଶୀଦାର ମାନଙ୍କ ସହ ସିଧାସଳଖ କଥା ହୋଇଛନ୍ତି । ଅତ୍ୟାଧୁନିକ ଭିତିଭୂମି ସୁବିଧା ସହିତ ବିଦ୍ୟାଳୟ ପରିବେଶରେ ସାମଗ୍ରିକ ବିକାଶ ଆଣିବା ଲକ୍ଷ୍ୟରେ ଜିଲ୍ଲାର ୩୮ଟି ବିଦ୍ୟାଳୟରେ ଏହି ଉଚ୍ଚାଭିଳାଷୀ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବ । ଏହି ପରିପ୍ରେକ୍ଷୀରେ ଗତ ଏପ୍ରିଲ ୨୩ ଏପ୍ରିଲ ୨୦୨୧ରେ ୩୨ଟି ବିଦ୍ୟାଳୟ ସହ ଆଲୋଚନା କରିଥିଲେ । ଆଜି ଭୁବନେଶ୍ୱର ମହାନଗର ନିଗମର ଅନ୍ୟ ୬ଟି ସ୍କୁଲ ସହ ଭିଡିଓ କନଫରେନସିଂ ଜରିଆରେ ଆଲୋଚନା କରିଛନ୍ତି । ଏହି ଅବସରରେ, ୫ଟି ସଚିବ, ଖୋର୍ଦ୍ଧାର କଲେକ୍ଟର ସନତ କୁମାର ମହାନ୍ତି, ଡି. ଆର. ଡି. ଏ. ର ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀ ବନ୍ଦନା ମହାପାତ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସ୍ନିଗ୍ଧା ମିଶ୍ର, ସମସ୍ତ ମଣ୍ଡଳ ଉ ନ ୍ ୟ ନ ଅଧିକାରୀ,ଭୁବନେଶ୍ୱରର ଗୋଷ୍ଠୀ ଶିକ୍ଷା ଅଧିକାରୀ ଏବଂ ୬ ଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଆଲୁମିନି, ଏସଏମସି ସଦସ୍ୟ ଏବଂ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ କଥାବାର୍ତା କରିଥିଲେ । ହାଇସ୍କୁଲ ଟ୍ରାନ୍ସଫର୍ମେସନ୍ ପଦକ୍ଷେପର ଏକ ଅଂଶ ଭାବରେ, ବିଦ୍ୟାଳୟଗୁଡ଼ିକ ସ୍ମାର୍ଟ ଶ୍ରେଣୀଗୃହ, ଇ-ଲାଇବ୍ରେରୀ , ସାଇନ୍ସ ଲାବୋରେଟୋରୀ, କ୍ରୀଡା ତଥା କ୍ରୀଡା ଉପକରଣ , ବିଶୁଦ୍ଧ ପାନୀୟ ଜଳ ଆଦି ଅନ୍ୟାନ୍ୟ ଆଧୁନିକ ସୁବିଧା ସହିତ ସଜ୍ଜିତ ହେବ । ବିଦ୍ୟାଳୟ ରୂପାନ୍ତରଣ ଶିକ୍ଷଣ ପରିବେଶରେ ଉନ୍ନତି ତଥା ଶିକ୍ଷାର ମାନ ବିକାଶରେ ସହାୟକ ହେବ ବୋଲି ସମସ୍ତ ଅଂଶୀଦାର ମତବ୍ୟକ୍ତ କରିଥିଲେ । ଖୋର୍ଦ୍ଧା ଜିଲ୍ଲାର ସମସ୍ତ ଅଂଶୀଦାର ସ୍ୱତନ୍ତ୍ର ସ୍ଲୋଗାନ' ବିଦ୍ୟାଳୟ ରୂପାନ୍ତରଣ – ଆମ ସ୍ୱପ୍ନ ପୂରଣ ' ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ୫ଟି ସଚିବ ପ୍ରଯନ୍, ପ୍ରକ୍ରିୟା, ପରିବର୍ତନ ଓ ପ୍ରଯୁକ୍ତି ବିଦ୍ୟା ମାଧମରେ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ଆଣି ପକ୍ଷରିବା ବୋଲି କହିଥିଲେ । ଛାତ୍ରଛାତ୍ରୀମାନେ ଭଲ ମଣିଷ ହୋଇ ଆଗକୁ ବଢିବା ପାଇଁ ଇଛା ପ୍ରକଟ ସହ ମେଡିକାଲ୍, ଇଞ୍ଜିନିୟରିଂରେ ୧୫ପ୍ରତିଶତ ସଂରକ୍ଷଣ ପାଇଁ ନିଜ ନିଜର ଖୁସି ବ୍ୟକ୍ତ କରିଥିଲେ ଓ ସରକାରଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ ।

## ଖୋଦ ଏସପିଙ୍କ ଅଫିସ ଆଗରେ ସାମାଜିକ ଦୂରତା ରହୁନି, ଅନ୍ୟ ସରକାରୀ ଅଫିସରେ ସ୍ଥିତି ଅସମ୍ଭାଳ

ରାଉରକେଲା : କୋଭିଡ ସ୍ଥିତିରେ ସାମାନ୍ୟ ପରିବର୍ତନ ଆସିବା ଓ ସରକାର ଲୋକଙ୍କ ଲାଗି କୋହଳ ବ୍ୟବସ୍ଥା କରିଦେବା ପରେ ରାଉରକେଲା ସହରରେ ଏବେ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତା ରକ୍ଷା କରିବାକୁ ଲୋକେ ଆଉ ମନେ ରଖିଥିବା ଭଳି ମନେ ହେଉ ନାହିଁ, ଏହାର ଜ୍ୱଳନ୍ତ ଉଦାହରଣ ରାଉରକେଲା ଏସପି ଅଫିସ ର ମୁଖ୍ୟ ଫାଟକ ସମ୍ମୁଖ ଦୋକାନ ସମେତ ଆରଟିଓ ଅଫିସ ଆଖ ପାଖ, ତଥା ଅନ୍ୟାନ୍ୟ ଅଫିସ ସମେତ ରାଉରକେଲା ମହାନଗର ଭିତରେ । ଏସବୁ ଯାଗାରେ ଲୋକେ କାମ ଲାଗି ପହଁଚିବା ପରେ ପଛକୁ ପଛ ଲାଗି ଠିଆ ହେଉଥିବା ବେଳେ କାହାର ମୁହଁରେ ଯଦିଓ ମାସ୍କ ରହୁଛି ତାହା ନାକ ତଳେ ରହୁଛି । ଧିରେ ଧିରେ ସ୍ଥିତି ଅସମ୍ଭାଳ ହେବା ସହ ପୁଲିସି ପକ୍ଷରୁ ହେଉ କିମ୍ବା ଆରଏମସି ତରଫରୁ ଏନେଇ ଲୋକଙ୍କୁ ରୋକା ଯାଉନଥିବା ଜଣାପଡିଛି । ଏହା ଦ୍ୱାରା ସରକାରୀ ଅଫିସ ଗୁଡିକରେ କାମ କରୁଥିବା କର୍ମଚାରୀ ମାନେ ଚିନ୍ତାରେ ପଡିଥିବା ବେଳେ ସଚେତନ ନାଗରୀକ ମାନେ ଭୟଭିତ ହୋଇପଡିଛନ୍ତି । ଏହା ଥିଲା ସରକାରୀ ଅଫିସ ଅଂଚଳ, ବର୍ତମାନ ଯଦି ଆମେ ଟ୍ରାଫିକ ବଜାର ସମେତ ବିଭିନ ହାଟକୁ ଦେଖିବା ସେଠାରେ ସ୍ଥିତି ଚିନ୍ତା ଜନକ ରହିଛି । ସେ ସବୁ ଅଂଚଳରେ ବ୍ୟବସାୟୀ ଓ ଗ୍ରାହକ କାହା ମୁହଁରେ ମାସ୍କ କାଁ ଭାଁ ଦେଖାଯାଉଥିବା ବେଳେ ସାମାଜିକ ଦୂରତାର ଧଜିଆ ଉଡୁଛି । ମାଛ ବଜାର, ଅନ୍ୟାନ୍ୟ ନିୟମିତ ବଜାର କଥା ପଚାରେ କିଏ ।ରାଜ୍ୟ ସରକାର ଓ କେନ୍ଦ୍ର କରୋନା ସଚେତନତା ଲାଗି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ,ହେଲେ ସହରାଂଚଳ ହେଉ କିମ୍ବା ଆଖ ପାଖ ଗ୍ରାମାଂଚଳରେ ଲୋକଙ୍କ ପାଖରେ ପହଁଚି ସଚେତନ କରାଇବା ଲାଗି କୌଣସି ବ୍ୟବସ୍ଥା କରାଯାଉନଥିବାରୁ ଲୋକେ କରୋନାକୁ ଭୁଲିବା ଆରମ୍ଭ କଲାଭଳି କାରବାର କଲେଣି, ଯାହାକି ଆଗାମୀ ଦିନ ଲାଗି ଭୟଙ୍କର ହୋଇପାରେ ବୋଲି ମତ ପ୍ରକାଶ ପାଇଛି । ମହାନଗର ନିଗମ କେବଳ ତାର ମଇଳା ଉଠା ଗାଡିରେ ସକାଳୁ ସକାଳୁ ଏକ ପ୍ରଚାର ଅଡିଓ ବଜାଇଦେଇ ନୀରବ ରହୁଥିବା ବେଳେ ରାଜ୍ୟ ସୂଚନା ଲୋକ ସଂପର୍କ ବିଭାଗ ଏନେଇ ପୁରା ନୀରବ । ଅନେକ ସାମଜିକ ଅନୁଷ୍ଠାନ ସରକାରଙ୍କ ଠାରୁ ବିଭିନ୍ନ ସୁବିଧା ନେଉଥିବା ବେଳେ ଜିଲ୍ଲାରେ ଅନେକ କଳ କାରଖାନା ଓ ଖଣି ରହିଛି । କିନ୍ତୁ ସେମାନଙ୍କ ପକ୍ଷରୁ ମଧ ଏନେଇ ସଚେତନତା ସୃଷ୍ଟି କରାଜିବା ନେଇ ମଧ କୌଣସି ଉଦାହରଣ ଦେଖିବାକୁ ମିଳୁନି । ସରକାରୀ ଘୋଷଣା ହେଉ କିମ୍ବା ଡାକ୍ତର ମାନଙ୍କ ଘୋଷଣା ୩ୟ ଲହରକୁ ନେଇ ଏବେ ସବୁ ସଚେତନ ଥିବା ବେଳେ ରାଉରକେଲା ସହରରେ ଏହାର ସଚେତନତା ଅଧିକ ଆବଶ୍ୟକ ବୋଲି ବୁଦ୍ଧିଜୀବି ମହଲରେ ମତ ପ୍ରକାଶ ପାଇଛି ।




# କେନ୍ଦୁଝରଠାରେ ଓଡିଶା ପୁଲିସର ୮୬ତମ ପ୍ରତିଷ୍ଠା ଦିବସ ପାଳିତ

କେନ୍ଦୁଝର (ପିଏନ୍): କେନ୍ଦୁଝର ପୁଲିସ ରିଜର୍ଭ ପଡିଆଠାରେ ଓଡିଶା ପୁଲିସର ୮୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଆରକ୍ଷୀ ଅଧିକ୍ଷକ ମିତ୍ରଭାନୁ ମହାପାତ୍ର ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। କର୍ତ୍ତବ୍ୟ ସମ୍ପାଦନା ସମୟରେ ଶହୀଦ ହୋଇଥିବା ପୁଲିସ ଓ କର୍ମଚାରୀମାନଙ୍କ ପ୍ରତି ଶ୍ରଦ୍ଧାଳି ଅର୍ପଣ କରି ଓଡିଶାର ରାଜ୍ୟପାଳ,ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ ସନ୍ଦେଶ ପଠନ କରିଥିଲେ। ଏହି ଅବସରରେ ଶ୍ରୀ ମହାପାତ୍ର ପୁଲିସ କର୍ମଚାରୀମାନେ ନିଷ୍ଠାର ସହ କର୍ତ୍ତବ୍ୟ ସମ୍ପାଦନ କରିବାକୁ ଆହ୍ୱାନ ଦେଇଥିଲେ। ସାମାଜିକ ଶାଂି ଶୃଙ୍ଖଳା ରକ୍ଷା ଦିଗରେ କେନ୍ଦୁଝର ପୁଲିସର ଦାୟିତ୍ୱବୋଧକୁ ନେଇ ସଂୋଷ ପ୍ରକାଶ କରିବା ସହ ନୀତି ଓ ଆଦର୍ଶ ମନୋଭାବ ନେଇ ସମସ୍ତ କର୍ମଚାରୀ ସକ୍ରିୟ ଭାବେ କାର୍ଯ୍ୟ ସମ୍ପାଦନକୁ ଧେୟ କରିବା ଅପରିହାର୍ଯ୍ୟ ବୋଲି ସେ ମତପୋଷଣ କରିଥିଲେ। ଏକ ପ୍ରଗତିଶୀଳ,ଗଣତାନ୍ତ୍ରିକ ସମାଜରେ ପୁଲିସ ଏକ ଗୁରୁତ୍ୱପୂର୍ଣ୍ଣ ସଂଗଠନ। ଆଇନର ଶାସନ ସହିତ ଏକ ସୁସ୍ଥ ସମାଜ ଗଠନ ଦିଗରେ ପୁଲିସର ବିଶେଷ ଭୂମିକା ରହିଛି ବୋଲି ସେ ପ୍ରକାଶ କରିଥିଲେ। ରିଜର୍ଭ ଇନ୍ସପେକ୍ଟର ବିମଳ ରାଉତଙ୍କ ନେତୃତ୍ୱରେ ଅନୁଷ୍ଠିତ ପ୍ୟାରେଡକୁ ସର୍ଜେ ରାକେଶ ସ୍ୱାଇଁ ପରିଚାଳନା କରିଥିବାବେଳେ ଆରକ୍ଷୀ ଅଧିକ୍ଷକ ଶ୍ରୀ ମହାପାତ୍ର ଅଭିବାଦନ ଗ୍ରହଣ କରିଥିଲେ। ଓଡିଶା ପୁଲିସର ୮୬ତମ ପ୍ରତିଷ୍ଠା ଦିବସ ପାଳିତ ଶ୍ରେଷ୍ଠ ସବ୍‌ଇନ୍ସପେକ୍ଟର ଭାବେ ଘଷିପୁରା ଥାନାର ମନୋରଂଜନ ବିଶି,ଏ.ଏସ.ଆଇ ସ୍ତରରେ ରୁଗୁଡି ଥାନାର ତ୍ରିନାଥ ନାଏକ,ଓ.ଏ.ପି.ଏଫ୍ କନେଷ୍ଟବଲ ସ୍ତରରେ ରଜତ୍ କୁମାର ନାଏକ,ଟ୍ରାଫିକ କନେଷ୍ଟବଲ ସ୍ତରରେ ଟାଉନ ଟ୍ରାଫିକ ଆଉଟ ପୋଷ୍ଟର ପ୍ରଶାଂ କୁମାର ବାରିକ,ଏଫ.ଓ. ସ୍ତରରେ ରିଜର୍ଭ ପୁଲିସ କାର୍ଯ୍ୟାଳୟର ମଧୁସୁଦନ ନାଏକ,କିରାଣୀ ସ୍ତରରେ ଜିଲା ପୁଲିସ କାର୍ଯ୍ୟାଳୟର ରିତ କୁମାର ଖାଟୁଆ,ଓଆର କନେଷ୍ଟବଲ ସ୍ତରରେ ମେଡିକାଲ ଫାଣ୍ଡିର ସତ୍ୟଜିତ୍ ନାଏକ,ଏ.ପି.ଆର୍ କନେଷ୍ଟବଲ ସ୍ତରରେ ସଶସ୍ତ୍ର ବାହିନୀର ଶରତ ଚନ୍ଦ୍ର ମହାନ୍ତ, ହାବିଲଦାର ସ୍ତରରେ ସଶସ୍ତ୍ର ବାହିନୀର ଜୟଦେବ ନାଏକ,ହାବିଲଦାର ସ୍ତରରେ ଓଡିଶା ରାଜ୍ୟ ସଶସ୍ତ୍ର ୨ୟ ସ୍ୱତନ୍ତ୍ର ସୁରକ୍ଷା ବାହିନୀର ନିରଂଜନ ମହାନ୍ତି, ହାବିଲଦାର ମେଜର ସ୍ତରରେ ଓଡିଶା ରାଜ୍ୟ ୨ୟ ସ୍ୱତନ୍ତ୍ର ସୁରକ୍ଷା ବାହିନୀର ଲମ୍ବୋଦର ନାଏକ,ଡେପୁଟି ସୁବେଦାର ସ୍ତରରେ ଓଡିଶା ରାଜ୍ୟ ସଶସ୍ତ୍ର ୨ୟ ସ୍ୱତନ୍ତ୍ର ସୁରକ୍ଷା ବାହିନୀର ନିରଜ କୁମାର ମିଞ୍ଜ୍ ତାଙ୍କର କର୍ତ୍ତବ୍ୟ ନିଷ୍ଠା ଅବଦାନ ନିମନ୍ତେ ପୁରସ୍କୃତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ଆରକ୍ଷୀ ଅଧିକ୍ଷକ ମିତ୍ରଭାନୁ ମହାପାତ୍ରଙ୍କ ସମେତ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିରଞ୍ଚି ନାରାୟଣ ଦେହୁରୀ, ଡିଏସ୍‌ପି ହେଡକ୍ୱାର୍ଟର ସୁବୋଧ କୁମାର ମଲ୍ଲିକ, ସଦର ଏସ୍‌ଡିପିଓ ପ୍ରକାଶ ଜେମ୍‌ସ ଟପୋ, ଡିଏସ୍‌ପି ଡିଆଇବି ଇନ୍ଦୁରେଖା ପର୍ଶିମ କବାଟ,୨ୟ ସ୍ୱତନ୍ତ୍ର ସୁରକ୍ଷା ବାହିନୀର ଦୂର୍ଗପତି ନୃସିଂହ ଚରଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ଲାଜମା ଦାନ କରିଥିବା ୬ଜଣ ପୁଲିସ କର୍ମଚାରୀଙ୍କୁ ଆରକ୍ଷୀ ଅଧିକ୍ଷକ ସ୍ୱତନ୍ତ୍ର ଭାବେ ସମ୍ମାନୀତ କରିଥିଲେ।

## ପ୍ରଧାନଶିକ୍ଷକଙ୍କୁ ଶିକ୍ଷାରତ୍ନ ସମ୍ମାନ-୨୦୨୧

କେନ୍ଦୁଝର (ପିଏନ): ୮୬ତମ ଉତ୍କଳ ଦିବସ ଉପଲକ୍ଷେ ତା- ୦୧.୦୪.୨୧ରିଖ ଦିନ ଅବସରପ୍ରାପ୍ତ ଶିକ୍ଷକ ସଂଗଠନ ପଳାଶପଙ୍ଗା, ସଦର ବ୍ଲକ, କେନ୍ଦୁଝର ଗୁରୁକୁଳରେ ଆୟୋଜିତ ହୋଇଥିବା ଗୁରୁକୁଳ ସମ୍ମାନ -୨୦୨୧ରେ ରାମକୃଷ୍ଣ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନରେନ୍ଦ୍ର କୁମାର ସାହୁଙ୍କୁ 'ଶିକ୍ଷାରତ୍ନ-୨୦୨୧' ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ପୂର୍ଣ୍ଣଚନ୍ଦ୍ର ଅମାତ (ବି.ଇ.ଓ.) ଅନୁପସ୍ଥିତ ଥିବାରୁ କାହ୍ନୁଚରଣ ମହାନ୍ତ (ପୂର୍ବତନ ଏସ.ଆଇ.) ତଥା ମୁଖ୍ୟବକ୍ତା ମଦନମୋହନ ଦ୍ୱିବେଦୀ, ସଭାପତି ଜନାର୍ଦ୍ଦନ ନାଏକ, ମୁଖ୍ୟ ପୃଷ୍ଠପୋଷକ ମନମୋହନ ସିଂ ପ୍ରମୁଖ ଶ୍ରୀଯୁକ୍ତ ସାହୁଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନୀତ କରିଥିଲେ। ଶ୍ରୀଯୁକ୍ତ ସାହୁ ଜଣେ ଆଦର୍ଶ ଶିକ୍ଷକ ତଥା ବିଶିଷ୍ଟ ଶିକ୍ଷାବିତ ଭାବେ କର୍ତ୍ତବ୍ୟପରାୟଣତା, ସମୟାନୁବର୍ତ୍ତିତା, ନିଷ୍ଠା ତ୍ୟାଗ, ସେବା ସହିତ ଅବସର ସମୟରେ ଛାତ୍ରଛାତ୍ରୀଙ୍କୁ ମାଗଣାରେ ଶିକ୍ଷାଦାନ ଦେବା, କବିତା, ଗଳ୍ପ, ପ୍ରବନ୍ଧ ଲେଖାଲେଖିରେ ସମୟ ଦେଉଥିବାରୁ ଶିକ୍ଷକ ସମାଜକୁ ଗୌରବାନ୍ୱିତ କରିଛନ୍ତି। ଏହି ସମ୍ମାନରେ ସମ୍ମାନୀତ ହେବା ପରେ ଶ୍ରୀ ସାହୁ ତାଙ୍କ ପିତାମାତାଙ୍କୁ ଏହି ସମ୍ମାନର ଶ୍ରେୟ ଦେଇଥିବା ବେଳେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କ ମଧ୍ୟରେ ଖୁସିର ଲହରି ଖେଳି ଯାଇଛି।

### ରାଜକିଶୋରଙ୍କୁ ବାଣିଭୂଷଣ ଉପାଧି



ଆନନ୍ଦପୁର (ପିଏନ୍): ଘଷିପୁରା ବ୍ଲକ ଅନ୍ତର୍ଗତ ସରେଇଁ ଗ୍ରାମର ଯୁବ ପ୍ରତିଭା ତଥା ଆଗଧାଡିର ଯୁବ ପାଲା ଗାୟକ ରାଜକିଶୋର ସାମଲଙ୍କୁ ବାଣୀଭୂଷଣ ଉପାଧି ପ୍ରଦାନ କରାଯାଇଛି। ହରିଚନ୍ଦନରପୁର ବ୍ଲକ ଓସ୍ତପଙ୍ଗା ପାଲା ମଣ୍ଡପ ଠାରେ ଆୟୋଜିତ ସାଂସ୍କୃତିକ ପ୍ରଗତି ଟ୍ରଷ୍ଟ ବାର୍ଷିକ ଉତ୍ସବରେ ରାଜକିଶୋରଙ୍କୁ ଏହି ଉପାଧି ପ୍ରଦାନ କରାଯାଇଛି। ରାଜକିଶୋର ପେଷାରେ ସୁକିନ୍ଦା ମହାବିଦ୍ୟାଳୟରେ ଓଡିଆ ଭାଷା ଓ ସାହିତ୍ୟ ବିଭାଗର ଅଧାପକ। କିନ୍ତୁ ପାଲା ଗାୟନ ପ୍ରତି ଆକୃଷ୍ଟ ହୋଇ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି।

# ସୌନ୍ଦର୍ଯ୍ୟକରଣ ହୋଇଥିବା ଦୁତିଆଳ ଉଚ୍ଚପ୍ରାଥମିକ ସ୍କୁଲ ପରିଦର୍ଶନ କଲେ ଜିଲ୍ଲାପାଳ

କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ଗ୍ରାମପଂଚାୟତ ପକ୍ଷରୁ ସରପଂଚ ପୁଷ୍ପଲତା ସେନାପତିଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ସରକାରଙ୍କ ସ୍କୁଲ ସୌନ୍ଦର୍ଯ୍ୟକରଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଦୁତିଆଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପରିଦର୍ଶନ



କରିଛନ୍ତି ଜିଲ୍ଲାପାଳ ଅମ୍ରିତ ରତୁରାଜ। ସ୍କୁଲର ଶ୍ରେଣୀଗୃହ ଗୁଡିକୁ ଡିଜିଟାଲ ଶ୍ରେଣୀଗୃହରେ ପରିଣତ କରାଯାଇଥିବା ବେଳେ ସୌରଶକ୍ତି ମାଧ୍ୟମରେ ସ୍କୁଲ ପରିସରକୁ ଆଲୋକିତ କରାଯାଇ ସ୍କୁଲରେ ଟିଭି, ଆକୁଆଗାର୍ଡ, ଗ୍ରୀନବୋର୍ଡ ପ୍ରଭୃତି ଲଗାଯାଇଛି। ସ୍କୁଲ କାନ୍ଥକୁ ବିଭିନ୍ନ ରଙ୍ଗବେରଙ୍ଗରେ ଚିତ୍ରଣ କରାଯିବା ସହ ସ୍କୁଲକୁ ସଂଯୋଗ କରୁଥିବା ରାସ୍ତାରେ ପେଭର ବ୍ଲକ ବିଛାଯାଇଛି। ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା ଉଦେଶ୍ୟରେ ସଂପୂର୍ଣ୍ଣ ଅତ୍ୟାଧୁନିକ ଶୈଳିରେ ସ୍କୁଲ ପରିବେଶ ଓ ବାତାବରଣକୁ ଆକର୍ଷଣୀୟ କରାଯାଇଥିବା ଦେଖି ଜିଲ୍ଲାପାଳ ସରପଞ୍ଚ ଶ୍ରୀମତୀ ସେନାପତିଙ୍କୁ ବେଶ ପ୍ରଶଂସା କରିଥିବା ଜଣାପଡିଛି। ଏଥିସହିତ ପଂଚାୟତର ପୁରୁଷୋତ୍ତମପୁର ଗ୍ରାମ ଅଧିନ ବଉଳପାଟଣା ପଡାଗ୍ରାମର ୪ଟି ରାସ୍ତାରେ ପେଭର ବ୍ଲକିଂ (ରଙ୍ଗୀନ ଇଟା) ବିଛାଯାଇ ରାସ୍ତାକୁ ସୁନ୍ଦର ଭାବେ ପ୍ରସ୍ତୁତ କରାଯାଇଥିବା ଓ ଦୁତିଆଳ ଅଙ୍ଗନୱାଡିକେନ୍ଦ୍ରକୁ ଏକ ମଡେଲ ଅଙ୍ଗନୱାଡିକେନ୍ଦ୍ରରେ ପ୍ରସ୍ତୁତ କରାଯାଇଥିବା ଜିଲ୍ଲାପାଳ ଶ୍ରୀ ରତୁରାଜ ଦେଖି ପ୍ରସଂଶା କରିଥିଲେ। ଜିଲ୍ଲାପାଳଙ୍କ ଏହି ପରିଦର୍ଶନ ସମୟରେ ବିଡିଓ ଅଶ୍ୱିନୀ କୁମାର ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ ଆକୁଳି ଚରଣ ସାହୁ, କନିଷ୍ଠ ଯନ୍ତ୍ରୀ ବିନୟ କୁମାର ମିଶ୍ର, ସରପଞ୍ଚ ଶ୍ରୀମତୀ ସେନାପତି, ଯୁବନେତା ବିଦ୍ୟୁତ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

## ଭିତରକୁ ଗାଡି ଛଡାଯାଉନଥିବାରୁ ମେଡିକାଲ ସମ୍ମୁଖ ରାସ୍ତା ଜାମ

କେନ୍ଦ୍ରାପଡା (ପିଏନ୍): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭିତରକୁ ଗେଟ ପାଖରୁ କୌଣସି ଗାଡି ଛଡାଯାଉନଥିବାରୁ ମେଡିକାଲ ସମ୍ମୁଖ ରାସ୍ତାରେ ଗାଡି ଗୁଡିକ ରହି ରାସ୍ତାକୁ ଜାମ କରୁଥିବା ଦେଖିବାକୁ ମିଳିଛି। ଫଳରେ ସେହି ରାସ୍ତା ଦେଇ ସୁନାଇଲୋ, ପଶୁ ଡାକ୍ତରଖାନା ଓ ଜୟୀପୁରା ପ୍ରଭୃତି ସ୍ଥାନକୁ ଯାଉଥିବା ଗାଡି ଗୁଡିକୁ ବହୁ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି। ପୂର୍ବରୁ ମେଡିକାଲ ଭିତରକୁ ଯାଉଥିବା ଗାଡି ଗୁଡିକ ମୁଖ୍ୟ ଗେଟ ନିକଟ ଡାହାଣ ପାର୍ଶ୍ୱରେ ଥିବା ପାର୍କିଂ ସ୍ଥାନରେ କିମ୍ବା ବାମ ପାର୍ଶ୍ୱରେ ଥିବା ସ୍ଥାନରେ ରଖାଯାଉଥିଲା। କିନ୍ତୁ ଏବେ ସେହି ସ୍ଥାନରେ ଗାଡି ରଖାଗଲେ କୌଣସି ଅସୁବିଧା ହେବାର ସମ୍ଭାବନା ନଥିବା ବେଳେ ଗେଟ ଭିତରକୁ ଗାଡି ଗୁଡିକ ଛଡା ନଯିବା ଦ୍ୱାରା ମେଡିକାଲ ସମ୍ମୁଖ ରାସ୍ତାଟି ଜାମ ହୋଇ ବହୁ ଅସୁବିଧା ସୃଷ୍ଟି ହେଉଥିବାରୁ ଏଥିପ୍ରତି ମେଡିକାଲ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ମଧୁବାବୁ, କାଳିଆଘୋଡ଼ା ଓ ମେଣ୍ଢା



ସେକାଳ ପଖାଳ ଏବେ ଆଉ ନାହିଁ। ସେକାଳେ ହେତୁ ହେବା ପରେ ଘରେ ଶିଖାଉଥିଲେ, ଟିକେ ଗାଇଲୁ, 'କାଳିଆ ଘୋଡ଼ାରେ ଚଢିବି, ମଧୁବାବୁ ସାଂଗେ ଲଢିବି'। କାଳିଆ ଘୋଡ଼ା ପ୍ରତି ପିଲାଙ୍କର ବେଶୀ ଆକର୍ଷଣ ଥାଏ। ତେଣୁ କଥାଟି ମନକୁ ପାଏ। ହେଲେ ପୁଣି ପ୍ରଶ୍ନ ଆସେ, କଳା ଘୋଡ଼ା କାହିଁକି, ଧଳା ଘୋଡ଼ା କାହିଁକି ନୁହଁ? ଏ ମଧୁବାବୁ ପୁଣି କିଏ? ସେଇଠୁ କିଏ କେମିତି ବୁଝାନ୍ତି, କଳା ଘୋଡ଼ା ହେଉଛି ବଳବୀର୍ଯ୍ୟ, ସାମର୍ଥ୍ୟର ପ୍ରତୀକ, ପରିଶ୍ରମର ସୂଚକ। ତେଣୁ ରେସ୍ କୋର୍ସରେ କଳାଘୋଡ଼ା ଉପରେ ବାଜି ଲଗାଯାଇଥାଏ। କଳାଘୋଡ଼ାର ନାଲ ବିଭିନ୍ନ କାର୍ଯ୍ୟରେ ଉପଯୋଗ ହୁଏ। ଅଶୁଭ ଦୃଷ୍ଟିରୁ ରକ୍ଷା ପାଇବା ପାଇଁ, ଧନ ସଂପତି ବୃଦ୍ଧି ପାଇଁ ଏହି ନାଲର ଭରି ଚାହିଦା। ପୁଣି କଳା ରଂଗ ହେଉଛି ମହାପ୍ରଭୁ ଜଗତର ନାଥ ଜଗନ୍ନାଥଙ୍କର ରଙ୍ଗ। ପୁଣି ଉତ୍କର୍ଷ କଳାର ରାଜ୍ୟ ଉତ୍କଳ ବା ଓଡ଼ିଶା। କଳିଙ୍ଗ ଶବ୍ଦଟିର ଆରଂଭ ବି ସେଇ କ ଅକ୍ଷରରୁ।

'କାଳିଆ ଘୋଡ଼ାରେ ଚଢିବି, ମଧୁବାବୁ ସାଂଗେ ଲଢିବି' କିଏ ଲେଖିଥିଲେ, ତାହା ଜଣାନାହିଁ। ହୁଏତ ଲୌକିକ ଆଧାରରେ ଏମିତି ପଦଟିଏ ଛିଣ୍ଡାଯାଇଥିବ! କେହି କେହି କୁହନ୍ତି, ମଧୁବାବୁ କାଳେ କାଳିଆ ଘୋଡ଼ାରେ ଚଢି କଚେରୀ ଯାଉଥିଲେ। ତେଣୁ ମଧୁବାବୁ କାଳିଆ ଘୋଡ଼ାରେ ଚଢିବା ଥିଲା ବୀରତ୍ୱ ଓ ସ୍ୱାଭିମାନର ପ୍ରତୀକ। ମଧୁବାବୁଙ୍କ ସାଂଗରେ ଲଢିବାର ଅର୍ଥ ହେଉଛି ବଡ଼ ହୋଇ ମଧୁବାବୁଙ୍କ ଭଳି ଭଲ ମଣିଷ/ବଡ଼ ମଣିଷ ହୁଅ। ପିଲାଦିନର ସେଇ ପ୍ରେରଣା ଏବେ ଆଉ ନାହିଁ। ସେହିପରି ପିଲାବେଳେ ଗୋଟେ ଗୀତ 'ତୁମ ପରି ଛୋଟ ପିଲାଟିଏ' ବି ଆମ ମନକୁ ଭାରି ଛୁଇଁଯାଇଥିଲା। ବାରମ୍ବାର ଆବୃତି କରିବାକୁ ଇଚ୍ଛା ହେଉଥିଲା: ତୁମ ପରି ଛୋଟ ପିଲାଟିଏ, ଗାଁ ଚାହାଳିର ଚାଟ ସିଏ, ଚେହେରାଟି ତା'ର ଡଉଲ ଡାଉଲ, ପାଠରେ ତାହାର ସରି କିଏ? ସେଇ କବିତାର ଉଚ୍ଛ୍ୱାସ ଏବେ ଆଉ ନାହିଁ। ଏବେ ଆଉ ଆମ ପିଲାଏ ଏଥିରେ ଉଦ୍‌ବୁଦ୍ଧ ହେଉନାହାନ୍ତି। କାଳିଆ ଘୋଡ଼ାରେ ଚଢିବି, ମଧୁବାବୁ



ସାଂଗେ ଲଢିବି ପଦଟି ମଧ୍ୟ ପିଲେ ଆଉ ଶୁଣୁନାହାନ୍ତି। ଓଡ଼ିଆ-ମାଧ୍ୟମ ପିଲା ହୁଏତ ଶୁଣୁଥିବେ, ଜାଣୁଥିବେ, କିନ୍ତୁ ଇଂରାଜୀ-ମାଧ୍ୟମ ଛୁଆ ଏସବୁରୁ ବଂଚିତ। ପାଠରେ ନ ଥାଉ ପଛେ, ଆମ ଉଚ୍ଚଶିକ୍ଷିତ ବାପ-ମା' ନିଜ ଇଂରାଜୀ-ମାଧ୍ୟମ ପିଲାମାନଙ୍କୁ ଏସବୁ ଶୁଣାଇବାକୁ ପସନ୍ଦ କରୁନାହାନ୍ତି, ସେଗୁଡ଼ାକ କାଳେ ପୁରୁଣାକାଳିଆ, ମଫସଲି। ଆଜିର ଇଂଲିଶ-ମାଧ୍ୟମ ଛୁଆ ଏବେ 'ବା ବା ବ୍ଲାକ୍‌ସିପ ପଢୁଛନ୍ତି'। ମାନେ ମଧୁବାବୁଙ୍କୁ ଚିହ୍ନିପାରୁନାହାନ୍ତି, ହେଲେ ମେଣ୍ଢାକୁ ଚିହ୍ନୁଛନ୍ତି। ଏହା ହିଁ ବିଡ଼ମ୍ବନା। ଆମ ପିଲେଙ୍କୁ ମଧୁବାବୁ କିଏ ବୋଲି ପଚାରିଲେ, ସେମାନେ ଓଲଟି ପଚାରୁଛନ୍ତି, ମଧୁବାବୁ କିଏ?

ସ୍ୱତଂତ୍ର ଉତ୍କଳ ପ୍ରଦେଶ ଗଠନରେ ଯେଉଁ ବ୍ୟକ୍ତିଙ୍କର ବଳିଷ୍ଠ ଅବଦାନ ଥିଲା, ତାଂକୁ ଆମ ଭବିଷ୍ୟତ ପିଢି ଜାଣୁନାହାନ୍ତି। ପାଠକବଂଧୁ, ଜାତିର ପିତା ମହାତ୍ମା ଗାନ୍ଧୀ ଏକଦା ମଧୁବାବୁଙ୍କୁ ନିଜର ଫ୍ରେଣ୍ଡ, ଫିଲୋସଫର, ଗାଇଡ୍ ବୋଲି ମାନିଥିଲେ। ମଧୁବାବୁଙ୍କର ସ୍ୱଦେଶୀ ବିଚାର ଓ ଶିଳ୍ପାୟନ ଚିନ୍ତାଧାରାରେ ଉଦ୍‌ବୁଦ୍ଧ ହୋଇଥିଲେ ଗାନ୍ଧିଜୀ। ମଧୁବାବୁଙ୍କ ଉତ୍କଳ ଟ୍ୟାନେରୀ ଭଳି ଗାନ୍ଧୀ ମଧ୍ୟ ସାବରମତୀ ଆଶ୍ରମରେ ଖୋଲିଥିଲେ ଏକ ଟ୍ୟାନେରୀ। ୧୯୨୭ ମସିହା ଜୁନ୍ ୧୯ ତାରିଖରେ 'ନବଜୀବନ'ରେ ଗାନ୍ଧିଜୀ ଲେଖିଥିଲେ, "Raw materials worth crores of rupees are produced in this country and, thanks to our ignorance, lethargy and lack of invention, exported to foreign countries; as Sri Madhusudan Das has pointed out, that we remain ignorant like animals, our hands do not get the training which they ought to and our intellects do not develop as they should. As a consequence, living art has disappeared from our land and we are content to imitate the west."

୧୯୨୮ ମାର୍ଚ୍ଚ ୧୬ ତାରିଖରେ ଗାନ୍ଧିଜୀ ମଧୁବାବୁଙ୍କ ନିକଟକୁ ପ୍ରିୟ ବଂଧୁ ବୋଲି ସମ୍ବୋଧନ କରି ଏକ ପତ୍ର ପଠାଇଥିଲେ, ଯାହାକି ଅତ୍ୟନ୍ତ ପ୍ରଣିଧାନଯୋଗ୍ୟ। ଆପଣଂକ ଗୋଚରାର୍ଥେ ଏଠାରେ ଉଲ୍ଲେଖ କରୁଛି:

Dear Friend,

After a great deal of thought and bother I have established at the Ashram a little bit of tannery without any power-driven machinery and without skilled assistance saved that of a man who has received a rough-and tumble experience of tanning in America and who is a crank like myself. Though I did not succeed in sharing your troubles and taking the load off your shoulders in connection with your own great national enterprise, your inspiration is partly responsible for the establishment of this little tannery at the Ashram. Can you please help me with a list of literature on the subject, a handbook on tanning and the like? If you think that there is nothing like this in English, will you out of your own wide and varied experience write out something that may be of use for propaganda, just a few hints? What is happening at the tannery? Who is in charge? I may add that my idea is to make the Ashram tannery a model for villages so that the villagers may be able to treat their own dead cattle and make use of the hide themselves. I have asked many people without success as to how I can skin dead cattle. Everybody knowing anything of tanning has something to say about hides after they are received from the village tanner; but nobody has yet told me if I take charge of a dead animal I can skin the carcass economically and hygienically and make use of other contents such as bones, intestine, etc., for purpose of manure.

**Yours sincerely,**
**(M.K.Gandhi)**
**March 16, 1928**

ତେଣୁ ଗାନ୍ଧିଜୀ ଯେ ବହୁଳ ଭାବେ ମଧୁବାବୁଙ୍କ ଦ୍ୱାରା ଅନୁପ୍ରାଣୀତ ହୋଇଥିଲେ, ଏଥିରେ ସନ୍ଦେହ ନାହିଁ। ସଂପ୍ରତି କରୋନା କବଳିତ ଏ ବିଶ୍ୱରେ ମଧୁବାବୁଙ୍କ ଚିନ୍ତନ ଭାରି ପ୍ରାସଂଗିକ। କୁଟୀର ଶିଳ୍ପ ମାଧ୍ୟମରେ ରୋଜଗାରର ସାଧନ ଉପଲବ୍ଧ କରାଇବା ଓ ତା'ର ଉପଯୋଗ ମଧୁବାବୁ ସଫଳ ଭାବେ କରାଇପାରିଥିଲେ। ତେଣୁ ମହାତ୍ମା ଗାନ୍ଧୀ ସେଇ ସ୍ୱଦେଶୀ ବିଚାରଧାରାକୁ ଆପଣାଇଥିଲେ। ମୌଳିକ ଶିକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ନିଜ କାମ ନିଜେ କରିବା ଏବଂ ଏଭଳି ଧନ୍ଦାମୂଳକ କାର୍ଯ୍ୟ ଶିଖିବା, ଯାହା ଭବିଷ୍ୟତରେ ଆମ ପେଟପାଟଣା କଥା ବୁଝିବ। ତେବେ ହେଲା କ'ଣ? ଆମକୁ ସ୍ୱଦେଶ ନୁହେଁ, ବିଦେଶ ବେଶୀ ବାସିଲା। ମେଡ୍ ଇନ୍ ଇଣ୍ଡିଆ ନୁହେଁ, ମେଡ୍ ଇନ୍ ଚାଇନା ବେଶୀ ଗ୍ରାସିଲା। ସେଇ ଚାଇନାର ଦାନ କୋଭିଡ୍-୧୯ରେ ଆମେ ଏବେ ପେଶିହେଇଯାଇଛୁ। ସଂପ୍ରତି ପ୍ରଧାନମଂତ୍ରୀ ନରେନ୍ଦ୍ର ମୋଦୀ ସେଇ ଗ୍ରାମ-ସ୍ୱରାଜ୍ୟ କଥା କହୁଛନ୍ତି, ଯାହା ଦିନେ ମଧୁବାବୁ ଓ ମହାତ୍ମା ଗାନ୍ଧୀ କହିଥିଲେ। ଗ୍ରାମପଂଚାୟତଗୁଡ଼ିକୁ ଆତ୍ମନିର୍ଭରଶୀଳ ହେବା ପାଇଁ ମୋଦୀ ଆହ୍ୱାନ ଦେଇଛନ୍ତି। ଚାଲନ୍ତୁ ସେଇ ଆତ୍ମନିର୍ଭରଶୀଳତା ପାଇଁ ପ୍ରୟାସୀ ହେବା। କୃଷି ଉପରେ ଗୁରୁତ୍ୱ ଦେବା। ଦାଦନ ଖଟିବାକୁ ନ ଯାଇ ନିଜ ଅଂଚଳରେ ଚାଷବାସ କରିବା। ସରକାରଙ୍କ ଠାରୁ ମାଗଣା, ମାହାଳିଆ ଖାଇବାର ପ୍ରବୃତି ପରିହାର କରି ସ୍ୱାଭିମାନୀ ହେବା। କୁଟୀର ଶିଳ୍ପ ବସାଇବା। ନିଜ ମାତୃଭୂମିକୁ ଭଲ ପାଇବା। ବହୁତ ଗୁଡ଼ାଏ ଅର୍ଥ ରୋଜଗାର ପାଇଁ ମନ ନ ବଳେଇବା। ନିଜେ ବଂଚିବା, ଅନ୍ୟକୁ ବଂଚିବାକୁ ଦେବା। ବିଡ଼ମ୍ବନାର ବିଷୟ, ଆମେ ମଧୁବାବୁଙ୍କୁ ଆମର ବ୍ରାଣ୍ଡ କରିପାରିଲେନାହିଁ। ସ୍ୱତଂତ୍ର ଉତ୍କଳ ପ୍ରଦେଶ ଗଠନର ମୁଖ୍ୟ ବିନ୍ଧାଣି ମଧୁବାବୁଙ୍କୁ ଆମେ ଯେଉଁଭଳି ଭାବେ ସମ୍ମାନ ଦେବାକଥା ଦେଇପାରିଲେନାହିଁ। ଓଡ଼ିଆ ମେଣ୍ଢା ହେଇ ରହିଗଲେ।

**ସମରେନ୍ଦ୍ର ବଳିଆରସିଂହ,**
ବିଶ୍ୱାତ୍ମା, ଏମ୍-୨୩, ବିଡିଏ କଲୋନୀ, ଖୋର୍ଦ୍ଧା-୭୫୨୦୫୫, ଶୂନ୍ୟଭାଷ: ୮୨୪୯୬୭୯୦୯୯

## ଜନଶକ୍ତି ପାର୍ଟିର ମେଡିକାଲ କଲେଜ ଆନ୍ଦୋଳନରେ ସାମିଲ ହେଲେ କଲେଜ ଛାତ୍ର



କେନ୍ଦ୍ରାପଡା (ପିଏନ୍): ଜନଶକ୍ତି ପାର୍ଟି ପକ୍ଷରୁ କେନ୍ଦ୍ରାପଡାରେ ମେଡିକାଲ କଲେଜ ପ୍ରତିଷ୍ଠା ନେଇ ଚାଲିଥିବା ଆନ୍ଦୋଳନରେ ସାମିଲ ହୋଇଛନ୍ତି କଲେଜ ଛାତ୍ର। ଜିଲ୍ଲାବାସୀଙ୍କ ଅନେକ ଦିନର ସ୍ୱପ୍ନ ଉନ୍ନତମାନର ସ୍ୱାସ୍ଥ୍ୟସେବା ସମେତ ଏକ ମେଡିକାଲ କଲେଜ ପ୍ରତିଷ୍ଠା ପୂର୍ବ ଭଳି ସ୍ୱପ୍ନ ହୋଇ ରହିଯାଇଛି। ଦୀର୍ଘ ୫୦ବର୍ଷ ଧରି ସ୍ୱର୍ଗତଃ ବିଜୁବାବୁଙ୍କ ହସ୍ତମୁଦି ମାହାଲ ସାଜିଥିବା କେନ୍ଦ୍ରାପଡା ଆଜି ସବୁ ସୁବିଧା ସୁଯୋଗରୁ ବଞ୍ଚିତ ହୋଇ ପଡିଛି। ଏସବୁ ସମସ୍ୟାକୁ ନେଇ ଜନଶକ୍ତି ପାର୍ଟି ଦୀର୍ଘଦିନ ଧରି ଗଣଧାରଣା, ସ୍ମାରକପତ୍ର ପ୍ରଦାନ, ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ନିକଟରେ ଅନଶନ କରିବା ପରେ ପ୍ଲାକାର୍ଡ ଶୋଭାଯାତ୍ରା କରି ଜିଲ୍ଲାବାସୀଙ୍କ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ହାସଲ ପାଇଁ ଆନ୍ଦୋଳନକୁ ଜୋରଦାର କରିଛି। ତିନିମୁହାଣୀ ସ୍ଥିତ କେନ୍ଦ୍ରାପଡା କଲେଜ ଛକରେ ଦଳର ରାଜ୍ୟ ସଭାପତି ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ଦାଶଙ୍କ ନେତୃତ୍ୱରେ ଅନୁଷ୍ଠିତ ପ୍ଲାକାର୍ଡ ଶୋଭାଯାତ୍ରାରେ ପ୍ରଫେସର ନିରଞ୍ଜନ ମଙ୍ଗରାଜ, ଛାତ୍ରନେତା ଅନୁରାଗ ନାୟକ, ଶ୍ରୀତମ କେତନ ଦାସ, ବିଶ୍ୱରଞ୍ଜନ ଦାସ, ଅବଦୁଲ ସରିମ ଖାନ, ଶ୍ରମିକ ନେତା ଅଜୟ ପାତ୍ର, କବିରଞ୍ଜନ ଦଳାଇ, ଶରତ ସାହୁ, ବିବେକ ନାୟକ, ଅନିଲ ନାୟକ, ବିଶ୍ୱରଞ୍ଜନ ପ୍ରତାପ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# କେନ୍ଦୁଝର ରେ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରତିବାଦରେ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ

କେନ୍ଦୁଝର: ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ଏବଂ ଅଘୋଷିତ ବିଜୁଳି କାଟ ଓ ଲୋ-ଭୋଲଟେଜ ପ୍ରତିବାଦରେ କେନ୍ଦୁଝର ସଦର ବ୍ଲକ ଓ ନଗର ମଣ୍ଡଳ ଭାଜପା ପକ୍ଷରୁ ମଙ୍ଗଳବାର ଦିନ ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି । ଓଡିଶା ସରକାର ବିଦ୍ୟୁତ୍ ବଟଂନ କ୍ଷେତ୍ରରେ ସଂସ୍କାର ଆଣିବା ପାଇଁ ବିଗତ ୩୦ ବର୍ଷ ଧରି ବିଭିନ୍ନ ବେସରକାରୀ କମ୍ପାନୀ ମାନଙ୍କୁ ବିଦ୍ୟୁତ୍ ବଟଂନ ଦାୟିତ୍ୱ ଦେଇ ଆସୁଛନ୍ତି । ଏବେ ଟାଟା କମ୍ପାନୀ କୁ ଏହି ଦାୟିତ୍ୱ ଦିଆଯାଇଛି । ଟାଟା କମ୍ପାନୀ ହାତକୁ ବିଦ୍ୟୁତ୍ ବଟଂନ ନ୍ୟସ୍ତ ହେବା ପରେ ସରକାର ବିଦ୍ୟୁତ୍ ଶୁଳ୍କର ବୃଦ୍ଧି କରିଛନ୍ତି । କରୋନା ସମୟରେ ଉପଭୋକ୍ତାଙ୍କ ଉପରେ ଏହା ବୋଝ ଉପରେ ନଳିତା ବିଡା ସଦୃଶ ହୋଇଛି । ଏହାର ପ୍ରତିବାଦରେ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ଉପସ୍ଥିତ ରହି ସଦର ବିଧାୟକ ତଥା ବିରୋଧି ଦଳ ମୁଖ୍ୟ ସଚେତକ ମୋହନ ମାଝୀ ନିଜ ବକ୍ତ୍ୟବରେ ରାଜ୍ୟ ସରକାର ଲୋକଙ୍କ ସ୍ୱାର୍ଥକୁ ବଳି ପକାଇ ଟାଟା କମ୍ପାନୀ ସ୍ୱାର୍ଥରେ କାମ କରୁଛନ୍ତି ବୋଲି ଅଭିଯୋଗ କରିଥିଲେ । ଓଡିଶା ବିଦ୍ୟୁତ୍ ନିୟାମକ ଆୟୋଗ ବିତରଣ କମ୍ପାନୀ ଫାଇଦାରେ କାର୍ଯ୍ୟ କରୁଛନ୍ତି । ରାଜ୍ୟ ସରକାର ତୁରନ୍ତ ବର୍ଦ୍ଧିତ ବିଦ୍ୟୁତ୍ ଶୁଳ୍କ ପ୍ରତ୍ୟାହାର ନକଲେ ଆନ୍ଦୋଳନ ଯୋରଦାର କରାଯିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି । ବିଦ୍ୟୁତ୍ ବଟଂନରେ ଗ୍ରାମାଚଂଳ ପ୍ରତି ଅବିଚାର କରାଯାଉଛି । କେନ୍ଦୁଝର ଜିଲ୍ଲାରେ ଅନେକ ଅଂଚଳରେ ଲୋ-ଭୋଲଟେଜ ସମସ୍ୟା ରହୁଥିବାରୁ ଛାତ୍ରଛାତ୍ରୀମାନେ ପାଠ ପଢିବାରେ ଅସୁବିଧା ହେବା ସହ ଘରେ ବ୍ୟବହାର ହେଉଥିବା ବିଦ୍ୟୁତ ଉପକରଣ ନଷ୍ଟ ହୋଇଯାଉଛି । ସରକାର କେବଳ ବିଦ୍ୟୁତ୍ ଶୁଳ୍କ ଆଦାୟ କରୁଥିବାବେଳେ ବିଦ୍ୟୁତ୍ କାଟକୁ ବନ୍ଦ କରିବା ଏବଂ ୨୪ ଘଂଟିଆ ଅହରହ ବିଜୁଳି ଯୋଗାଇ ଦେବାକୁ ଦାବୀ କରାଯାଇଛି । କୃଷିକ୍ଷେତ୍ର ଓ ଶୀତଳଭଣ୍ଡାର ପାଇଁ ବିଦ୍ୟୁତ୍ ଦେୟରେ ସବସିଡ ଦିଆଯାଉ । ପୁରୁଣା ବକେୟା ଦେୟ ଓ ବିଦ୍ୟୁତ୍ ଉପଭୋକ୍ତାମାନେ ଠିକ୍ ସମୟରେ ଶୁଳ୍କ ପୈଠ କରି ନ ପାରିଲେ ତାଙ୍କ ଉପରେ ଯେପରି ଜୋର ଜୁଲମ କରାଯାଉଛି ତାହା ବନ୍ଦ କରାଯାଉ । ସମୟ ନଦେଇ ବିଦ୍ୟୁତ୍ ସଂଯୋଗ କାଟି ଦିଆଯିବା ଫଳରେ ଉପଭୋକ୍ତା ନାନାଦି ଅସୁବିଧାର ସମ୍ମୁଖିନ୍ନ ହେଉଛନ୍ତି । ସରକାର ଏଥିରେ କୋହଳ କରିବାକୁ ଦାବୀ କରାଯାଇଛି । କରୋନା ମହାମାରୀ ସମୟରେ ବହୁ ଲୋକ ନିଜର ଜୀବନଜୀବିକା ହରାଇଥିବାବେଳେ ସରକାର ଏଥିପ୍ରତି ପଦକ୍ଷେପ ନ ନେଲେ ଦଳ ପୁଣି ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବ ବୋଲି ଶ୍ରୀ ମାଝୀ ଚେତାବନୀ ଦେଇଛନ୍ତି । ରାଲି ଓ ବିକ୍ଷୋଭ ସମାବେଶରେ ସଦର ବିଧାୟକ ମୋହନ ଚରଣ ମାଝୀଙ୍କ ସମେତ ବିଜେପି ଜିଲ୍ଲା ଉପସଭାପତି ଗଣେଶ୍ୱର ମହାନ୍ତ, ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା, ଯୁବ ମୋର୍ଚ୍ଚା ଜିଲ୍ଲା ସଭାପତି ହେମରଞ୍ଜନ ବାରିକ, ଜିଲ୍ଲା ଅଫିସ ସମ୍ପାଦକ ପ୍ରକାଶ ଚନ୍ଦ୍ର ସୂତ୍ରଧର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କିରଣବାଳା ନାୟକ, ଜିଲ୍ଲା ଉପସଭାପତି ଗୋପିନାଥ ରାମ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ବିବେକା ମହାନ୍ତ, ନଗର ମଣ୍ଡଳ ସଭାପତି ବିଶ୍ୱଜିତ୍ ତ୍ରିପାଠୀ, ରାଇସୁଆଁ ମଣ୍ଡଳ ସଭାପତି ବାବୁ ସେଠୀ, ପଳାଶପଙ୍ଗା ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ମହାନ୍ତ, ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ଅକ୍ଷୟ ମହାରଣା, ଓବିସି ମୋର୍ଚ୍ଚା ଜିଲ୍ଲା ସାଧାରଣ ସମ୍ପାଦକ ଧନୁର୍ଜୟ ମହାନ୍ତ, ଜିଲ୍ଲା ଆଦିବାସୀ ସମ୍ପାଦକ ମୋର୍ଚ୍ଚା ଜଗନ୍ନାଥ ମୋଦି, ରତ୍ନମଣୀ ସେଠୀ, ମଞ୍ଜରୀ ମୁର୍ମୁ, ହେମବତୀ ମହାନ୍ତ, ହେମାଙ୍ଗିନୀ . ସରୋଜ ସାହୁ, ପିତାମ୍ବର ମାଝୀ, ରାଜେନ୍ଦ୍ର ପାତ୍ର ପ୍ରମୁଖ ଏହି ଆନ୍ଦୋଳନରେ ସାମିଲ ଥିଲେ । ଶେଷରେ କେନ୍ଦୁଝର ବିଦ୍ୟୁତ୍ ମଣ୍ଡଳ ଅଧିକ୍ଷଣ ଯନ୍ତ୍ରୀ (ବିଦ୍ୟୁତ୍)ଙ୍କ ଜରିଆରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା ।

## ଜମିବାଡି ବିବାଦକୁ ନେଇ ମରଣାନ୍ତକ ଆକ୍ରମଣ ଅଭିଯୋଗ

କେନ୍ଦ୍ରାପଡ଼ା: ଜମିବାଡି ବିବାଦକୁ ନେଇ ମରଣାନ୍ତକ ଆକ୍ରମଣ ହୋଇଥିବା କେନ୍ଦ୍ରାପଡା ସଦର ଥାନାରେ ଅଭିଯୋଗ ହୋଇଛି । ସଦର ଥାନା ଅନ୍ତର୍ଗତ କପାଳେଶ୍ୱର ଗ୍ରାମର ରବିନ୍ଦ୍ର ନାଥ ମହାପାତ୍ର ଅଭିଯୋଗ କରିଛନ୍ତି ଯେ ଜମିବାଡି ବିବାଦକୁ ନେଇ ସେହି ଗ୍ରାମର ବିଷ୍ଣୁ ଚରଣ ମହାପାତ୍ର, କୃଷ୍ଣଚନ୍ଦ୍ର ମହାପାତ୍ର ଓ ରଘୁନାଥ ମହାପାତ୍ରଙ୍କ ପରିବାର ଅନେକ ସମୟରେ ତାଙ୍କୁ ଗାଳିଗୁଲଜ କରିଥାନ୍ତି । କିନ୍ତୁ ମଙ୍ଗଳବାର ଏମାନେ ରବିନ୍ଦ୍ରଙ୍କ ଘର ନିକଟକୁ ଆସି ଅତ୍ୟନ୍ତ ଅଶ୍ଳୀଳ ଭାଷାରେ ରବିନ୍ଦ୍ର ଓ ତାଙ୍କ ପତ୍ନୀଙ୍କୁ ଗାଳିଗୁଲଜ କରିଥିଲେ । ଏଥିସହିତ ରବିନ୍ଦ୍ରଙ୍କ ପତ୍ନୀଙ୍କୁ ଲୁହାରଡ,ଭୂଜାଲି ଓ ଠେଙ୍ଗାରେ ମରଣାନ୍ତକ ଆକ୍ରମଣ କରିଥିଲେ । ରବିନ୍ଦ୍ରଙ୍କ ପତ୍ନୀଙ୍କ ମୁଣ୍ଡରେ ଗଭିର ଆଘାତ ଲାଗିଥିବାରୁ ତାଙ୍କୁ ଜିଲ୍ଲା ମୁଖଳ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଏଣୁ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ରବିନ୍ଦ୍ର ସଦର ଥାନା ଅଧିକାରୀଙ୍କୁ ନିବେଦନ କରିଛନ୍ତି ।

# ରଙ୍ଗ ତୁଳିର ସ୍ପର୍ଶରେ ପଟ୍ଟଚିତ୍ରକୁ ଜୀବନ୍ତ କରିଛନ୍ତି ପ୍ରିୟବ୍ରତ




ରଣପୁର (ପି.ଏନ) ଓଡିଶା ହେଉଛି ଏକ କଳା, ସଂସ୍କୃତି ଓ ଭାସ୍କର୍ଯ୍ୟର ରାଜ୍ୟ । ଏଠି ଜନ୍ମ ନେଇଛନ୍ତି ଅନେକ ପ୍ରଭାବଶାଳୀ ଚିତାକାର । କିଛି ଚିତ୍ରାକାର ଲୋକ ଲୋଚନକୁ ଆସୁଛନ୍ତି ତ ଆଉ କେତେକ ବଣମଲ୍ଲୀ ସଦୃଶ ବଣରେ ମଉଳି ଯାଉଛନ୍ତି । ଏପରି ଜଣେ ପ୍ରତିଭାଶାଳୀ ଯୁବ ଚିତ୍ରକର ହେଉଛନ୍ତି ନୟାଗଡ ଜିଲା ରଣପୁର ଏନ.ଏ.ସି ୧୦ ନମ୍ବର ୱାର୍ଡ ପାଟରା ସାହିର ଘନଶ୍ୟାମ ଗୁରୁଙ୍କ ପୁତ୍ର ପ୍ରିୟବ୍ରତ ଗୁରୁ । ବୟସ ମାତ୍ର ୧୬ ବର୍ଷ । ଯେଉଁ ବୟସରେ ସେ ଖେଳକୁଦରେ ଅତିବାହିତ କରିବା କଥା ସେ ଏହି କୁନି ବୟସରେ ବିଭିନ୍ନ ରଙ୍ଗବେରଙ୍ଗର ନିଖୁଣ ପଟ୍ଟଚିତ୍ର କରୁଛନ୍ତି । ନିଜର ରଙ୍ଗ ତୁଳୀର ସ୍ପର୍ଶରେ ନିର୍ଜିବ ପଟ୍ଟଚିତ୍ରକୁ ଜୀବନ୍ତ କରୁଛନ୍ତି ଏହି ଯୁବ ପ୍ରତିଭା । ଏପର୍ଯ୍ୟନ୍ତ ୩୦ ଶହରୁ ଉର୍ଦ୍ଧ ପଟ୍ଟଚିତ୍ର ସେ ଆଙ୍କି ସାରିଲେଣି । ରଣପୁରର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ମାନଙ୍କର ଚିତ୍ର କରି ସାରା ଅଂଚଳରେ ବେଶ ପ୍ରଶଂସାର ପାତ୍ର ହୋଇପାରିଛନ୍ତି । ପ୍ରିୟବ୍ରତଙ୍କୁ ସରକାରୀ ସହାୟତା ମିଳିଲେ ସେ ଆଗାକୁ ଆହୁରି ଭଲ ଭଲ ପଟ୍ଟଚିତ୍ର କରି ଓଡିଶାର ନାଁ ରଖିବେ ବୋଲି କହିଛନ୍ତି ।

# କେନ୍ଦୁଝରରେ ୨୪ ନୂଆ କରୋନା ପଜିଟିଭ ଚିହ୍ନଟ: ପୁଣି ୩ ମୃତ: ଗୋଟିଏ ଦିନରେ ୨୨୩୬ ଟେଷ୍ଟ

କେନ୍ଦୁଝର: କେନ୍ଦୁଝର ଜିଲ୍ଲାରେ ଆଜି ପୁଣି ୨୪ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଗତ ୨୪ ଘଂଟା ମଧ୍ୟରେ ୨୨୩୬ ଜଣଙ୍କର କରୋନା ଟେଷ୍ଟ ହୋଇଛି । ଆଜି ର ସରକାରୀ ରିପୋର୍ଟରେ ଜିଲ୍ଲାରେ ପୁଣି ୩ ଜଣ କରୋନା ରୋଗୀଙ୍କ ମୃତ୍ୟୁ ହୋଇଥିବା ସୂଚନା ଦିଆଯାଇଛି । ଯଦିଓ ବିଗତ ଦିନରେ କେନ୍ଦୁଝର ରାଙ୍କିସ୍ଥିତ କୋଭିଡ ହସପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ଏକାଧିକ ମୃତ୍ୟୁ ଘଟଣା ସଂପର୍କ ପରଶାସନ ଆଜି ବି ନୀରବ । ଯେଉଥିପାଇଁ ସରକାର ତଥା ପ୍ରଶାସନ କୋଭିଡ ମୃତ୍ୟୁକୁ ଲୁଚାଉଥିବା ଅଭିଯୋଗ ଲାଗି ରହିଛି । କେନ୍ଦୁଝର ଜିଲ୍ଲାରେ ଆଜି ଚିହ୍ନଟ ହୋଇଥିବା ୨୪ କରୋନା ଙ୍କ ମଧ୍ୟରେ ଆନନ୍ଦପୁର ବ୍ଲକ , ହାଟଡିହି ବ୍ଲକ ଓ କେନ୍ଦୁଝର ଗଡ ମ୍ୟୁନିସପାଲଟିରେ ଅଂଚଳରେ ୪ ଜଣ ଲେଖାଁଏ , ଘଷିପୁରା ବ୍ଲକ ଅଂଚଳରେ ୩ ଜଣ , ଆନନ୍ଦପୁର ମ୍ୟୁନିସପାଲଟି ଅଂଚଳରେ ୨ ଜଣ , ଚମ୍ପୁଆ ବ୍ଲକ , ଘଟଗା ବ୍ଲକ , ଯୋଡା ବ୍ଲକ , ଯୋଡା ମ୍ୟୁନିସପାଲଟି , ପାଟଣା ବ୍ଲକ , ସଦର ବ୍ଲକ ଓ ତେଲକୋଇ ବ୍ଲକ ଅଂଚଳରେ ୧ ଜଣ ଲେଖାଁଏ ରହିଛନ୍ତି ।ଅନ୍ୟ ପକ୍ଷରେ ଚିହ୍ନଟଙ୍କ ମଧ୍ୟରେ ଆନନ୍ଦପୁର ବ୍ଲକର ଜଳଶୁଆଁ ଓ କାଠକଟା ପଂଚାୟତ ଅଂଚଳରେ ୧ ଜଣ ଲେଖାଁଏ ଏବଂ କଂଟିପାଳ ପଂଚାୟତ ଅଂଚଳରେ ୨ ଜଣ , ଆନନ୍ଦପୁର ମ୍ୟୁନିସପାଲଟିର ୱାର୍ଡ ନଂ ୬ ରେ ୨ ଜଣ , ଚମ୍ପୁଆ ବ୍ଲକର ରଙ୍ଗମାଟିଆ ପଂଚାୟତ ଅଂଚଳରେ ୧ ଜଣ , ଘଷିପୁରା ବ୍ଲକର ବଳରାମପୁର , ବାତୋ , ଗୋଁ ପଂଚାୟତ ଅଂଚଳରେ ୧ ଜଣ ଲେଖାଁଏ , ଘଟଗାଁ ବ୍ଲକର ମୁକ୍ତାପର ପଂଚାୟତ ଅଂଚଳରେ ୧ ଜଣ , ହାଟଡିହି ବ୍ଲକ ର ଅଂରା ପଂଚାୟତ ଅଂଚଳରେ ୨ ଜଣ ଏବଂ ଗେଡମା ଓ ମରେଇଗାଁ ପଂଚାୟତ ଅଂଚଳରେ ୧ ଜଣ ଲେଖାଁଏ , ଯୋଡା ବ୍ଲକର କଣ୍ଡରା ପଂଚାୟତ ଅଂଚଳରେ ୧ ଜଣ , ଯୋଡା ମ୍ୟୁନିସପାଲଟି ର ୱାର୍ଡ ନଂ ୩ ରେ ୧ ଜଣ , କେନ୍ଦୁଝର ଗଡ ମ୍ୟୁନିସପାଲଟି ର ୱାର୍ଡ ନଂ ୧୩ ରେ ୩ ଜଣ ଓ ୱାର୍ଡ ନଂ ୧୫ ରେ ୧ ଜଣ , ପାଟଣା ବ୍ଲକର ଚିନାମାଳିପଶି ପଂଚାୟତ ଅଂଚଳରେ ୧ ଜଣ , କେନ୍ଦୁଝର ସଦର ବ୍ଲକର ଡିମ୍ବୋ ପଂଚାୟତ ଅଂଚଳରେ ୧ ଜଣ , ତେଲକୋଇ ବ୍ଲକର ଦୁବୁଲାବେଡା ପଂଚାୟତ ଅଂଚଳରେ ୧ ଜଣ ରହିଛନ୍ତି । ଫଳରେ ଜିଲ୍ଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨ ଲକ୍ଷ ୦୦୦୮୨ ରେ ପହଂଚିଥିବା ବେଳେ ଇତି ମଧ୍ୟରେ ୧୯ ହଜାର ୭୩୨ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ଜିଲ୍ଲାରେ ଏବେ ଆକ୍ଟିଭ କେଶ ୨୫୫ ରହିଥିବା ବେଳେ ଆଜିର ୩ ଜଣଙ୍କ ମୃତ୍ୟୁକୁ ମିଶାଇ ଜିଲ୍ଲାରେ ସର୍ବମୋଟ ମୃତ୍ୟୁ ସଂଖ୍ୟା ୯୫ ରେ ପହଂଚିଅଛି ।

## ଶ୍ରୀ ସୁଦର୍ଶନ ଦାରୁ ପୀଠରେ ଚତୁର୍ଦ୍ଧା ମୁରତୀଙ୍କ ସୁନା ବେଶ



ବାଲିଅନ୍ତା : ବାଲିଅନ୍ତା ବ୍ଲକର ଅନ୍ତର୍ଗତ ଉମାଦେଇବ୍ରହ୍ମପୁର ଗ୍ରାମ ପଂଚାୟତର ଗଡକଣ୍ଟୁଣିଆ ଠାରେ ଶ୍ରୀ ସୁଦର୍ଶନ ଦାରୁ ପୀଠରେ ପ୍ରତି ବର୍ଷ ଭଳି ଚଳିତ ବର୍ଷ ମହାପ୍ରଭୁ ଚତୁର୍ଦ୍ଧା ମୁରତୀଙ୍କର ସୁନା ବେଶ ବିନା ଭକ୍ତମାନଙ୍କ ଆଗମନରେ କେବଳ ରୀତି ନୀତିରେ ଅପରାହ୍ନ ୪ ଘଟିକାରେ ସୁନା ବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରକାଶ ଥାଉ କି ନବକଳେ ବର -୨୦୧୫ ମସିହାରେ ଏହି ପୀଠରୁ ପ୍ରଥମେ ଦଇତା ପତିମାନଙ୍କ ଦ୍ୱାରା ଶ୍ରୀ ସୁଦର୍ଶନ ଦାରୁ ଚିହ୍ନଟ କରାଯାଇ ଯଜ୍ଞ ସହିତ ସମସ୍ତ ପୂଜା ଅର୍ଚ୍ଚନା କରାଯାଇ ଦାରୁ ଛେଦନ କରାଯାଇଥିଲା । କିଛି ଦିନ ପରେ ଶ୍ରୀ ମନ୍ଦିର ପ୍ରଶାସନ ତରଫରୁ ଦାରୁ ପୀଠକୁ ଜନ ମାନସରେ ସ୍ମାରକୀ ରୂପେ ୫ଲକ୍ଷ ଟଙ୍କା ସହିତ ମା ସୁଭଦ୍ରାଙ୍କ ରଥର ଏକ ଚକ ପ୍ରଦାନ କରିଥିଲେ । ଦାରୁ ଚିହ୍ନଟ ସ୍ଥଳରେ କିଛି ବରଦାନ୍ୟ ବ୍ୟକ୍ତି ବିଶେଷଙ୍କ ନିଜର ଜମିକୁ ସ୍ୱଚ୍ଛାକୃତ ଉଦାର ହୃଦୟରେ ମନ୍ଦିର ନିର୍ମାଣ ପାଇଁ ଦାନ କରିଛନ୍ତି । ସ୍ଥାନୀୟ ଅଂଚଳବାସୀ, ବୁଦ୍ଧିଜୀବି ଓ ଜଗନ୍ନାଥ ଶ୍ରଦ୍ଧାଳୁଙ୍କ ସହଯୋଗରେ ଭବ୍ୟ ମନ୍ଦିର ନିର୍ମାଣ ପାଇଁ ଶ୍ରୀ ଶ୍ରୀ ସୁଦର୍ଶନ ଦାରୁବ୍ରହ୍ମ ନାମରେ ଏକ ଟ୍ରଷ୍ଟ୍ ଗଠନ କରାଯାଇ ମନ୍ଦିର ନିର୍ମାଣ କାର୍ଯ୍ୟ ଚାଲୁ ରହିବା ସହିତ ଠାକୁରଙ୍କ ଦୈନିକ ରୀତି ନୀତି ପୂଜା ଅର୍ଚ୍ଚନା କାର୍ଯ୍ୟ ସମ୍ପାଦନା ଚାଲୁ ରହିଅଛି । ଏହି ପବିତ୍ର ପୀଠଟି ଭୁବନେଶ୍ୱର ଉପକଣ୍ଠରେ ଅବସ୍ଥିତ ହୋଇଥିବାରୁ । ମନ୍ଦିରର ପରିସରରେ ଏକ ଔଷଧୀୟ ଉଦ୍ୟାନ, ଜଗନ୍ନାଥଙ୍କ ସମ୍ପର୍କିତ ଲାଇବେରି, ଆଶୁଚିକିତ୍ସା ନିମିତ ଚିକିତ୍ସାଳୟ ଓ ପିଲାମାନଙ୍କ ପାଇଁ ଉଦ୍ୟାନ ନିର୍ମାଣ ବ୍ୟବସ୍ଥା କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି । ସମସ୍ତ ଜନସାଧାରଣ ସହଯୋଗ ପାଇଁ ଟ୍ରଷ୍ଟ ତରଫରୁ ଅନୁରୋଧ କରାଯାଇଛି ।

## ବାଲିଅନ୍ତା ଅଂଚଳରେ ଜଳ ସମସ୍ୟା ଚାଷ କାର୍ଯ୍ୟ ବାଧାପ୍ରାପ୍ତ

ବାଲିଅନ୍ତା : ବାଲିଅନ୍ତା ବ୍ଲକ ଅନ୍ତର୍ଗତ ବିଭିନ୍ନ ପଂଚାୟତରେ ଦେଖିବାକୁ ମିଳିଛି ଚାଷ କାର୍ଯ୍ୟ ପାଇଁ ଜଳ ସମସ୍ୟା । ବର୍ତ୍ତମାନ ମୈସୁମୀ ବର୍ଷାର ଅଭାବ ହେତୁ ଚାଷୀ ଭାଇ ମାନେ ଧାନ କ୍ଷେତ୍ରରେ ପକାଇ ଥିବା ତଳି ଗୁଡିକ ଖରାରେ ଜଳି ଗଲାଣିତ ସ୍ଥାନେ ସ୍ଥାନେ ମାଟି ଫାଟି ଆଁ କଲାଣି । ଏହି ଚାଷ କାର୍ଯ୍ୟ ଗୁଡିକୁ ପାଣି ପାଇଁ ପୁରୀ ମୁଖ୍ୟ କେନାଲ ଉପରେ ନିର୍ଭର କରି ତାର ଶାଖା କେନାଲ ଗୁଡିକ ସାହାର୍ଯ୍ୟରେ ପାଣି ଚାଷଜମିକୁ ମଡାଇ ଚାଷ କାର୍ଯ୍ୟ କରନ୍ତି । କିନ୍ତୁ ଚଳିତ ବର୍ଷ ବର୍ଷାର ଅଭାବ ହେତୁ ଚାଷ କାମରେ ବାଧାପ୍ରାପ୍ତ ହେଇଥିବା ଦେଖିବାକୁ ମିଳୁଛି । ଏପଟେ କିନ୍ତୁ ପାଣି ପଂଚାୟତ ମାଧ୍ୟମରେ ହେଉଥିବା ମାଇନର୍ କେନାଲ୍ ଗୁଡିକ ସଫେଇ କାର୍ଯ୍ୟ ହେଉନାହିଁ । ଯାହାଫଳରେ ଚାଷଜମିରେ ପାଣି ମାଡିବାରେ ସମସ୍ୟା ଉପୁଜିବ ଏହି ସମସ୍ୟା ଉପରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଚାଷୀକୁଳ ପକ୍ଷରୁ ଦାବି ହେଇଛି ।

## ଗଜପତି ଜିଲ୍ଲାରେ ୨୭୯୨ କରୋନା ଆକ୍ରାନ୍ତ ସୁସ୍ଥ ହେଲେଣି

ପାରଳାଖେମୁଣ୍ଡି, (ପିଏନ)- ଗଜପତି ଜିଲ୍ଲାକୁ ସେପ୍ଟେମ୍ବର ୩ ତାରିଖ ସୁଦ୍ଧା ୧୫ ହଜାର ୮୧୯ ଜଣ ପ୍ରବାସୀ ଫେରିଛନ୍ତି । ସମ୍ପ୍ରତି ଜିଲ୍ଲାରେ ୧୨ଟି ଅସ୍ଥାୟୀ କ୍ୱାରେଂଟାଇନ ସେଂଟର କାର୍ଯ୍ୟ କରୁଛି । ୧୦୭ ଜଣ ବର୍ତ୍ତମାନ ବିଭିନ୍ନ କ୍ୱାରେଂଟାଇନ ସେଂଟରରେ ରହୁଛନ୍ତି । ୧୫ ହଜାର ୭୧୨ ଜଣ ବିଭିନ୍ନ କ୍ୱାରେଂଟାଇନ ସେଂଟରରେ ରହି ସାରିଛନ୍ତି । ସେହିପରି ୧୪ ହଜାର ୩୬୮ ଜଣ ନିଜ ନିଜର କ୍ୱାରେଂଟାଇନ ଅବଧି ଶେଷ କରିବା ପରେ ସେମାନଙ୍କୁ ୨୦୦୦ ଟଙ୍କା ଲେଖାଏଁ ସରକାରୀ ସହାୟତା ପ୍ରଦାନ କରାଯାଇଛି । ୨୫୮୮୭ ଜଣଙ୍କ ସ୍ୱାବ୍ ନମୂନା ସଂଗ୍ରହ କରାଯାଇ ପରୀକ୍ଷା ନିମନ୍ତେ ପଠାଯାଇଛି । ୨୫୬୪୩ ଜଣଙ୍କ ରିପୋର୍ଟ ହସ୍ତଗତ ହୋଇଛି । ସେପ୍ଟେମ୍ବର ୩ ତାରିଖ ସୁଦ୍ଧା ଜିଲ୍ଲାରେ ମୋଟ୍ ପଜିଟିଭ୍ କେସ୍ ସଂଖ୍ୟା ୨୯୧୦ ରହିଛି । ୮୨ ଜଣ ବିଭିନ୍ନ କୋଭିଡ୍ ହସ୍ପିଟାଲ ଓ କୋଭିଡ୍ କେୟାର୍ ସେଂଟରରେ ଚିକିତ୍ସାଧିନ ରହିଛନ୍ତି । ୧୭ ଜଣ ହୋମ୍ ଆଇସୋଲେସନରେ ରହିଛନ୍ତି । ୨୭୯୨ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଥିବା ଜିଲ୍ଲା ପ୍ରଶାସନ ସୂତ୍ରରୁ ସୂଚନା ମିଳିଛି । ଅନୁରୂପ ଭାବେ ଜିଲ୍ଲାରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୧୮ ରହିଛି ।

## ଇଦ-ଉଲ-ଜୁହା ଉପଲକ୍ଷେ ସମାଜସେବୀ ଇମ୍ତିଆଜ ଅଲ୍ଲୀଙ୍କ ଶୁଭେଚ୍ଛା

କେନ୍ଦ୍ରାପଡ଼ା: ମୁସଲମାନ ଭାଇଭଉଣୀମାନଙ୍କ ପର୍ବ ଇଦ-ଉଲ-ଜୁହା ଉପଲକ୍ଷେ କେନ୍ଦ୍ରାପଡା ସହରର ବିଶିଷ୍ଟ ସମାଜସେବୀ ତଥା ବ୍ୟବସାୟୀ ଇମ୍ତିଆଜ ଅଲ୍ଲୀ ଏକ ବାର୍ତ୍ତାଦେଇ କହିଛନ୍ତି ଯେ ଏହି ପର୍ବ ସାମାଜିକ ଓ ଭାଇଚାରାର ପର୍ବ ଯାହା ଆମ ଭିତରେ ଏକତା ସୃଷ୍ଟି କରିଥାଏ । ମୁସଲମାନ ଭାଇଭଉଣୀମାନେ କରୋନା କଟକଣା ମାନି ଏହି ପର୍ବକୁ ପାଳନ କରିବାକୁ ପରାମର୍ଶ ଦେଇଛନ୍ତି । ଆମ ସମସ୍ତଙ୍କ ପାଇଁ ଏହି ପର୍ବ ଖୁସି ଆଣିଦେଉ ଓ ଭାଇଚାରାକୁ ଅକ୍ଷୁର୍ଣ୍ଣ ରଖୁ ବୋଲି ଆଶାବ୍ୟକ୍ତ କରିଛନ୍ତି । ଆମେ ସମସ୍ତେ ସମାଜର ମଙ୍ଗଳ ପାଇଁ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଛନ୍ତି ।

## ହତ୍ୟାକାଣ୍ଡ ଅଭିଯୁକ୍ତଙ୍କ ଗୁଣ୍ଡାରାଜରେ ଲୋକେ ଅତିଷ୍ଠ

ଧର୍ମଶାଳା:ଗୋଟିଏ ହତ୍ୟାକାଣ୍ଡ ଅଭିଯୋଗରେ ଅଭିଯୁକ୍ତ ଥାଇ ଜେଲ କାଟି ଗାଁକୁ ଫେରିଥିବା ବ୍ୟକ୍ତିଙ୍କ ଗୁଣ୍ଡାରାଜରେ ଗାଁରେ ଲୋକେ ଅତିଷ୍ଠ ହୋଇ ପଡିଛନ୍ତି । ଏହି ବ୍ୟକ୍ତିଙ୍କ ଗୁଣ୍ଡାରାଜ ନେଇ ଯାଜପୁର ଜିଲ୍ଲାର ଜେନାପୁର ଥାନାରେ ପରସ୍ପର ବିରୋଧୀ ଦୁଇଟି ଏତଲା ରୁଜୁ ହୋଇଛି ।ଖବରରୁ ପ୍ରକାଶ, ଯାଜପୁର ଜିଲ୍ଲାର ଜେନାପୁର ଥାନା ଅନ୍ତର୍ଗତ ଚାରଗୋଠ ଗ୍ରାମର ଜଣେ ବ୍ୟକ୍ତି କିଛି ଦିନ ପୂର୍ବେ ନିକଟସ୍ଥ ରାମଚନ୍ଦ୍ରପୁର ଗ୍ରାମର ନବଘନ ଓଝା ନାମକ ଜଣେ ବ୍ୟକ୍ତିଙ୍କୁ ହାତ ହାଣି ଦେବା ପରେ ନବଘନଙ୍କର କିଛି ଦିନ ପରେ ମୃତ୍ୟୁ ହୋଇଥିଲା । ହେଲେ ମୃତ ନବଘନଙ୍କ ପରିବାର ବର୍ଗ ଅତ୍ୟନ୍ତ ଦୟନୀୟ ଜୀବନ କାଟୁ ଥିବାରୁ ସେମାନେ ଏହି ନିର୍ମମ ଘଟଣା ନେଇ କୋର୍ଟରେ ମଧ୍ୟ ଠିକଭାବରେ ଲଢେଇ କରି ପାରି ନଥିଲେ । ଏହାର ସୁଯୋଗରେ ଏହି ଘଟଣାରେ ଚାରଗୋଠ ଗ୍ରାମର ଜନୈକ ଅଭିଯୁକ୍ତ ସଂପୂର୍ଣ୍ଣ ଜେଲ ଦଣ୍ଡ ନ ଭୋଗି ଗାଁ କୁ ଫେରିଛନ୍ତି । ଏହାପରେ ଏହି ବ୍ୟକ୍ତି ଜଣକ ବିଭିନ୍ନ ସମୟରେ ଗାଁର ଅନ୍ୟମାନଙ୍କୁ ମଧ୍ୟ ଏହିପରି ହତ୍ୟା କରିବାର ଧମକ ଦେଉଛନ୍ତି । ଗତ ଜୁନ ୬ ତାରିଖରେ ତାଙ୍କର ପଡିଶା ତଥା ବରିଷ୍ଠ ନାଗରିକ ଧରଣୀଧର ରାଉତଙ୍କ ଜମିକୁ ଜୋର ଜବରଦସ୍ତ କରି ଦଖଲ କରିବା ସହ ଧରଣୀଧରଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଏପରିକି କିଛି ମହିଳାମାନେ ଧରଣୀଧରଙ୍କୁ ତଳେ ପକାଇ ଅତି ଦୟନୀୟ ଭାବେ ମାଡ ମାରିଥିଲେ ।ପରେ ଉଭୟଙ୍କ ମଧ୍ୟରେ ମାଡ ପିଟ ହୋଇ ଉଭୟ ପକ୍ଷରୁ ଆହତ ହୋଇଥିଲେ । ଏଥିନେଇ ଉଭୟ ପକ୍ଷରୁ ଥାନାରେ ଦୁଇଟି ପୃଥକ ପୃଥକ ମାମଲା ରୁଜୁ ହୋଇଛି ।

# ଫୋନଟ୍ୟାପିଂ ମାମଲାରେ କଂଗ୍ରେସ ପ୍ରତିନିଧି ଦଳ ମାନ୍ୟବର ଉଚ୍ଚତମ ନ୍ୟାୟଳୟ ଦ୍ୱାରା ବିଚାର ବିଭାଗୀୟ ତଦନ୍ତ ଦାବି କରି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କଲେ




ଭୁବନେଶ୍ୱର : ପେଗାସସ, ସ୍ପାୟୱେର ଦ୍ୱାରା କଂଗ୍ରେସ ଦଳର ନେତୃବୃନ୍ଦ ପୂର୍ବତନ ସର୍ବଭାରତୀୟ କଂଗ୍ରେସ ସଭାପତି ତଥା ସାଂସଦ ଶ୍ରୀ ରାହୁଲ ଗାନ୍ଧୀଙ୍କର ଫୋନ, ଭାରତ ବର୍ଷର ପୂର୍ବତନ ମୁଖ୍ୟ ନ୍ୟାୟଳୟର ମୁଖ ନ୍ୟାୟଧୀଷ, ବିରୋଧି ଦଳର ତୃଙ୍ଗ ନେତୃବର୍ଗ, ଭାରତ ବର୍ଷର ନିର୍ବାଚନ ଆୟୋଗର ଅଧିକାରୀ ବୃନ୍ଦ, ବିଶିଷ୍ଟ ସାମାଜିକ କର୍ମୀ, ବରିଷ୍ଠ ସାମ୍ବାଦିକ କେନ୍ଦ୍ର ସରକାରଙ୍କର ବର୍ତ୍ତମାନର କିଛି ମନ୍ତ୍ରୀ ମାନଙ୍କର ତଥା ପୂର୍ବତନ ସାମରିକ ଅଧିକାରୀ ବୃନ୍ଦ, ବିଶିଷ୍ଟ ଓକିଲ, ସାମାର୍ଜିକ କର୍ମୀ, ରାଜନୈତିକ ବ୍ୟକ୍ତିବିଶେଷ, ବିରୋଧିଦଳର ନେତୃବୃନ୍ଦ ଏମାନଙ୍କର ଫୋନକୁ ୨୦୧୯ ମସିହା ସାଧାରଣ ନିର୍ବାଚନର ବହୁପୂର୍ବରୁ ବେଆଇନ ଭାବରେ ଟ୍ୟାପିଂ କରାଯାଉଥିଲା । ଏହାଦ୍ୱାରା ସେମାନଙ୍କର ସମସ୍ତ କଥାବାର୍ତ୍ତା ଗତିବିଧି ଓ କାର୍ଯ୍ୟକଳାପ ଉପରେ କେନ୍ଦ୍ରରେ ନରେନ୍ଦ୍ର ମୋଦୀଙ୍କ ସରକାର ଏବଂ ଆଜିର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଦ୍ୱାରା ଏହା ନିୟନ୍ତ୍ରିତ ହେଉଥିଲା । ଭାରତୀୟ ସମ୍ବିଧାନର ଧାରା ୨୧ ଏହାର ଖୁଲମ ଖୁଲା ଉଲଙ୍ଘନ କରାଯାଇ ଜଣେ ବ୍ୟକ୍ତିର ତାର ଯେଉଁ ସ୍ୱାଧୀନତା ଏବଂ ଜୀବନ ବଂଚିବାର ଯେଉଁ ଅଧିକାର ତାକୁ କେଉଁଠି ନା କେଉଁଠି ଏ ସରକାର ଖୋଦ ଆଜିର ଗୃହମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀ ନିୟନ୍ତ୍ରିତ କରିବା ସହିତ ନିଜର ରାଜନୈତିକ ଫାଇଦା ହାସଲ କରିବାରେ ଲାଗିଥିଲେ । କଂଗ୍ରେସ ଦଳ ଏହି ଫୋନ ଟ୍ୟାପିଂକୁ ଦୃଢ଼ ଭାବରେ ନିନ୍ଦା କରିବା ସହିତ ଏଭଳି କାର୍ଯ୍ୟକଳାପ ଦେଶଦ୍ରୋହ କାର୍ଯ୍ୟ ସହିତ ସମାନ । ଯେହେତୁ ଇଜରାଇଲ କମ୍ପାନୀ ଏନ୍ଏସ୍ଓ ସିଧାସଳଖ କହିଛି ଯେ ସେ କେବଳ ଏକ ଦେଶର ସରକାରଙ୍କ ସହିତ କାମକରନ୍ତି ଏବଂ ସରକାରଙ୍କୁ ଏହି ତାଙ୍କର ସ୍ପାଇୱେରକୁ ବିକ୍ରି କରନ୍ତି । ଏଥିରୁ ସ୍ପଷ୍ଟ ପ୍ରମାଣିତ ଏ ଗୁପ୍ତଫୋନ ଟ୍ୟାପିଂ କାର୍ଯ୍ୟକଳାପରେ ଭାରତ ସରକାର ଅର୍ଥାତ ନରେନ୍ଦ୍ର ମୋଦି ସରକାର ନିଜେହିଁ କରିଛନ୍ତି । ତେଣୁ ଏହା ଏକ ରାଷ୍ଟ୍ରଦ୍ରୋହ ଅପରାଧ । ତେଣୁ କଂଗ୍ରେସ ଦଳ ଦାବି କରୁଛି କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହାଙ୍କ ବିରୁଦ୍ଧରେ ତୁରନ୍ତ ରାଷ୍ଟ୍ରଦୋହ ମାମଲା ରୁଜୁ କରାଯାଉ ଓ ସେ ତୁରନ୍ତ ତାଙ୍କ ପଦବୀରୁ ଇସ୍ତଫା ଦିଅନ୍ତୁ । ପ୍ରଧାନମନ୍ତ୍ରୀଙ୍କର ବିନା ସହମତି ଓ ସହଯୋଗରେ ଏଭଳି ଗୁପ୍ତରେ ଏହି ବିଶିଷ୍ଟ ବ୍ୟକ୍ତିମାନଙ୍କର ଫୋନ ଟ୍ୟାପିଂ ହେଉଥିଲା ତାହା କେବେ ବିଶ୍ୱାସ କରିହେଉନାହିଁ । ଖୋଦ ପ୍ରଧାନମନ୍ତ୍ରୀଙ୍କର ଏଭଳି କାର୍ଯ୍ୟକଳାପ ପ୍ରଧାନମନ୍ତ୍ରୀଙ୍କ ପଦବୀର ଅପବ୍ୟବହାର ସହିତ ପ୍ରଧାନମନ୍ତ୍ରୀ ଯେଉଁ ଶପଥପାଠ କରିଥିଲେ ତାହାର ମଧ ଘୋର ବିରୋଧ ହେଉଛି । ଏହି ଅବସରରେ ସର୍ବଭାରତୀୟ ଜାତୀୟ କଂଗ୍ରେସ ନିଷ୍ପତିକ୍ରମେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀଯୁକ୍ତ ନିରନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଏକ ପ୍ରତିନିଧି ଦଳ ମହାମହୀମ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦେଶ କଂଗ୍ରେସର କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀଙ୍କ ନେତୃତ୍ୱରେ ବରିଷ୍ଠ କଂଗ୍ରେସ ନେତା ତଥା ବିଧାୟକ ଶ୍ରୀ ସୁରେଶ କୁମାର ରାଉତରାୟ, ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ, ରାମଚନ୍ଦ୍ର ଖୁଂଟିଆ, ପିସିସି ଗଣମାଧ୍ୟମ କମିଟିର ଅଧ୍ୟକ୍ଷ ଗଣେଶ୍ୱର ବେହେରା, ଦେବାଶିଷ ପଟ୍ଟନାୟକ, ସ୍ମୃତିରନ ଲେଙ୍କା, ଯାସିର ନୱାଜ, ଶିବାନନ୍ଦ ରାୟ, ଯଜ୍ଞେଶ୍ୱର ବାବୁ, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶ, ଜାନକୀ ବଲ୍ଲଭ ପଟ୍ଟନାୟକ, ମନୋରନ ଦାଶ, ଡ. ଗୋବିନ୍ଦ ଭୂୟାଁ, ମନୋଜ ମହାପାତ୍ର, ସସ୍ମିତା ବେହେରା, ରଜନୀ ମହାନ୍ତି, ପଦ୍ମାକର ଗୁରୁ, ଦୀପକ ମହାପାତ୍ର, ଅଶୋକ ଦାଶ ଓ ଅନ୍ୟ କଂଗ୍ରେସ କର୍ମୀମାନେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ ।

## ଭୁବନ ସିଏଚସିରେ ଆଜି ୬୧ ଜଣଙ୍କ ଆଂଟିଜେନ ଟେଷ୍ଟ

ଭୁବନ, (ପିଏନ) – ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ୧୧ ତାରିଖ ମଙ୍ଗଳବାର ଠାରୁ ଆଂଟିଜେନ ଟେଷ୍ଟିଂ ଆରମ୍ଭ ହୋଇଥିବା ବେଳେ ଆଜି ସମୁଦାୟ ୬୧ ଜଣ ବ୍ୟକ୍ତି ଟେଷ୍ଟିଂ କରିଥିଲେ । ତେବେ ଆଜି ସୁଦ୍ଧା ୧୪୮୪ ଜଣ ବ୍ୟକ୍ତି ଆଂଟିଜେନ ଟେଷ୍ଟ କରିଥିବା ଜଣାପଡିଛି । ଭୁବନ ଏନଏସିରେ ଦିନକୁ ଦିନ ଥଣ୍ଡା, କାଶ, ଜ୍ୱର ସହିତ କରୋନା ସଂକ୍ରମିତ(ପଜିଟିଭ)ଙ୍କ ସଂଖ୍ୟା ବୃଦ୍ଧି ପାଇ ପାଖାପାଖି ୫ଶହରେ ପହଁଚିଥିବାରୁ ଲୋକମାନେ ନିଜର ସ୍ୱାସ୍ଥ୍ୟରକ୍ଷା ଓ ସୁରକ୍ଷା ପାଇଁ ଅଧିକରୁ ଅଧିକ ସଂଖ୍ୟାରେ ଆଂଟିଜେନ ଟେଷ୍ଟ କରିବାକୁ ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ବରାଳ ନିବେଦନ କରିଛନ୍ତି ।

## ପୁଅ ଝିଅଙ୍କୁ କୂଅରେ ପକାଇ ମାଆର ଆତ୍ମହତ୍ୟା ଉଦ୍ୟମ

କନ୍ଧମାଳ: ଶିଶୁ ମୃତ୍ୟୁ ମାମଲାରେ ପୁଲିସର ଛାନଭିନ ଜାରିରହିଛି । କନ୍ଧମାଳ ଜିଲ୍ଲା ରାଇକିଆରେ ଶନିବାର ଘଟିଥିବା ଅତ୍ୟନ୍ତ ବିରଳ ଓ ହୃଦୟବିଦାରକ ଘଟଣାର ମୂଖ୍ୟ ସଂଦିଗ୍ଧ ମୃତ ୨ ଶିଶୁଙ୍କ ମାଆ ଭାଗ୍ୟଲକ୍ଷ୍ମୀଙ୍କୁ ନେଇ ସଂପୂର୍ଣ ଘଟଣାର ଡେମୋ କରିବାକୁ କହିଛି ପୁଲିସ । ଆଲିମାହା ଗାଁ ନିକଟସ୍ଥ କୂଅକୁ ନେଇ ସଂପୂର୍ଣ ଘଟଣାକ୍ରମର ଡେମୋ କରିଥିବା ବେଳେ ଶିଶୁଙ୍କ ବାପା ରାଜେଶ ଏବଂ ଏତଲାକାରୀ ମାମୁଁଙ୍କ ସମେତ ଗ୍ରାମବାସୀ ଓ ସ୍ଥାନୀୟ ଲୋକେ ମଧ୍ୟ ଉପସ୍ଥିତ ଥିଲେ । ପରେ ପରେ ସ୍ଥାନୀୟ ଗ୍ରାମବାସୀ, ତଥା କର୍ଥିତ ଉଦ୍ଧାରକାରୀ, ଦମକଳକୁ ସୂଚନାଦାତା,ପ୍ରତ୍ୟକ୍ଷ୍ୟ ଓ ପ୍ରଥମେ ଦେଖିବାକୁ ବ୍ୟକ୍ତି ସମେତ ଅନ୍ୟାନ୍ୟ କେତେକ ଲୋକଙ୍କୁ ଜେରା କରିଛି ପୁଲିସ । ସେମାନଙ୍କ ବୟାନ ମଧ୍ୟ ରେକର୍ଡ କରାଯାଇଛି । ପରେ ପରେ ରାଜେଶଙ୍କ ଘରକୁ ଯାଇ ତନ୍ନ ତନ୍ନ କରି ଯାଂଚ କରିଛି । ମୃତ ଶିଶୁ ଦ୍ୱୟଙ୍କ ମାଆଙ୍କ ବୟାନରେ ତାଳମେଳ ରହୁନଥିବା ବେଳେ ଅନ୍ୟ କେତେକ ବୟାନ ମଧ୍ୟ ସନ୍ଦେହ ଘେରକୁ ଆସିଛି । ଏହା ସହିତ କିଛି ସମୟ ତଦନ୍ତକାରୀ ଅଧିକାରୀ ଉଭୟ ସ୍ୱାମୀ ସ୍ତ୍ରୀ ଏବଂ ଶଳାଙ୍କୁ ପଚରା ଉଚୁରା କରିଛନ୍ତି । କିନ୍ତୁ ପରିସ୍ଥିତି ଦୃଷ୍ଟିରୁ ଅଧିକ ପଚରା ଉଚୁରା କରାଯାଇ ନାହିଁ । ଅନେକ କିଛି ସନ୍ଦେହ ଘେରକୁ ଆସିଥିବା କୁହାଯାଉଛି । ବଡ ଝିଅର ମୃତ୍ୟୁ ସମ୍ଭବତଃ ପ୍ରଥମେ ଏବଂ ଶୁକ୍ରବାର ବିଳମ୍ବିତ ରାତି ସୁଦ୍ଧା ହୋଇଯାଇଥିବା ଗ୍ରାମବାସୀ ସନ୍ଦେହ କରୁଛନ୍ତି । କାରଣ ସକାଳେ ଉଦ୍ଧାର କରିବା ବେଳେ ଶବ କୁଅରେ ଭାସୁଥିଲା । ସାନ ପୁଅର କିନ୍ତୁ କୁଅ ତଳେ ଥିବା ଉଦ୍ଧାରକାରୀ ଓ ଗ୍ରାମବାସୀ କହିଛନ୍ତି । ସେଥିପାଇଁ ସେମାନଙ୍କ ମୃତ୍ୟୁ ଏକ ସଙ୍ଗେ ହୋଇନାହିଁ ବୋଲି ସ୍ଥାନୀୟ ଲୋକେ ବିଶ୍ୱାସ କରୁଛନ୍ତି । ତେବେ ଅଲିମାହା ଗାଁରୁ ପ୍ରାୟ କିଲୋମିଟର ଦୂରରେ ଘଂଚ ଜଂଗଲ ମଧ୍ୟରେ କୂଅର ଅବସ୍ଥିତି ରହିଥିବା ବେଳେ ନିର୍ଜନ ଓ ଅନ୍ଧକାର ରାତିରେ ସେ କିପରି ଏହି ସ୍ଥାନରେ ପହଂଚିଲେ ବୋଲି ସନ୍ଦେହ ବ୍ୟକ୍ତ କରିଛନ୍ତି ସ୍ଥାନୀୟ ଲୋକେ ।

# ଘୁଉଦୟଗିରି ଥାନା ପୋଲିସ ଜବତ କଲା ୫୦ କିଗ୍ରା ଗଞ୍ଜେଇ ଜଣେ ଗିରଫ

### ୨୫୦ ଲିଟର ମଦ ଜବତ ଓ ୨୦୦ ଲିଟର ପୋଚ ନଷ୍ଟ ଜଣେ ଗିରଫ

କନ୍ଧମାଳ,(ପିଏନ)- ଜିଲ୍ଲାରେ ବହୁମାତ୍ରରେ ଚୋରା ଗଞ୍ଜେଇ ଚାଲାଣ ହେବା ସହିତ ଦେଶୀ ମଦର କାରବାର ମଧ୍ୟ ବଢିବାରେ ଲାଗିଛି । ଏହାକୁ ଦୃଢ ଭାବରେ ରୋକିବାପାଇଁ କନ୍ଧମାଳ ଏସପି ଭିଡିନ୍ ଅଗ୍ରୱାଲ ଜିଲ୍ଲାର ସମସ୍ତ ଥାନାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହାର ପରିଣାମ ସ୍ୱାରୁପ ଆଜି କନ୍ଧମାଳ ଜିଲ୍ଲା ଘୁ.ଉଦୟଗିରି ଥାନା ପୋଲିସ ଏକ ହୋଣ୍ଡା ସିଟି କାର ଭିତରୁ ୫୦ କିଗ୍ରା ଗଞ୍ଜେଇ ଜବତ କରିବାସହିତ ଜଣେ ଚାଲାଣକାରୀକୁ ଗିରଫ କରିଛି ପୋଲିସ । ଏହି ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇବାପରେ ପୋଲିସ ଚଢାଉ କରି ଏହି ଗଞ୍ଜେଇ ଜବତ କରିଛି । ଏହି ସଂକ୍ରାନ୍ତରେ ପୋଲିସ ଏକ ମାମଲା ୭୧/୨୦୨୦ ରୁଜୁ କରି ଜଣେ ଅଭିଯୁକ୍ତ ଫିରିଙ୍ଗିଆ ଅଂଚଳର ନାରାୟଣ ରଣାକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ କନ୍ଧମାଳ ଆରକ୍ଷୀ ଅଧିକ୍ଷକ ଭିଡିନ୍ ଅଗ୍ରୱାଲ ଟ୍ୱିଟ୍ ଜରିଆରେ ସୁଚନା ଦେଇଛନ୍ତି । ତେବେ ଗିରଫ ଅଭିଯୁକ୍ତ ଜଣକର ନାମ ଏବଂ ଠିକଣା ଜଣାପଡିନାହିଁ । ସେହିପରି ଘୁ.ଉଦୟଗିରି ଥାନା ଅଂଚଳରେ ଆଉ ଏକ ଘଟଣାରେ ଦେଶୀ ମଦ ପୋଚ ନଷ୍ଟ କରିବା ସହିତ ଦଶୀ ବିଦେଶୀ ମଦ ଜବତ କରି ଜଣ ଜଣେ ଅଭିଯୁକ୍ତକୁ ଗିରଫ କରିଛି ପୋଲିସ । ସୁଚନା ଅନୁସାରେ ଆଜି ପୋଲିସ ଘୁ.ଉଦୟଗିରି ଥାନା ଅଂଚଳରେ ଲୋକଙ୍କ ଦ୍ୱାରା ପ୍ରସ୍ତୁତ କରାଯାଉଥିବା ଦେଶୀ ମଦ ଭାଟିକୁ ଭାଙ୍ଗିବା ସହିତ ସେଠାରେ ୨୫୦ ଲିଟର ଦେଶୀ ମଦ ଜବତ କରିବା ସହିତ ସେଠାରେ ମଦ ପ୍ରସ୍ତୁତ ପାଇଁ ରହିଥିବା ୨୦୦ ଲିଟର ପୋଚ ମଧ୍ୟ ନଷ୍ଟ କରିଛି ପୋଲିସ । ଏହି ସଂକ୍ରାନ୍ତରେ ଏକ ମାମଲା ୭୦/୨୦୨୦ ରୁଜୁ କରିବା ସହିତ ସେହି ଅଂଚଳର ପଂଚୁ ସାହୁ ନାମକ ଜଣକୁ ଗିରଫ କରି ତାକୁ କୋର୍ଟ ଚାଲାଣ କରିଥିବା ନେଇ କନ୍ଧମାଳ ଆରକ୍ଷୀ ଅଧିକ୍ଷକ ସୁଚନା ଦେଇଛନ୍ତି ।

# ମହିଳାଙ୍କ ଘରେ ପଶି ଅସଦାଚାରଣ ଅଭିଯୋଗ

ମାଲକାନଗିରି,(ପିଏନ)--ପଡିଆ ବ୍ଲକ ଶିମିଳିବାଞ୍ଚା ପଂଚାୟତ ଅନ୍ତର୍ଗତ ଏମଭି୬୧ ଗ୍ରାମରେ ଜଣେ ମହିଳାଙ୍କ ଘରେ ସେହି ଗ୍ରାମର ଜଣେ ଲୋକ ରାତି ଅଧରେ ଅଚାନକ ପ୍ରବେଶ କରିତାଙ୍କୁ ଅସଦାଚାରଣ କରିଥିବା ମହିଳା ଜଣଙ୍କ ଥାନାରେ ଅଭିଯୋଗ କରିଛନ୍ତି । ସୂଚନା ମୁତାବକ ଏମ୍ ଭି ୬୧ ଗ୍ରାମର ରୀନା (ଛଦ୍ମ ନାମ) ନିଜ ଘରେ ଶୋଇଥିବା ବେଳେ ତାଙ୍କ ପଡୋଶୀ ମଦନ ବୈରାଗୀ ଅଧରାତିରେ ରେ ଘରକୁ ପ୍ରବେଶ କରିଥିଲେ । ଏତିକିବେଳେ ନୀଳିମା ଙ୍କ ନିଦ ଭାଙ୍ଗିଯିବାରୁ ସେ ଉଠିପଡି ମଦନ କୁ ପ୍ରତିରୋଧ କଲେ । ଗତକାଲି ଏ ନେଇ ଗ୍ରାମରେ ବୈଠକ ଅନୁଷ୍ଠିତ ହେବାକୁ ଥିବାବେଳେ ମଦନ ର ଏଭଳି କାଣ୍ଡ ଯୋଗୁଁ ଗ୍ରାମବାସୀ ବୈଠକକୁ ବାତିଲ କରିଥିଲେ । ଏହାପରେ ଆଜି ପୀଡିତା ନ୍ୟାୟ ପାଇଁ ଏମଭି ୭୯ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଛନ୍ତି । ଏ ନେଇ ଏମଭି୭୯ ଥାନାରେ କେସ୍ ନଂ ୫୭/୨୦ ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଥିବା ଏମଭି ୭୯ ଥାନା ଅଧିକାରୀ ଜୋହନ ଖୁଜୁର କହିଛନ୍ତି । ଅନ୍ୟପଟେ ମଦନ ମନ୍ଦ ଉଦ୍ଦେଶ୍ୟ ରଖି ପୀଡିତାଙ୍କ ଘରକୁ ଯାଇଥିବାରୁ ପରିବାର ଲୋକ ଏହାର ନିରପେକ୍ଷ ତଦନ୍ତ କରି ଦୋଷୀ ଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ କରିଛନ୍ତି ।

# ଟାଟାସ୍କାଏ ଓ ବେଦାନ୍ତ ଜେଇଇ ଓ ନିଟ୍ ଆଶାୟୀମାନଙ୍କୁ ଟିଭିସ୍କ୍ରିନ୍‌ରେ ଗୁଣାତ୍ମକ ଶିକ୍ଷା ପାଇଁ ସହଭାଗିତା ଘୋଷଣା







ଭୁବନେଶ୍ୱର : ଭାରତ ଛାତ୍ରଛାତ୍ରୀମାନଙ୍କ ପାଇଁ ଗୁଣାତ୍ମକ ଶିକ୍ଷାକୁ ପହଂଚଯୋଗ୍ୟ ଓ ସୁଲଭ କରିବା ପାଇଁ ଭାରତର ଅଗ୍ରଣୀ କଂଟେଂଟ୍ ବିତରଣ ଓ ପେ' ଟିଭି ପ୍ଲାଟ୍‌ଫର୍ମ ଟାଟାସ୍କାଏ, ଲାଇଭ୍ ଅନ୍‌ଲାଇନ୍ ଶିକ୍ଷା କ୍ଷେତ୍ରରେ ଅଗ୍ରଣୀ ବେଦାନ୍ତ ସହ ମିଶି ଆଜି ଏକ ଅଭିନବ ସହଭାଗିତା ଘୋଷଣା କରିଛି।ଟାଟାସ୍କାଏ ଜେଇଇ ପ୍ରେପ୍ ଓ ଟାଟାସ୍କାଏ ନିଟ୍‌ପ୍ରେପ୍ ନାମକ ଦୁଇଟି ସମର୍ପିତ ପ୍ଲାଟ୍‌ଫର୍ମ ସେବା ବେଦାନ୍ତ ସହ ସହଭାଗିତାରେ ଭିତିଭୂମି ପ୍ରସ୍ତୁତି(ଆଇଆଇଟି, ନିଟ୍, ଏନ୍‌ଟିଏସ୍‌ଇ, ଅଲିମ୍ପିଆଡ୍‌ସ) ପାଇଁ ୯ମରୁ ୧୦ମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ଆବଶ୍ୟକତା ଏବଂ ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ଆଇଆଇଟି ଜେଇଇମେନ୍, ଜେଇଇ ଆଡ୍‌ଭାନ୍ସଡ୍ (ଇନିୟରିଙ୍ଗ୍) ଓ ନିଟ୍ (ମେଡିକାଲ୍) ପାଇଁ ମୂଳ ପାଠ୍ୟକ୍ରମ ଗୁଡିକୁ ପୂରଣ କରିବେ। ଦିନକୁ ମାତ୍ର ୫ ଟଙ୍କାର ଏକ ପକେଟ୍-ଫ୍ରେଣ୍ଡଲିମୂଲ୍ୟରେ ଉପଲବ୍ଧ ଏହି ଶିକ୍ଷାକୁ ଶିକ୍ଷା କ୍ଷେତ୍ରରେ ପ୍ରମାଣିତ ଟ୍ରାକ୍‌ରେକର୍ଡ ସହିତ ଆଇଆଇଟି ଓ ଏମ୍‌ସର ଶିକ୍ଷାବିତ୍‌ମାନଙ୍କ ସମେତ ବେଦାନ୍ତର ବେଷ୍ଟ-ଇନ୍-କ୍ଲାସ୍‌ମାଷ୍ଟର ଟିଚର୍‌ମାନେ ପ୍ରଦାନ କରିବେ। ଶିକ୍ଷାର ମାଧ୍ୟମ ଉଭୟ ଇଂରାଜୀ ଓ ହିନ୍ଦୀ ଭାଷାର ହେବ। ଆଶାୟୀ ଛାତ୍ରଛାତ୍ରୀମାନେ ଶିକ୍ଷାଲାଭ କରିପାରିବେ, ବ୍ୟାଚ୍‌ଗୁଡିକୁ ପୁନରାବୃତି କରିପାରିବେ ଏବଂ ସିଲାବସ୍ ରିଭିଜନ୍, ପରୀକ୍ଷା ଓ କ୍ଲାସ୍‌ନୋଟ୍ ଆଦି କ୍ୟାଚ୍-ଅପ୍ ଓ ଅନ୍-ଡିମାଣ୍ଡ କଂଟେଂଟ୍‌ଗୁଡିକ ପାଇଁ ଆକ୍‌ସେସ୍ ପାଇପାରିବେ। ଛାତ୍ରଛାତ୍ରୀମାନେ ପ୍ରଶ୍ନ ପଚାରିପାରିବେ ଏବଂ ତାଙ୍କର ସନ୍ଦେହକୁ ବେଦାନ୍ତର ଦକ୍ଷ ଶିକ୍ଷକମାନେ ଦୂରକରିବେ। ଟାଟାସ୍କାଏର ସବ୍‌ସ୍କ୍ରାଇବର୍‌ମାନେ ବେଦାନ୍ତର ଲାଇଭ୍‌ଲର୍ଣ୍ଣିଙ୍ଗ୍ ପ୍ରୋଗ୍ରାମ ଗୁଡିକ ଉପରେ ଏକ ସ୍ୱତନ୍ତ୍ର ରିହାତି ପାଇପାରିବେ। ସବ୍‌ସ୍କ୍ରାଇବର୍ ମାନେ ଏହି ଅଫର୍ ମାଧ୍ୟମରେ ଲାଇଭ୍ କ୍ଲାସ୍, ପାଠ୍ୟସୂଚୀ, କୋର୍ସରିଭିଜନ ମ୍ୟାଟେରିଆଲ ଆଦି ଆକ୍‌ସେସ୍ କରିବାକୁ ସକ୍ଷମ ହେବେ।ଏହି ଅବସରରେ ଟାଟାସ୍କାଏର ଚିଫ୍ କମର୍ସିଆଲ ଆଣ୍ଡ କଂଟେଂଟ୍ ଅଫିସର ପଲ୍ଲବୀ ପୁରୀ କହିଛନ୍ତି, ' ଟାଟାସ୍କାଏର ଦେଶର ବହୁସଂଖ୍ୟକ ଦର୍ଶକଙ୍କ ନିକଟରେ ପହଂଚିବାର କ୍ଷମତା ରହିଛି। ଟିଭି ମାଧ୍ୟମରେ ଗୁଣାତ୍ମକଶିକ୍ଷା ପ୍ରଦାନ କରିବା କେବଳ ସର୍ବାଧିକ ସଂଖ୍ୟକ ଆଶାୟୀ ଛାତ୍ରଛାତ୍ରୀଙ୍କ ଲାଭାନ୍ୱିତ କରିବ ନାହିଁ ବରଂ ବ୍ରଡ୍‌ବ୍ୟାଣ୍ଡ ଉପଲବ୍ଧତାର ଅଭାବକୁ ଦୂରକରିବ ଯାହାକୁ ଛୋଟସହର ଓ ଗ୍ରାମାଂଚଳର ଛାତ୍ରଛାତ୍ରୀମାନେ ସମ୍ମୁଖୀନ ହେଉଛନ୍ତି।' ସେ ଆହୁରି ମଧ୍ୟ କହିଛନ୍ତି, ' କମ୍ପିଟିଟିଭ୍ ପରୀକ୍ଷାଗୁଡିକ ପ୍ରସ୍ତୁତିର ଏକ ନିର୍ଦ୍ଦିଷ୍ଟ ପଦ୍ଧତି ଆବଶ୍ୟକ। ବେଦାନ୍ତ ସହିତ ମିଳିତ ଭାବେ ଆମେ ବିଭିନ୍ନ ପ୍ରକାରର ପୃଷ୍ଠଭୂମି, କ୍ଷମତା ଓ ଶିକ୍ଷଣୀୟ ପସନ୍ଦରୁ ଆସୁଥିବା ବିବିଧ ଜନସଂଖ୍ୟା ପାଇଁ ପାଠ୍ୟକ୍ରମ ଉପକରଣ, ସଂଶାଧନ ଓ ଦକ୍ଷ ପ୍ରଶିକ୍ଷକ ପ୍ରଦାନ କରୁଛୁ, ଯାହାଫଳରେ ଆଶାୟୀ ଛାତ୍ରଛାତ୍ରୀଙ୍କ ପାଇଁ ଉନ୍ନତ ଶିକ୍ଷାକୁ ଅନେକ ସ୍ତରରେ ନିକଟତର କରାଯାଇପାରୁଛି।'ବେଦାନ୍ତର ସିଓଓ ଅରବିନ୍ଦ ସିଂଘଲ କହିଛନ୍ତି, ' କେ-୧୨ ଓ ପରୀକ୍ଷା ପ୍ରସ୍ତୁତିବର୍ଗରେ ୩୦ ମିଲିୟନରୁ ଅଧିକ ଛାତ୍ରଛାତ୍ରୀ ପ୍ରତିମାସରେ ବେଦାନ୍ତର ଲାଇଭ୍ ଲର୍ଣ୍ଣିଙ୍ଗ୍‌ରୁ ଉପକୃତ ହେଉଛନ୍ତି। ଆମେ ଆମର ଉଚ୍ଚ ପ୍ରଶିକ୍ଷିତଶିକ୍ଷକ ଓ ସ୍ୱତନ୍ତ୍ର ଭାବେ ନିର୍ମିତକ୍ଲାସ୍‌ଗୁଡିକୁ ନିଜ ଟିଭିସ୍କ୍ରିନ୍‌ରୁ ଶିକ୍ଷାଲାଭ କରୁଥିବା ଆଶାୟୀ ଇନିୟରିଙ୍ଗ ଓ ମେଡିକାଲ ପ୍ରବେଶିକା ପରୀକ୍ଷାର ଉଛାତ୍ରଛାତ୍ରୀମାନଙ୍କ ପାଖକୁନେବା ପାଇଁଟାଟାସ୍କାଏ ସହିତ ସହଭାଗିତା କରିଥିବାରୁ ଖୁବ୍ ଆନନ୍ଦିତ ଅଛୁ।

## ଅସହାୟ ପରିବାରକୁ କେବେ ମିଳିବ ସରକାରୀ ସହାୟତା

ମାଲକାନଗିରି:ସରକାର ଲୋକଙ୍କ ସୁବିଧା ପାଇଁ ବିଭିନ୍ନ ପ୍ରକାରର ଉନ୍ନତିମୂଳକ ପଦକ୍ଷେପ ନେଉଥିଲେ ମଧ୍ୟ ଏଥିରୁ ବଂଚିତ ରହିଯାଉଛନ୍ତି କିଛି ଅସହାୟ ବର୍ଗର ଲୋକେ । ଏପରି ଦୁଃଖଦ ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ ଅନ୍ତର୍ଗତ କୁନାନପଲ୍ଲୀ (ଏମ୍ପିଭି- ୭୩) ଗ୍ରାମରେ । ମିଳିଥିବା ସୂଚନା ଅନୁସାରେ, ଗତବର୍ଷ ଲକଡାଉନ ସମୟରେ ବିସକାଙ୍କ ସ୍ୱାମୀ ଆନ୍ଧ୍ରରୁ ଘରକୁ ଫେରିବା ବେଳେ ରାସ୍ତାରେ ହୃଦଘାତରେ ତାଙ୍କର ଦେହାନ୍ତ ହେଇଥିଲା । ସେହି ସମୟରେ ତାଙ୍କ ସରକାରୀ ସହାୟତା ବାବଦକୁ - ୨୦୦୦୦/-ଟଙ୍କା ପ୍ରଦାନ କରିବା ସହ ତାଙ୍କ ପରିବାର ଲୋକଙ୍କୁ ଅନ୍ୟାନ୍ୟ ସରକାରୀ ସୁବିଧା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇ ଆସିଥିଲେ । କିନ୍ତୁ ସେହି ପ୍ରତିଶୃତି ତା ରାସ୍ତାରେ। ସ୍ୱାମୀଙ୍କ ଦେହାନ୍ତ ପରେ ସମ୍ପୂର୍ଣ୍ଣ ପରିବାର ଅସହାୟ ହେଇଯାଇଥିବା ଦେଖିବାକୁ ମିଳିଛି । କୁନି କୁନି ତିନି ପିଲାଙ୍କୁ ଭଲ ଶିକ୍ଷା ଦେବା ଦୂରର କଥା, ଦିନକୁ ଦୁଇ ମୁଠା ଖାଇବାକୁ ଦେବା ଏକ ପ୍ରକାର କଷ୍ଟସାଧ୍ୟ ହେଇପଡୁଛି । ଏକ ଭଙ୍ଗା କୁଡ଼ିଆ ଘରେ ଚାରି ପ୍ରାଣୀ ରହିବା ମଧ୍ୟ କଷ୍ଟକର ବିଷୟ ହେଇପଡିଛି । ବର୍ଷା ସମୟରେ ଘର ଭିତରେ ବର୍ଷା ପାଣି ପଡୁଛି ଏହା ସହ ବାହାରର ଅଳିଆ ଆବର୍ଜନା ପାଣି ମଧ୍ୟ ଘର ଭିତରେ ପଶି ଯାଉଥିବା ଦେଖିବାକୁ ମିଳିଛି ।

# କ୍ୟାପିଟାଲ୍ ମସଜିଦ୍‌ରେ ତୀର୍ଥଯାତ୍ରୀଙ୍କ ବହୁମୁଖୀ ସୁବିଧା କେନ୍ଦ୍ରର ଭିତିପ୍ରସ୍ତର ସ୍ଥାପନ



ଭୁବନେଶ୍ୱର: ଆଜି ଭୁବନେଶ୍ୱର (ମଧ୍ୟ) ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୟୁନିଟ୍-୪ସ୍ଥିତ କ୍ୟାପିଟାଲ୍ ମସଜିଦ୍ ପରିସରରେ ତୀର୍ଥଯାତ୍ରୀଙ୍କ ବହୁମୁଖୀ ସୁବିଧା କେନ୍ଦ୍ରର ଭିତିପ୍ରସ୍ତର ସ୍ଥାପନ କରାଯାଇଛି । ରାଜ୍ୟସଭା ସାଂସଦ ଅମର ପଟ୍ଟନାୟକଙ୍କ କରକମଳରେ ଏହି ଭିତିପ୍ରସ୍ତର ସ୍ଥାପନା କରାଯାଇଛି । ରାଜ୍ୟ ସରକାରଙ୍କ ମୁରୀପ୍ରାପ୍ତ ତଥା ସୟଦ୍ ଆଲ୍‌ତାଫ୍ ଅଲ୍ଲୀଙ୍କ ପରିକଳ୍ପିତ ଏହି କେନ୍ଦ୍ର ପାଇଁ ୨କୋଟି ଟଙ୍କା ରାଜ୍ୟ ସରକାର ମୁର କରିଛନ୍ତି । ଏହି ଗୋଷ୍ଠୀ କେନ୍ଦ୍ର ଦ୍ୱାରା ଓଡିଶା ଭ୍ରମଣରେ ଆସୁଥିବା ବାହାର ରାଜ୍ୟର ମୁସଲମାନ ତୀର୍ଥଯାତ୍ରୀ ତଥା ଓଡିଶା ବାହାରକୁ ଯାଉଥିବା ମୁସଲମାନ୍ ତୀର୍ଥଯାତ୍ରୀ ସମସ୍ତ ସୁବିଧା ପାଇପାରିବେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟସଭା ସାଂସଦ ସୁଜିତ୍ କୁମାର, ମୁନ୍ନା ଖାଁ, ସୁବାସ ସିଂ, କଂଟାବାଂଝିର ପୂର୍ବତନ ବିଧାୟକ ଆୟୁବ୍ ଖାଁ, ୟୁନିଟ୍-୪ ଜାମା ମସଜିଦ୍‌ର ସଭାପତି ଶେଖ୍ ସାକିଲୁର୍ ରହମାନ୍ ଓ ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ ଏବଂ ଶେଖ୍ ଅବଦୁଲ୍ କାଲାମ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି ଅବସରରେ ସମାଜ ସେବା ପାଇଁ ବିଶିଷ୍ଟ ସମାଜ ସେବୀ ଜଜ୍‌ବା ଅନୁଷ୍ଠାନର ଅଧ୍ୟକ୍ଷ ସଫଦର୍ ହାସିମ୍ , ସାହା ନବାଜ୍ ଓ ସମସୁର୍ ରହେମାନ୍ ଖାଁଙ୍କ ସମେତ ଅନ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଯଦୁପୁର, ସୁନ୍ଦରପଦା ଓ ସତ୍ୟବିହାର ଆଖପାଖ ଅଂଚଳର ମୁସଲମାନ୍ ସମ୍ପ୍ରଦାୟର ଲୋକମାନଙ୍କ ସହ ସମସ୍ତ କର୍ପୋରେଟର, କ୍ରୀଡାବିତ୍, ସମାଜସେବୀ, ସ୍ଥାନୀୟ ବୁଦ୍ଧିଜିବୀ ଏବଂ ବରିଷ୍ଠ ନାଗରିକ ପ୍ରମୁଖ ଯୋଗ ଦେଇଥିଲେ ।

# ବଡଚଣା ଡାକ୍ତରଖାନାକୁ ୬ଟି ଅକ୍ସିଜେନ ଲୋକାର୍ପଣ




ଚଣ୍ଡିଖୋଲ : କରୋନା ମହାମାରୀ ପ୍ରଭାବରେ ଆକ୍ରାନ୍ତଙ୍କ ମଧ୍ୟରେ ଅକ୍ସିଜେନର ଆବଶ୍ୟକତା ହେତୁ ଆଜି ବଡଚଣା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆପ୍ୟାତି ଟେକ୍ନୋଲୋଜି ବାଙ୍ଗାଲୋର ଦ୍ୱାରା ପ୍ରଦତ୍ତ ୬ଟି ଅକ୍ସିଜେନ କନ୍ସିଟେଟର ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ପ୍ରୟାସ'ର ଅନୁରୋଧ କ୍ରମେ ବଡଚଣା ବିଧାୟକଙ୍କ ଦ୍ୱାରା ଲୋକାର୍ପଣ କରାଯାଇଛି। ଏହି ଅବସରରେ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟଚିକିତ୍ସା ଅଧିକାରୀ ଡାକ୍ତର ରଶ୍ମିରଂଜନ ପଶାୟତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଲୋକାର୍ପଣ ଉତ୍ସବରେ ବିଧାୟକ ଅମର ପ୍ରସାଦ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ 'ପ୍ରୟାସ' ଅନୁଷ୍ଠାନର ଉଦ୍ୟମରେ ପ୍ରଦତ୍ତ ୬ଟି ଅକ୍ସିଜେନ କନ୍ସିଟେଟର ରୋଗୀଙ୍କ ସେବାରେ ଅଧିକ ସହାୟକ ହେବବୋଲି କହିବା ସହିତ କମ୍ପାନୀର ଓଡିଶା ମୁଖ୍ୟ ଜୟଦେବ ବିଶ୍ୱାଳଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରୟାସର ସଭାପତି ଆଶିଷ କୁମାର ମହାପାତ୍ର,ସଂପାଦକ ଭାରତ ଭୂଷଣ ପଣ୍ଡା,ଜିଲାପରିଷଦ ସଭ୍ୟ ଅରବିନ୍ଦ ସାମଲ,ଫାର୍ମାସିଷ୍ଟ ପ୍ରବୀର କୁମାର ଦାଶ ଓ ଜନ ସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ମନୋରମା ସ୍ୱାଇଁ ପ୍ରମୁଖ ଯୋଗଦେଇ ଏପରି କାର୍ଯ୍ୟକ୍ରମକୁ ଉଚ୍ଚପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ସୁଶାନ୍ତ କୁମାର ନାୟକ,ବସନ୍ତ କୁମାର ପଲେଇ,ଉତ୍କଳ ପ୍ରଧାନ,ଭବତୋଷ ବିଶ୍ୱାଳ,ମକରଧ୍ୱଜ ଦାସ,ପ୍ରତାପ ଗୋଛାୟତଙ୍କ ସମେତ ଗଣେଶ୍ୱର ବରାଳ,ସରପଂଚ ଆଶିଷ ରଂଜନ ଚୌଧୁରୀ,ମିହିର ସ୍ୱାଇଁ,ଆମ୍ବା ଅଧକ୍ଷ ନିରଂଜନ ସେନାପତି,ମଧୁସୂଦନ ବଳ ପ୍ରମୁଖ ଉପସ୍ଥିତଥିଲେ। ଶେଷରେ ସୁରେନ୍ଦ୍ର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## କ୍ୟାନସର ପୀଡିତ,ବେସାହାରା ଶିଶୁଙ୍କୁ ସହାୟତା

ଧର୍ମଶାଳା: ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜାରକାର ଅଂଶୁମାନ ମେମୋରିଆଲ୍ ଟ୍ରଷ୍ଟ ପକ୍ଷରୁ କୋତପୁର ପଂଚାୟତ ସାନରାଏପଡା ଗ୍ରାମର କ୍ୟାନସର ପୀଡିତ ଦୀନବନ୍ଧୁ ଦାସଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଦୀନବନ୍ଧୁଙ୍କ ଚିକିତ୍ସା ସହିତ ତାଙ୍କ ଛୋଟ ଦୁଇ ପୁଅ ଓ ଜଣେ ଝିଅ କିପରି ପାଠ ପଢିବେ ଏବଂ ଏହି ପରିବାରକୁ ଯେପରି ସମସ୍ତ ସରକାରୀ ସହାୟତା ମିଳିପାରିବ ଏଥିନେଇ ପଦକ୍ଷେପ ଗ୍ରହଣ କରିବାକୁ ଟ୍ରଷ୍ଟ ପକ୍ଷରୁ ପ୍ରତିଶୃତି ଦିଆଯାଇଛି । ସେହିପରି ସ୍ଥାନୀୟ ଓଡଙ୍ଗ ଗ୍ରାମର ଚନ୍ଦ୍ରଶେଖର ମଲିକଙ୍କ ପତ୍ନୀ ସଂଧ୍ୟାରାଣୀଙ୍କ ଦେଢବର୍ଷ ପୂର୍ବେ ମୃତ୍ୟୁ ହୋଇଥିବା ବେଳେ ୩ଦିନ ପୂର୍ବେ ଚନ୍ଦ୍ରଶେଖରଙ୍କ ଅକାଳ ବିୟୋଗ ଘଟିଛି । ଫଳରେ ଚନ୍ଦ୍ରଶେଖରଙ୍କ ବୃଦ୍ଧା ମା', ଅବିବାହିତା ଭଉଣୀ, ଦୁଇ ଛୋଟ ପୁଅ ଓ ଜଣେ ସାନ ଝିଅ ବେସାହାରା ହୋଇଯାଇଛନ୍ତି । ଖବର ପାଇ ଟ୍ରଷ୍ଟର ସଂପାଦକ ହିମାଂଶୁ ଶେଖର ସାହୁ ଆଜି ଓଡଙ୍ଗ ଗ୍ରାମରେ ପହଁଚି ଏହି ପରିବାରକୁ ଦଶ ହଜାର ଟଙ୍କା ସହିତ ରାସନ ସାମଗ୍ରୀ ପ୍ରଦାନ କରିଛନ୍ତି । ଉକ୍ତ ପରିବାରକୁ କିପରି ସରକାରୀ ଏବଂ ବଦାନ୍ୟ ବ୍ୟକ୍ତିଙ୍କ ସହାୟତା ମିଳିପାରିବ ଏନେଇ ଶ୍ରୀ ସାହୁ ସ୍ଥାନୀୟ ଲୋକ ପ୍ରତିନିଧି ଓ ଗ୍ରାମର ଯୁବକମାନଙ୍କ ସହିତ ଆଲୋଚନା କରିଥିଲେ।

# କରୋନା ପାଇଁ ଉଜୁଡି ଗଲାଣି ବ୍ୟବସାୟୀକ ପ୍ରତିଷ୍ଠାନ



କୋଣାର୍କ : ସମଗ୍ର ବିଶ୍ୱରେ ମହାମାରୀ କରୋନା ଭୁତାଣୁ ସଂକ୍ରମଣ କାୟା ବିସ୍ତାର କରୁଥିବା ବେଳେ ଲୋକଙ୍କ ଜୀବନ ଜୀବିକା ଉଜାଡି ଦେଇଛି । ଏହାର ପ୍ରଭାବ ଆନ୍ତର୍ଜାତିକ ପର୍ଯ୍ୟଟନ ସ୍ଥଳି କୋଣାର୍କରେ ମଧ୍ୟ ଦେଖିବାକୁ ମିଳିଛି । ପର୍ଯ୍ୟଟକଙ୍କ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଥିବା ବ୍ୟବସାୟୀ ଏବେ ଜୀବିକା ହରାଇ ଦୂର୍ଦ୍ଦିନରେ କାଳାତିପାତ କରୁଛନ୍ତି । ମହାମାରୀ କରୋନା ପାଇଁ ଗତ ବର୍ଷ ୨୦୨୦ମାର୍ଚ୍ଚ ମାସରୁ ପ୍ରଶାସନ ପକ୍ଷରୁ ପର୍ଯ୍ୟଟକଙ୍କ ଆଗମନ ଉପରେ ରୋକ ଲଗାଯାଇଥିବା ବେଳେ ବିଶ୍ୱ ଐତିହ୍ୟ ସୂର୍ଯ୍ୟ ମନ୍ଦିର ପରିଦର୍ଶନ ମଧ୍ୟ ଏଯାବତ ବନ୍ଦ ରହିଛି । ଫଳରେ ପର୍ଯ୍ୟଟକ ନ ଆସିବାରୁ ସୂର୍ଯ୍ୟ ମନ୍ଦିର ସହିତ ଜଡିତ ଟୁରିଷ୍ଟ ଗାଇଡ୍, ଫଟୋଗ୍ରାଫର, ଫଟୋ ମାଳି ବ୍ୟବସାୟୀ, ହସ୍ତଶୀଳ୍ପ ବ୍ୟବସାୟୀ, ହେଟେଲ, ଲଜ, ଜଳଖିଆ ଦୋକାନୀ ଏବେ ଜୀବିକା ହରାଇ ବଞ୍ଚିବା ପାଇଁ ସଂଘର୍ଷ କରୁଛନ୍ତି । ଏହି ବ୍ୟବସାୟୀମାନେ ସୂର୍ଯ୍ୟମନ୍ଦିର ସମ୍ମୁଖ, ଚନ୍ଦ୍ରଭାଗା, ରାମଚଣ୍ଡୀଙ୍କ ପୀଠରେ ନିଜ ନିଜ ବ୍ୟବସାୟ ପ୍ରତିଷ୍ଠାନ କରି ବ୍ୟବସାୟ କରିବା ସହିତ ପରିବାର ପ୍ରତିପୋଷଣ କରୁଥିଲେ । ଇତି ମଧ୍ୟରେ ୨ବର୍ଷ ବିତିବାକୁ ବସିଲାଣି ପରିସ୍ଥିତ ସୁଧୁରି ନଥିବା ବେଳେ ବ୍ୟବସାୟ ପ୍ରତିଷ୍ଠାନ ଗୁଡିକ ରକ୍ଷାଣା ବେକ୍ଷଣର ଅଭାବରୁ ଖରା, ବର୍ଷା ଓ ପବନରେ ଉଜିଡି ଗଲାଣି । ଏହି ସମୟରେ ଖୋଲା ଆକାସ ତଳେ ଥିବା ବ୍ୟବସାୟୀକ ପ୍ରତିଷ୍ଠାନ ଗୁଡିକରୁ ଚୋରୀ, ଏବେ ବେଡି ଉପରେ କୋରାଡା ମାଡପରି ହେଲାଣି। ଫଳରେ ବ୍ୟବସାୟୀଙ୍କ ଜୀବନ ଜୀବିକା ଉଜୁଡି ଯାଇଥିବା ବେଳେ ସରକାରୀ ସହାୟତାକୁ ଆତୁର ନୟନରେ ଚାହିଁ ବସିଛନ୍ତି। ପର୍ଯ୍ୟଟକ ଓ ସୂର୍ଯ୍ୟ ମନ୍ଦିର ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଥିବା ଅନେକ ବ୍ୟକ୍ତି ଏବେ ସେମାନଙ୍କ ଜୀବିକା ପରିବର୍ତ୍ତନ କରି ପରିବା, ଚାହା, ଅଣ୍ଡା, ପାନ, ଜଳଖିଆ ଦୋକାନ କରି ଦୂର୍ଦ୍ଦିନରେ ଜୀବିକା ନିର୍ବାହ କରୁଛନ୍ତି। ଏତଦବ୍ୟତିତ ଏହି ସମୟରେ ଯାନବାହାନ ଚଳାଚଳ ଓ ଛୋଟ ଛୋଟ ପ୍ରତିଷ୍ଠାନ ବନ୍ଦ ହୋଇ ଯାଇଥିବାରୁ ଏଥିରେ କାମ କରୁଥିବା କର୍ମଚାରୀମାନେ କାମଧନ୍ଧା ନପାଇ ମୂଳ ଲାଗୁଥିବା ଦେଖିବାକୁ ମିଳିଛି।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray